# ଉତ୍କଳ ପ୍ରସଙ୍ଗ







Vol. XL No. 9

UTKAL PRASANGA

Regd. No. O-05

Licence No. C.R.

Licensed to

post without Pre

PRINTED AT

ORISSA GOVERNM








UTKALA
DIVAS
CELEBRATI
IN
BHUBANES

# ଉତ୍କଳ ପ୍ରସଙ୍ଗ

ବୈଶାଖ ୧୯୦୬ ଶକାବ୍ଦ ୪୦ ଖଣ୍ଡ ୧୦ ସଂଖ୍ୟା ମଇ ୧୯୮୪


ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ: ଶ୍ରୀ ଫଣୀଭୂଷଣ ଦାସ

ସମ୍ପାଦକ: ଶ୍ରୀ ଭୋଳାନାଥ ରଥଗୁରୁ

ସହ ସମ୍ପାଦକ: ଡକ୍ଟର ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ: ଶ୍ରୀ ଲୋକନାଥ ଦଣ୍ଡୀ

ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

ସଜ୍ଜା ଶିଳ୍ପୀ

ଶ୍ରୀ ଅସିତ୍ ମୁଖାର୍ଜୀ



ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଚାନ୍ଦା ୧୦.୦୦
ପ୍ରତି ଖଣ୍ଡ ୧.୦୦

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ, ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର


| | | | |
|---|---|---|---|
| ଶ୍ରୀ ଜୟଦେବ ଓ ଶ୍ରୀ ଗୀତଗୋବିନ୍ଦ | .. | ୧ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ |
| ଶ୍ରମିକ ଓ ଔଦ୍ୟୋଗିକ ଗଣତନ୍ତ୍ର | .. | ୩ | ଶ୍ରୀ ମୁରରି ଜେନା |
| ଅତିମାନବ ଜୁଆଙ୍ଗ | .. | ୫ | ଶ୍ରୀ ବଳରାମ ରାଉତ |
| ଓଡ଼ିଶାର ଐତିହ୍ୟ | .. | ୯ | ଶ୍ରୀ ପଙ୍କଜ ସାହୁ |
| ଓଡ଼ିଶାରେ ହସ୍ତଶିଳ୍ପର ବିକାଶ | .. | ୧୫ | ଶ୍ରୀ ବଳଭଦ୍ର ପାତ୍ର |
| ଶ୍ୱେତ ମଜୁରିଆ ଓ ସର୍ବନିମ୍ନ ମଜୁରୀ | .. | ୧୭ | ଶ୍ରୀ ଜେନାମଣି ଲକ୍ଷ୍ମୀକାନ୍ତ |
| ଆମ ରାଜ୍ୟର ଲୋକନୃତ୍ୟ | .. | ୨୧ | ଶ୍ରୀ ନୃସିଂହ ପ୍ରସାଦ ଦେବ |
| ଦୃଷ୍ଟିହୀନ ବିଦ୍ୟାଳୟ | .. | ୨୩ | ଶ୍ରୀ ମହେନ୍ଦ୍ର ନାଥ ମହାନ୍ତି |
| ଘୋଡ଼ ସବାର ବାହିନୀ | .. | ୨୫ | ମେଜର (ଡକ୍ଟର) ବି. ବି. ରଥ |
| ଓଡ଼ିଶାରେ କୁଣି ଚିଙ୍ଗୁଡ଼ି ଚାଷ | .. | ୨୮ | ଶ୍ରୀ ସୂର୍ଯ୍ୟ କୁମାର ମହାନ୍ତି |
| ପ୍ରଗତି ପ୍ରସଙ୍ଗ | .. | ୩୧ | |



ମଇ ଦିବସ ଉପଲକ୍ଷେ

# ମୁଖ୍ୟମନ୍ତ୍ରୀଙ୍କ

# ବାର୍ତ୍ତା

୧୯୮୪ ମଇ ଦିବସ ଉପଲକ୍ଷେ ମୁଁ ଓଡ଼ିଶାର ମଜଦୁର ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ
ଅଭିନନ୍ଦନ ଜଣାଉଛି ।

ପୃଥିବୀର ଶ୍ରମଜୀବୀ ଜନଗଣଙ୍କ ପାଇଁ ମଇ ପହିଲା ଏକ ମହତ୍ତ୍ୱପୂର୍ଣ୍ଣ ସ୍ମରଣୀୟ ଦିବସ ।
ଶ୍ରମଜୀବୀ ଜନସାଧାରଣଙ୍କର ନ୍ୟାଯ୍ୟ ଅଧିକାର ହାସଲ କରିବା କ୍ଷେତ୍ରରେ ଏହା ଏକ ପ୍ରଧାନ
ମାଇଲି ଖୁଣ୍ଟି, ସଂଗ୍ରାମର ଏକ ଜ୍ୱଳନ୍ତ ସ୍ମାରକୀ ।

ଓଡ଼ିଶାର ଲୋକସଂଖ୍ୟାର ପ୍ରାୟ ଏକ-ତୃତୀୟାଂଶ ଶ୍ରମିକ ଶ୍ରେଣୀର ଲୋକ ଓ ଏମାନଙ୍କ
ମଧ୍ୟରେ କୃଷି ଶ୍ରମିକଙ୍କ ସଂଖ୍ୟା ସର୍ବାଧିକ । ସାରାଦେଶରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା
ଲୋକଙ୍କ ମଧ୍ୟରୁ ଶତକଡ଼ା ୧୧ ଭାଗ ଶ୍ରମିକ ଥିବାବେଳେ ଓଡ଼ିଶାରେ ମାତ୍ର ଶତକଡ଼ା ୭ ଭାଗ
ଶ୍ରମିକ ଅଛନ୍ତି । ଏହାର କାରଣ ହେଉଛି, ଶିଳ୍ପକ୍ଷେତ୍ରରେ ଓଡ଼ିଶାର ଅନଗ୍ରସର ଅବସ୍ଥା ।
ଶିଳ୍ପକ୍ଷେତ୍ରରେ ଓଡ଼ିଶାକୁ ଏକ ଶ୍ରେଷ୍ଠ ସମୃଦ୍ଧିଶାଳୀ ରାଜ୍ୟରୂପେ ଗଢ଼ିବା ହେଉଛି ଆମର ଲକ୍ଷ୍ୟ ।
ସେଥିପାଇଁ କୃଷି, ଶିଳ୍ପ, ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ ଆଦି କ୍ଷେତ୍ରରେ ଏକ ବ୍ୟାପକ କାର୍ଯ୍ୟକ୍ରମ
ଆରମ୍ଭ କରାଯାଇଛି । ସମାଜର ସବୁ ଶ୍ରେଣୀର ଲୋକଙ୍କ ସାହାଯ୍ୟ ବିନା ଏହା ସମ୍ଭବ ନୁହେଁ ।
ବିଶେଷ ଭାବରେ ଓଡ଼ିଶାର ଅଗ୍ରଗତିରେ ଶ୍ରମଶକ୍ତିର ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ ।
ରାଜ୍ୟ ସରକାର ଶ୍ରମିକମାନଙ୍କର ବିଭିନ୍ନ ସୁଖ ସୁବିଧା ଏବଂ ନ୍ୟାୟୋଚିତ ଦାବୀ ହାସଲ
କରିବାରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ସର୍ବନିମ୍ନ ମଜୁରୀ ହାରକୁ ବଢ଼ାଇ ଦିଆଯାଇଛି ।
ରାଜ୍ୟରେ ଦରିଦ୍ର ଲୋକଙ୍କ ଉତ୍ଥାନ ପାଇଁ ପ୍ରାୟ ୫ ଲକ୍ଷ ପରିବାରଙ୍କୁ ସ୍ଥାୟୀ ଭାବରେ ଉତ୍ଥାନ
କରାଯିବାର ବ୍ୟବସ୍ଥା କରାଯାଉଛି । ଏହି ୫ ଲକ୍ଷ ପରିବାର ହେଉଛନ୍ତି ଭୂମିହୀନ ଗୁଣୀ-ମୂଲିଆ
ଶ୍ରେଣୀର ଲୋକ । ଶ୍ରମିକମାନଙ୍କ ମଙ୍ଗଳ ପାଇଁ ଶ୍ରମିକ ବୀମା ଯୋଜନା, ଭବିଷ୍ୟନିଧି ଯୋଜନା,
ମାତୃମଙ୍ଗଳ ଯୋଜନା ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ।

ସରକାର ଚାହାଁନ୍ତି ରାଜ୍ୟରେ ଏପରି ଏକ କାମଧନ୍ଦାର ବାତାବରଣ ସୃଷ୍ଟି ହେଉ,
ଯେଉଁଥିରେ ବହୁ ଶ୍ରମିକ ଓଡ଼ିଶା ବାହାରକୁ ଯାଇ ଦାଦନ ଶ୍ରମିକ ଭାବରେ ବିଭିନ୍ନ ଅସୁବିଧାରେ ନ ପଡ଼ନ୍ତୁ । ସରକାର ଏ ସମ୍ପର୍କରେ ମଧ୍ୟ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିଛନ୍ତି ।

ଶ୍ରମିକମାନଙ୍କର ନ୍ୟାୟୋଚିତ ଦାବୀ କିପରି ଶୀଘ୍ର ସମାଧାନ ହେବ, ପରିଚାଳନା କ୍ଷେତ୍ରରେ
ସେମାନେ ଅଧିକରୁ ଅଧିକ ଅଂଶୀଦାର ହେବେ, ବିଭିନ୍ନ ଶ୍ରମିକ ଆଇନର ଫଳ ସେମାନେ ଯେପରି
ଭୋଗ କରିପାରିବେ, ତାହାହିଁ ସରକାରଙ୍କର ଆନ୍ତରିକ ଇଚ୍ଛା ।

ମୁଁ ଏହି ପବିତ୍ର ମଇ ଦିବସ ଉପଲକ୍ଷେ ସେମାନଙ୍କ ପ୍ରତି ରାଜ୍ୟ ସରକାରଙ୍କର ଏକାନ୍ତ
ସଦିଚ୍ଛା ଓ ମିତ୍ରତା ଘୋଷଣା କରିବା ସଙ୍ଗେ ସଙ୍ଗେ ଆଶା କରୁଛି ଯେ ଏକ ନୂତନ ଓଡ଼ିଶା
ନିର୍ମାଣ ପାଇଁ ସେମାନେ ସରକାରଙ୍କ ସହ ପୂର୍ଣ୍ଣ ସହଯୋଗ କରିବେ ।

ଜୟହିନ୍ଦ

ଜାନକୀବଲ୍ଲଭ ପଟ୍ଟନାୟକ



# ଶ୍ରୀ ଜୟଦେବ : ଶ୍ରୀ ଗୀତଗୋବିନ୍ଦ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ବିଶ୍ୱ ବିଶ୍ରୁତ ଗୀତଗୋବିନ୍ଦ କାବ୍ୟର ପ୍ରଣେତା ଶ୍ରୀ ଜୟଦେବ ଓଡ଼ିଶାର ଶ୍ରେଷ୍ଠକବି ଓ ଓଡ଼ିଆ ସଂସ୍କୃତିର ପ୍ରତୀକ । ଭୁବନେଶ୍ୱର ନିକଟବର୍ତ୍ତୀ ପ୍ରାଚୀ ନଦୀ ତଟଦେଶସ୍ଥିତ କେନ୍ଦୁବିଲ୍ୱ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ଶତାବ୍ଦୀ ବ୍ୟାପୀ ପ୍ରାଚୀ କୂଳରେ ଗଢ଼ି ଉଠିଥିବା ସଂସ୍କୃତିର ପ୍ରଧାନ କେନ୍ଦ୍ର ଥିଲା କେନ୍ଦୁବିଲ୍ୱ ଗ୍ରାମ । ପ୍ରାଚୀନ କେନ୍ଦୁବିଲ୍ୱ ଗ୍ରାମ ଆଧୁନିକ ଯୁଗରେ ଅପଭ୍ରଂଶ କେନ୍ଦୁଲି ନାମରେ ସୁବିଦିତ । ଶ୍ରୀ ଜୟଦେବଙ୍କ ଜନ୍ମସ୍ଥାନ ସଂପର୍କରେ ପୂର୍ବରୁ ବହୁ ବାଦାନୁବାଦ ରହି ଆସିଥିଲା । ବଙ୍ଗଳାର କେନ୍ଦୁଲି-ଯାତ୍ରାରେ ଜୟଦେବଙ୍କ କିମ୍ବଦନ୍ତୀକୁ ଉପସ୍ଥାପିତ କରି ତାଙ୍କର ଜନ୍ମସ୍ଥାନ ବୀରଭୂମ ଜିଲାର କେନ୍ଦୁଲି ବୋଲି ପ୍ରମାଣିତ କରିବାପାଇଁ ଚେଷ୍ଟା କରାଯାଉଥିଲା । କିନ୍ତୁ ବଙ୍ଗଳାର ପ୍ରସିଦ୍ଧ ଗବେଷକ, ଅଧ୍ୟାପକ ଓ ପ୍ରବୀଣ ସାହିତ୍ୟିକମାନେ ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି ଯେ ଜୟଦେବ ଓଡ଼ିଶାର କବି ଏବଂ ଓଡ଼ିଶାର କେନ୍ଦୁଲି ଗ୍ରାମରେ ତାଙ୍କର ଜନ୍ମ । ଅଦ୍ୟାବଧି କେନ୍ଦୁଲି ଗ୍ରାମରେ ଅବସ୍ଥିତ ମନ୍ଦିର ଓ ସ୍ଥାପତ୍ୟର ଭଗ୍ନାବଶେଷ ଜୟଦେବଙ୍କ ପୃଷ୍ଠଭୂମିର ବଳିଷ୍ଠ ପ୍ରମାଣ ।

ଭକ୍ତକବି ଜୟଦେବଙ୍କ ଆଧ୍ୟାତ୍ମିକ ସାଧନାର ପୀଠ ଥିଲା କେନ୍ଦୁଲି ଗ୍ରାମ । ସେଠାରେ ସେ ତାଙ୍କ ଆରାଧ୍ୟ ରାଧାମାଧବଙ୍କୁ ପୂଜା କରୁଥିଲେ । ଗୀତଗୋବିନ୍ଦ କାବ୍ୟ ରଚ କାଳରେ ସ୍ୱୟଂ ଶ୍ରୀକୃଷ୍ଣ କିପରି ତାଙ୍କ କୁଟୀରରେ ପଦାର୍ କରିଥିଲେ, ତାହା ଏବେ ସୁଦ୍ଧା ଜନମାନସରେ ଜୀବନ୍ତ ହେ ରହିଛି । ଓଡ଼ିଶାରେ ରାଧାମାଧବଙ୍କ ପୂଜା ଶତାବ୍ଦୀ ବ୍ୟା ପ୍ରଚଳିତ । ଶ୍ରୀ ଜୟଦେବ ଗୀତଗୋବିନ୍ଦ କାବ୍ୟରେ ରାଧାକୃଷ୍ଣ ପ୍ରେମଗାଥା ବର୍ଣ୍ଣନା କରି ନିଜର ଅମରକୃତିରେ ଅମର ହେ ରହିଛନ୍ତି । ପ୍ରଖ୍ୟାତ ଦାର୍ଶନିକ ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ ମତରେ-ଗୀତଗୋବିନ୍ଦ କେବଳ ରାଧାକୃଷ୍ଣଙ୍କର ପ୍ରେମଲୀ ନୁହେଁ, ଏହା ହେଉଛି ପୁରୁଷ ଓ ନାରୀର ଦିବ୍ୟ ପ୍ରେ ବର୍ଣ୍ଣନା ।

ଗୀତଗୋବିନ୍ଦରେ ଜୟଦେବ ପ୍ରଥମ ଶ୍ଳୋକରେ ନନ୍ଦଙ୍କ ରାଧାଙ୍କ ପ୍ରତି ଉପଦେଶ ବର୍ଣ୍ଣନା କରି ଲେଖିଛନ୍ତି -

ମେଘୈର୍ମେଦୁର ମମ୍ବରଂ ବନଭୁବଃ ଶ୍ୟାମସ୍ତମାଳ ଦ୍ରୁମୈ
ର୍ନକ୍ତଂ ଭୀରୁରୟଂ ତ୍ୱମେବ ତଦିମଂ ରାଧେ ଗୃହଂ ପ୍ରାପୟ ।
ଇତ୍ଥଂ ନନ୍ଦନିଦେଶତ ଶ୍ଚଳିତୟୋଃ ପ୍ରତ୍ୟଧ୍ୱ କୁଞ୍ଜଦ୍ରୁମଂ
ରାଧାମାଧବ ଯୋର୍ଜୟନ୍ତି ଯମୁନା କୂଳେ ରହଃ କେଳୟଃ ॥

"ମେଘ ଗୁମିଆଡ଼େ ଘୋଟି ଆସିଲଣି । ତମାଳ ବନରେ ଅନ୍ଧାର ଦେଖା ଗଲଣି । କୃଷ୍ଣ ଘରକୁ ବାଟ ଦେଖି ପାରିବ ନାହିଁ । ରାଧା, ତୁମେ କୃଷ୍ଣକୁ ବାଟ କଢ଼େଇ ନେଇ ଘରେ ପହଞ୍ଚାଇ ଦିଅ" । ପୁନର୍ବାର ରାଧା କୃଷ୍ଣକୁ କହୁଛନ୍ତି ଯେ ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଏହାହିଁ ସତ୍ୟ ! କାରଣ ଜୀବନର ପଥ ଅନ୍ଧକାରମୟ । ଠିକ୍ ଲକ୍ଷ୍ୟ ସ୍ଥଳରେ ପହଞ୍ଚି-ବାକୁ ହେଲେ ବାଟ ବିତାଇବା ପାଇଁ ନାରୀର ସାହାଯ୍ୟ ଅପରିହାର୍ଯ୍ୟ ।

ଶ୍ରୀ ଜୟଦେବ ଗୀତଗୋବିନ୍ଦରେ କହିଛନ୍ତି ଯେ କେବଳ ରାଧାକୃଷ୍ଣଙ୍କର ପ୍ରେମଲୀଳା ଏଥିରେ ବର୍ଣ୍ଣିତ ହୋଇଛି, ତାହା ନୁହେଁ । ମଣିଷ ଯାହା ପାଇବାକୁ ଇଚ୍ଛା କରେ, ଯେଉଁ ଉପରେ ଚର୍ଚ୍ଚା କରିବାକୁ ଚାହେଁ, ତାହା ଏହାରି ଭିତରୁ ହିଁ ଲାଭ କରି ପାରିବ । ସେଥିପାଇଁ କବି ଲେଖିଛନ୍ତି ,ଯଦି ହରିଭଜନେଷୁ ସରସଂ ମନଃ, ଯଦା ବିଳାସ କଳାସୁ କୁତୂହଳଂ' ଅର୍ଥାତ୍ ମନ ଯଦି ହରିଭଜନ ବା ଆଧ୍ୟାତ୍ମିକ ଲାଭପାଇଁ ଇଚ୍ଛା, ତେବେ ଗୀତଗୋବିନ୍ଦ ପାଠକର । ଯଦି ପ୍ରେମରସ ଆସ୍ୱାଦନ କରିବାକୁ ଇଚ୍ଛାକର, ତା' ହେଲେ ମଧ୍ୟ ଗୀତଗୋବିନ୍ଦ ପାଠକର ।

ଓଡ଼ିଆ ଜାତିର ସଂସ୍କୃତି ଓ ଭାଷା ବହୁ ପ୍ରାଚୀନ । ଗୋଟିଏ ଜାତିର ପ୍ରଧାନ ଅଭିମାନ ହେଉଛି, ତା'ର ଭାଷା ଓ ସାହିତ୍ୟ, ନୃତ୍ୟ ଓ ସଙ୍ଗୀତ ଏବଂ କଳା ଓ ସଂସ୍କୃତି । ଏ ସମସ୍ତ ନଥିଲେ କେବଳ ଭୌତିକ ଐଶ୍ୱର୍ଯ୍ୟ ଦ୍ୱାରା କୌଣସି ଜାତିର ବୈଶିଷ୍ଟ୍ୟ ପ୍ରତିପାଦିତ ହୁଏ ନାହିଁ । ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦ ଓଡ଼ିଶାର ପ୍ରାଚୀନ କଳା, ସଙ୍ଗୀତ ଓ ଭାସ୍କର୍ଯ୍ୟ ମଧ୍ୟରେ ଥିବା ସାମଞ୍ଜସ୍ୟର ପ୍ରତୀକ । ଏହା ଯୁଗ ଯୁଗ ଧରି ଓଡ଼ିଶାର ପ୍ରସ୍ତର ଗାତ୍ରରେ ଖୋଦିତ, ପ୍ରାଚୀନ ବସ୍ତ୍ରରେ ମୁଦ୍ରିତ ଓ ଓଡ଼ିଶୀ ସଙ୍ଗୀତ ମଧ୍ୟରେ ପ୍ରସ୍ଫୁଟିତ ।

ଗୀତଗୋବିନ୍ଦ ଭକ୍ତକବି ଜୟଦେବଙ୍କର ଏକ ଅନବଦ୍ୟ ସୃଷ୍ଟି । ସଂସ୍କୃତ ଭାଷାରେ ବ୍ୟୁତ୍ପତ୍ତି ଲାଭ କରିଥିବା ବିଶ୍ୱବିଖ୍ୟାତ କବି କାଳିଦାସ, ଭବଭୂତି, ଶ୍ରୀହର୍ଷ ଓ ମାଘଙ୍କ ପରି ଜୟଦେବ ଗୀତଗୋବିନ୍ଦ ପାଇଁ ସୁପ୍ରସିଦ୍ଧ । ଅତି ମନୋରମ ରଚନାଶୈଳୀ ଓ ଭାଷା ବିନ୍ୟାସ ହିଁ ତାଙ୍କ ରଚନାର ଅଦ୍ଭୁତ ପରକାଷ୍ଠା । ଶ୍ରୀ.ଜୟଦେବଙ୍କ ସଂପର୍କିତ ଅପ୍ରକାଶିତ ତାଳପତ୍ର ପାଣ୍ଡୁଲିପି-ଗୁଡ଼ିକ ସଂଗ୍ରହ କରି ବିଭିନ୍ନ ଭାଷାରେ ତାର ଅନୁଦିତ ହେବା ଆବଶ୍ୟକ ଓ ପ୍ରଖ୍ୟାତ ବିଦ୍ୱାନମଣ୍ଡଳୀଙ୍କ ଦ୍ୱାରା ସର୍ବ ଭାରତୀୟ ସ୍ତରରେ ତାଙ୍କ ସଂପର୍କରେ ଆଲୋଚନାଚକ୍ର ହେବା ବାଞ୍ଛନୀୟ ।





# ଶ୍ରମିକ ଓ ଔଦ୍ୟୋଗିକ ଗଣତନ୍ତ୍ର

ଶ୍ରୀ ମୁରାରୀ ଜେନା

ପ୍ରଥମେ ଔଦ୍ୟୋଗିକ ଗଣତନ୍ତ୍ରରେ ଶ୍ରମିକମାନଙ୍କର ଶିଳ୍ପ ପ୍ରତିଷ୍ଠାନ, ଏହାର ଲଭ, ଏହାର ଉତ୍ପାଦନ, ଏହାର ବଜାର ଓ ସର୍ବୋପରି ଆନ୍ତର୍ଜାତିକ ପ୍ରତିଯୋଗିତାରେ ଏ ପ୍ରତିଷ୍ଠାନର ଉତ୍ପାଦନ ବସ୍ତୁର ସ୍ଥାନ କିପରି ରହିଛି, ଜାଣିବା ଏକାନ୍ତ ବାଞ୍ଛନୀୟ । ଯେଉଁ ଶିଳ୍ପ ପ୍ରତିଷ୍ଠାନ ଶ୍ରମିକମାନଙ୍କୁ ଏସବୁ ଜ୍ଞାତବ୍ୟ ବିଷୟରୁ ବଞ୍ଚିତ କରିବାକୁ ଚେଷ୍ଟା କରିବେ, ସେହି ସେହି ଶିଳ୍ପ ପ୍ରତିଷ୍ଠାନର କର୍ତ୍ତୃପକ୍ଷମାନେ ଜାଣିଶୁଣି ଶ୍ରମିକମାନଙ୍କର ଏହି ଜ୍ଞାତବ୍ୟ ଦାବୀଗୁଡ଼ିକୁ କ୍ଷୁଣ୍ଣ କରୁଛନ୍ତି ବୋଲି ବୁଝିବାକୁ ହେବ । ଭାରତରେ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକରେ ଶ୍ରମିକଙ୍କର ସହଯୋଗ ସଂପର୍କରେ କୁହାଯାଇପାରେ ଯେ ବହୁ ପ୍ରତିଷ୍ଠାନର ମାଲିକମାନେ ଶ୍ରମିକମାନଙ୍କୁ କିମ୍ବା ଶ୍ରମିକ ନେତାମାନଙ୍କୁ ନିଜ ନିଜର ପ୍ରତିଷ୍ଠାନଗୁଡ଼ିକ ସଂପର୍କରେ କୌଣସି ସ୍ପଷ୍ଟ ଧାରଣା ଦେବାକୁ ଅମତ ହେଉଛନ୍ତି । ଏହାଦ୍ୱାରା ଶ୍ରମିକମାନଙ୍କ ମଧ୍ୟରେ ଅଯଥା ସନ୍ଦେହ ସୃଷ୍ଟି ହେଉଛି ଏବଂ ଶ୍ରମିକ-ମାଲିକ ସଂପର୍କ ବିଶେଷଭାବେ ବ୍ୟାହତ ହେଉଛି ।

କୌଣସି କଥାରେ ବୈଧାନିକ ଭାବେ ତାଙ୍କର ଉପରିସ୍ଥ ହାକିମଙ୍କ ସହିତ ଅମତ, ନିଜ ମନମୁତାବକ ରାଜନୈତିକ ସଭ୍ୟଙ୍କୁ ଭୋଟ ଦାନ । ଏହା ନିଶ୍ଚିତ କଥା ଯେ ଶ୍ରମିକମାନଙ୍କର ଏ ପ୍ରକାର ଅଧିକାରର ସ୍ୱାଧୀନତାର ପ୍ରଥମ ପର୍ଯ୍ୟାୟରେ ସେମାନେ ଅପପ୍ରୟୋଗ କରିପାରନ୍ତି ଏବଂ ଜଣେ ବିଗ୍ରହଶୀଳ ମାଲିକ ପାଖରୁ ସକଳ ପ୍ରକାର ସୁବିଧା ସୁଯୋଗ ହାସଲ କରି ପାରନ୍ତି । କିନ୍ତୁ ଏ ପ୍ରକାର ଅପପ୍ରୟୋଗ ଗୋଟିଏ ବଳିଷ୍ଠ ଔଦ୍ୟୋଗିକ ଗଣତନ୍ତ୍ର ପକ୍ଷରେ ଏକ ଅଂଶ ବିଶେଷ କହିଲେ ଚଳେ ।


ପରିଶେଷରେ ମତବ୍ୟକ୍ତ କରଯାଇପାରେ, ଯେ ପର୍ଯ୍ୟନ୍ତ ଶ୍ରମିକମାନେ ନିଜ ସଂଗଠନ ଗଢ଼ିବାରେ ଦାବୀ ହାସଲ ନକରି ପାରିଛନ୍ତି, ସେ ପର୍ଯ୍ୟନ୍ତ ଔଦ୍ୟୋଗିକ ଗଣତନ୍ତ୍ରର ପରିକଳ୍ପନା ଅବାସ୍ତବ ରୂପେ ଦେଖାଦେବ । ବର୍ତ୍ତମାନ ସାଧାରଣ ଶ୍ରମିକଙ୍କର ସାମାଜିକ ଓ ମାନସିକ ଅବସ୍ଥାର ନିରାପତ୍ତା ରକ୍ଷା ପାଇଁ ଭାରତରେ ବହୁ ଶିଳ୍ପ ପ୍ରତିଷ୍ଠାନରେ ବଳିଷ୍ଠ ଶ୍ରମ-ସଂଗଠନର ଜରୁରୀ ଆବଶ୍ୟକତା ରହିଛି । କିଛିଦିନ ପୂର୍ବେ ଜଣେ ଶ୍ରମିକ ତା'ର ବହୁ କୁଟୁମ୍ବ

ଦ୍ୱିତୀୟରେ ଔଦ୍ୟୋଗିକ ଗଣତନ୍ତ୍ରର ଦୃଷ୍ଟିକୋଣ ହେଉଛି ଶ୍ରମିକମାନେ ଅଧିକ ଉତ୍ପାଦନର ସୁଯୋଗ ହାସଲ ପାଇଁ ମାଲିକ ଏବଂ ଜନସାଧାରଣଙ୍କ ସହିତ ଅଂଶୀଦାର ରହିବେ । ଶିଳ୍ପ ସମୃଦ୍ଧ ଦେଶମାନଙ୍କରେ ପ୍ରକାର ମନୋଭାବକୁ ସ୍ୱାଗତ କରାଯାଉଥିଲାବେଳେ ଆମର ଅଧିକ ଉତ୍ପାଦନ କଥା ହିଁ ଅକ୍ଷରରେ ରହି ଯାଉଛି । ଶ୍ରମିକମାନେ ଆମ ଦେଶରେ ଯେଉଁ ପରିବେଶରେ ସେମାନେ ଚିନ୍ତା କରୁଛନ୍ତି ଯେ ଅଧିକ ଉତ୍ପାଦନ କହିଲେ ବହୁ ସମୟ ଧରି କଠିନ କାମ କରିବା କିନ୍ତୁ ତା' ତୁଳନାରେ ପ୍ରକୃତ ମଜୁରୀ ବୃଦ୍ଧି ହେଉନାହିଁ । ପରନ୍ତୁ ଏହା ତାଙ୍କର କାର୍ଯ୍ୟ ନିରାପତ୍ତାକୁ ଧମକ ମାତ୍ର । ଯଦି ଆମ ଦେଶରେ ମାଲିକମାନେ ଶ୍ରମ-ସଂଗଠନ ସହିତ ସହଯୋଗ ରଖି ପ୍ରେରଣାମୂଳକ ଯୋଜନା ସୃଷ୍ଟି କରନ୍ତି, ଯାହାଦ୍ୱାରା କି ପରିଶେଷରେ ଅଧିକ ଉତ୍ପାଦନର ଏକ ଅଂଶ ଶ୍ରମିକମାନଙ୍କଠାରୁ ମିଳିପାରିବ ଓ ଅଦୂର ଭବିଷ୍ୟତରେ ଶ୍ରମିକମାନଙ୍କର ଏ ପ୍ରକାର ମନୋଭାବ ଆସ୍ତେ ଆସ୍ତେ ଉଭେଇ ଯିବ । ତୃତୀୟରେ ଔଦ୍ୟୋଗିକ ଗଣତନ୍ତ୍ରର ଅନ୍ୟ ଏକ ଲକ୍ଷ୍ୟ ହେଉଛି, ଶ୍ରମିକମାନଙ୍କୁ ସକଳ ପ୍ରକାର ସ୍ୱାଧୀନତା ପ୍ରଦାନ କରିବା । ଶ୍ରମିକମାନେ ସ୍ୱହାସ୍ତି ସେମାନଙ୍କର ସଂଗଠନର ଦାବୀ, ସ୍ୱାଧୀନଭାବରେ ତାଙ୍କର କାର୍ଯ୍ୟ କ୍ଷେତ୍ରରେ ଓ କାର୍ଯ୍ୟର ବାହାରେ କଥାବାର୍ତ୍ତା,

ପରିବେଷ୍ଟିତ ହୋଇ ନିଜର ଜାତି ଓ ଗୋଷ୍ଠୀ ମଧ୍ୟରେ ବାସ କରୁଥିଲେ । ନିଜର ସ୍ତ୍ରୀ ପିଲାପିଲିଙ୍କୁ ଗାଁରେ ଛାଡ଼ି ଯେତେବେଳେ ସେ ସହରକୁ ଖାଟିଖିଆ ଲୋକ ହେବାକୁ ଆସିଲ, ସେତେବେଳେ ସେ ସହରର ପରସ୍ପର ମଧ୍ୟରେ ପ୍ରତିଯୋଗୀମୂଳକ ଆବହାଓ୍ୱାରେ ନିଜକୁ ଚଳାଇ ନେବା ପାଇଁ ଅକ୍ଷମ ହେଲା ଏବଂ ଅଧିକାଂଶ ସମୟରେ ନିଜର ସୁବିଧା ସୁଯୋଗ ପାଇଁ ସେହି ଗାଁ ମାଟିକୁ ଫେରିଯିବାର ପରିକଳ୍ପନା କଲା । ତେଣୁ ଜଣେ ଶ୍ରମିକ ସହରରେ ବିନା ନିରାପତ୍ତା ( without security ) ରେ ହିଁ ତାହାର ଜୀବନଯାପନ କରିଥାଏ । ଏଠାରେ ସେ ମାଲିକ ଅଧୀନରେ ରହେ, ଯେଉଁ ମାଲିକକୁ କି ବ୍ୟକ୍ତିଗତ ଭାବେ ତା'ର ଜାଣିବାର ସୁବିଧାସୁଯୋଗ ନଥାଏ । ତେଣୁ ଏ ପରିସ୍ଥିତିରେ ଔଦ୍ୟୋଗିକ ଗଣତନ୍ତ୍ରର ବାତାବରଣ ସୃଷ୍ଟି କରିବାକୁ ହେଲେ ଗୋଟିଏ ବଳିଷ୍ଠ ଶ୍ରମ-ସଂଗଠନର ପ୍ରକୃଷ୍ଟ ଆବଶ୍ୟକତା ରହିଛି । କେବଳ ଯେ ବଳିଷ୍ଠ ଶ୍ରମ-ସଂଗଠନ ଶ୍ରମିକମାନଙ୍କର ସ୍ୱାସ୍ଥ୍ୟରକ୍ଷା କରେ, ତାହା ନୁହେଁ, ବରଂ ଏହା ଶ୍ରମିକମାନଙ୍କର କାର୍ଯ୍ୟ ପରିସରରୁ ଅପ୍ରଶସ୍ତ ମନୋବୃତ୍ତିକୁ ପ୍ରଶସ୍ତ କରାଇବାରେ ବିଶେଷ ସାହାଯ୍ୟ କରିଥାଏ । ଆହୁରି ମଧ୍ୟ ଶ୍ରମ-ସଂଗଠନ ଶ୍ରମିକମାନଙ୍କୁ ଅଭିଯୋଗ ପ୍ରଣାଳୀ ( Grievance

procedure ), ସଂଗଠନରେ ଦାୟିତ୍ୱପୂର୍ଣ୍ଣ ସରଂ ହେବାର ନିୟମାବଳୀ, ସକ୍ରିୟ କର୍ମ ଦକ୍ଷତାର ପ୍ରୟୋଜନୀୟତା, ଶିଳ୍ପାନୁଷ୍ଠାନ ସମସ୍ୟାରେ ଜାତୀୟ ସ୍ୱାର୍ଥର ପରିକଳ୍ପନା ପ୍ରଭୃତି ସଂପର୍କରେ ସାହାଯ୍ୟ କରିଥାଏ । ପୁଣି ଏଠାରେ ମନେ ରଖିବାକୁ ହେବ ଯେ ଯେତେବେଳେ ଜଣେ ମାଲିକ ତା'ରି ପ୍ରତିଷ୍ଠାନର ଉତ୍ପାଦନର ପ୍ରଶ୍ନ ଓ ଜାତୀୟ ସ୍ୱାର୍ଥ ସଂପର୍କରେ ଭାଷଣ ପ୍ରଦାନ କରେ, ସେତେବେଳେ ଶ୍ରମିକ ସାଧାରଣତଃ ତାହା ଶୁଣିବାକୁ ନାରାଜ ହୁଏ । କିନ୍ତୁ ଯେତେବେଳେ ତାର ସଂଗଠନ ଏହା ଶୁଣିବାକୁ ତାକୁ ନିର୍ଦ୍ଦେଶ ଦିଏ, ସେ ତାହା ସେତେବେଳେ ଶୁଣୁଥାଏ । ତେଣୁ ଏଇଥିରୁ ବୁଝିବାକୁ ହେବ ଯେ ଜଣେ ଶ୍ରମିକର ଜୀବନ ନିୟନ୍ତ୍ରଣରେ ଶ୍ରମ-ସଂଗଠନର କି ପ୍ରକାର ଗୁରୁ କର୍ତ୍ତବ୍ୟ ରହିଛି ।

ପୁଣି କୁହାଯାଇପାରେ ଯେ ପର୍ଯ୍ୟନ୍ତ ଭାରତର ଶ୍ରମ-ସଂଗଠନ ନୂତନ ଆକାର ଧାରଣ ନ କରିଛି, ସେ ପର୍ଯ୍ୟନ୍ତ ଭାରତରେ ଶ୍ରମିକମାନେ ସତେଜ ଓ ସକ୍ରିୟ ହୋଇ ପାରିବେ ନାହିଁ । ପ୍ରୟୋଜନୀୟତା ଦୃଷ୍ଟିରୁ ଶ୍ରମ-ସଂଗଠନର ବହୁ ନେତା, ବାହାର ଲୋକେ, ଐତିହାସିକ ପରଂପରା ସହିତ ଭାରତର ସ୍ୱାଧୀନତା ସଂଗ୍ରାମ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇ ଆସିଛି । ସଙ୍ଗେ ସଙ୍ଗେ ଶ୍ରମ-ସଂଗଠନର ନେତୃତ୍ୱ ହିଁ ଶ୍ରମିକ-ମାନଙ୍କ ମଧ୍ୟରେ ଯେ ଆବଦ୍ଧ ରହିବ, ଏହା ସିଦ୍ଧ ନିଶ୍ଚିତ କଥା । ଏହା ହୋଇ ପାରିଲେ ଭାରତରେ ଏକ ବଳିଷ୍ଠ ଗଣତାନ୍ତ୍ରିକ ଏବଂ ଆତ୍ମନିର୍ଭରଶୀଳ ଶ୍ରମ-ସଂଗଠନ ଗଢ଼ି ଉଠିବ ଓ ଦେଶ ଓ ଜାତିର ବିକାଶ ପଥରେ ସହାୟକ ହେବ ।



# ଆଦିମାନବ—ଜୁଆଙ୍ଗ

ଶ୍ରୀ ବଳରାମ ରାଉତ

I am the people—the mob—the crowd—the mass. Do you know that all great work of the world is done through me ? I am the working man, the inventer, the maker of world. food and clothes, I am the audience that witnesses history. The Nepoleons come from me and the Lincolns. They die. Then I send forth more Nepoleons and Lincolns.

—CARL SANDBURG

ମାନବ ସର୍ବଶକ୍ତିମାନ, ଏ ପୃଥିବୀରେ ଏମିତି କିଛି କାର୍ଯ୍ୟ ନାହିଁ ଯାହା ଏଇ ମାନବ ଦ୍ୱାରା ଅସମ୍ଭବ, ଯଦିଓ କଠିନ କାର୍ଯ୍ୟଗୁଡ଼ିକ ଦୁଃସାଧ୍ୟ ହୋଇପାରେ ତା'ପକ୍ଷରେ ଅସାଧ୍ୟ କିଛି ନାହିଁ, ନିରବଚ୍ଛିନ୍ନ ସାଧନା, ଅକ୍ଳାନ୍ତ ପରିଶ୍ରମ, ମେଧା ଓ ଧୀଶକ୍ତିର ଅଭିବୃଦ୍ଧି ତଥା ସଦୁପଯୋଗ ସର୍ବୋପରି ନିର୍ଦ୍ଦିଷ୍ଟ ମାର୍ଗରେ ପରିଶୃଙ୍ଖଳିତ ହେବା ପାଇଁ ଉପଯୁକ୍ତ ଶିକ୍ଷା ମନୁଷ୍ୟକୁ ଉନ୍ନତିର ତୁଙ୍ଗ ସୋପାନକୁ ନେଇଯାଇ ପାରେ ।

ଜୀବନରେ ମହତ କାର୍ଯ୍ୟ ସଂପାଦନ କରି ବଡ଼ ହେବାକୁ ସମସ୍ତଙ୍କୁ ସମାନ ଭାବରେ ସୁଯୋଗ ମିଳେନା । କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଜନ୍ମରୁ ସମସ୍ତ ସୁବିଧା ସୁଯୋଗର ଅଧିକାରୀ ହୋଇଥାଆନ୍ତି । ମାତ୍ର ଆଉ ଅନେକ ଅଛନ୍ତି ଯେଉଁମାନେ ଜନ୍ମସ୍ଥାନ, ବଂଶ ପରଂପରା, ଜାତି ତଥା ପାରିପାର୍ଶ୍ୱିକ ଅବସ୍ଥାର ଦାସ ହୋଇ ଏମିତି ଅବହେଳିତ ଅବସ୍ଥାରେ ଥାଆନ୍ତି ଯେ ବାହାର ଦୁନିଆଁରେ କଅଣ ଘଟୁଛି ଜାଣି ପାରନ୍ତି ନାହିଁ । ସେମାନଙ୍କୁ ମନୁଷ୍ୟ ଜୀବନରେ ପ୍ରକୃତ ସୁଖ ସ୍ୱାଚ୍ଛନ୍ଦ୍ୟ ଉପଲବ୍ଧି କରିବାର ସୁଯୋଗ ମିଳେନା, ସେମାନେ ଚିର ଅବହେଳିତ ହୋଇ ଅନୁନ୍ନତ ଅବସ୍ଥାରେ ରହିବା ଫଳରେ କେବଳ କୌଣସି ବ୍ୟକ୍ତି ବିଶେଷ, ନିର୍ଦ୍ଦିଷ୍ଟ ଜାତି ବା ସମାଜର କ୍ଷତି ହୁଏନା ଏହା ଫଳରେ ଦେଶ ତଥା ସାରା ମାନବ ସମାଜର ପ୍ରଭୂତ କ୍ଷତି ହୁଏ । ଯେଉଁ ମନୁଷ୍ୟ ନିଜର ବୁଦ୍ଧି ବଳରେ, ଶ୍ରମ ବଳରେ, ଅଧ୍ୟବସାୟ ବଳରେ ଜୀବନର ଲକ୍ଷ୍ୟ ହାସଲ କରି ସୁଖ ଶାନ୍ତି ସମୃଦ୍ଧିରେ ବସବାସ କରିବା ସଙ୍ଗେ ସଙ୍ଗେ ଦେଶ ଓ ଦଶର କଲ୍ୟାଣ କରିବା କଥା, ସେ ଅବହେଳିତ ହୋଇ କୁଶିକ୍ଷାରେ ପଡ଼ି, କୁପଥରେ ପରିଚାଳିତ ହୋଇ କ୍ଷୁଧା ତୃଷା ଦୁଃଖ ଯନ୍ତ୍ରଣାରେ ଜୀବନଯାପନ କରେ ଏବଂ ସାରା ଜାତି ପାଇଁ, ସମଗ୍ର ସମାଜ ପାଇଁ ଗଳଗ୍ରହ ରୂପେ ଦଣ୍ଡାୟମାନ ହୁଏ ।

## ସାଂବିଧାନିକ ବ୍ୟବସ୍ଥା

ସେଥିପାଇଁ ଆମ ଦେଶ ଭାରତବର୍ଷ ସ୍ୱାଧୀନତା ପାଇଲା ପରେ ଯେତେବେଳେ ଆମ ସଂବିଧାନ ପ୍ରଣେତାମାନେ ପ୍ରତ୍ୟେକ ଭାରତୀୟ ଜୀବନ ବିକାଶ ପାଇଁ ନିୟମ ପ୍ରଣୟନ କଲେ, ଯେଉଁ ଜାତି ଅନୁନ୍ନତ, ଅବହେଳିତ, ଅଶିକ୍ଷିତ ହୋଇ ରହିଛି ତାର କେମିତି ଆଶୁ ଉନ୍ନତି ହେବ, ସେ ଅନ୍ୟାନ୍ୟ ଉନ୍ନତ ଜାତି ସହିତ ସମକକ୍ଷ ହୋଇ ପାରିବ ତା'ର ସାଂବିଧାନିକ ବ୍ୟବସ୍ଥା କରିବାକୁ ଭୁଲି ନଥିଲେ । ସେଥିପାଇଁ ଆମ ଦେଶରେ ଯେଉଁ ଆଦିବାସୀ ଓ ହରିଜନ ଭାଇମାନେ ଯେଉଁମାନେ ଅବହେଳିତ, ନିର୍ଯ୍ୟାତିତ ଅବସ୍ଥାରେ ରହିଥିଲେ ସେମାନଙ୍କ ଉନ୍ନତି ପାଇଁ କେନ୍ଦ୍ର ତଥା ପ୍ରାଦେଶିକ ସରକାରମାନେ ଅଗ୍ରାଧିକାର ଦେଲେ । ସଂପ୍ରତି ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ଏହି ଅନୁନ୍ନତ ଜାତିମାନଙ୍କର ସର୍ବାଙ୍ଗୀନ ଉନ୍ନତିକୁ ପ୍ରାଧାନ୍ୟ ଦିଆଯାଉଛି ।

ଆମ ରାଜ୍ୟ ଓଡ଼ିଶାରେ ଯେତେ ଆଦିବାସୀ ଅଛନ୍ତି ସେମାନଙ୍କ ମଧ୍ୟରେ ଜୁଆଙ୍ଗ ଅନ୍ୟତମ । ୧୯୭୧ ଜନଗଣନା ଅନୁସାରେ ଆମ ରାଜ୍ୟରେ ୨୪,୩୦୪ ଜଣ ଜୁଆଙ୍ଗ ଅଛନ୍ତି । ସେମାନଙ୍କ ଭିତରୁ କେବଳ କେନ୍ଦୁଝର ଜିଲ୍ଲାରେ ଜୁଆଙ୍ଗଙ୍କ ସଂଖ୍ୟା ୧୨,୭୨୪ । ହିସାବରୁ ଜଣାଯାଉଛି ଏ ଜିଲ୍ଲାରେ ୨,୭୨୦ଟି ଜୁଆଙ୍ଗ ପରିବାର ୧୨୪ଟି ଗ୍ରାମରେ ଅଛନ୍ତି, ଜୁଆଙ୍ଗମାନେ ବସତି ସ୍ଥାପନ କରିଥିବା ଅଞ୍ଚଳକୁ ପୀଢ଼ କହନ୍ତି । କେନ୍ଦୁଝର ଜିଲ୍ଲାରେ ୬ଟି ଜୁଆଙ୍ଗ ପୀଢ଼ ଅଛି ।

ଆଦିବାସୀମାନଙ୍କ ଭିତରେ ଜୁଆଙ୍ଗମାନେ ଅତି ପ୍ରାଚୀନ । ଜୁଆଙ୍ଗ ଶବ୍ଦର ଅର୍ଥ ହେଉଛି ମଣିଷ । ତେଣୁ ଜୁଆଙ୍ଗମାନେ ପୃଥିବୀ ପୃଷ୍ଠରେ ପ୍ରଥମ ମଣିଷ ବୋଲି ଦାବୀ କରନ୍ତି । ସେମାନେ ଦୁଇଟି ବିଭାଗ ବା ଦଳରେ ବିଭକ୍ତ । ପ୍ରଥମଟି ହେଉଛି 'ଦେଶୁ' ଏବଂ ଦ୍ୱିତୀୟଟି 'ଥାଟୁଆ' । ପୁରୁଷମାନେ ସାଧାରଣତଃ ଗୋଟିଏ ସ୍ତ୍ରୀ ଗ୍ରହଣ କରନ୍ତି, ମାତ୍ର କେତେକ କ୍ଷେତ୍ରରେ

ଜୁଆଙ୍ଗମାନେ ବହୁ ପତ୍ନୀକ । ସ୍ତ୍ରୀ ବନ୍ଧ୍ୟା ହେଲେ ପୁରୁଷ ତାକୁ ଛାଡ଼ପତ୍ର ଦେବାକୁ ହକ୍‌ଦାର । ଜନ୍ମ-ମୃତ୍ୟୁ-ବିବାହ ଜୀବନର ଏ ତିନୋଟି ଅବସ୍ଥାରେ ଜୁଆଙ୍ଗ କିଛି ନା କିଛି କ୍ରିୟାକର୍ମ ବା ଉତ୍ସବ କରେ, ବିଶେଷତଃ ବିବାହ ହେଉଛି ଜୁଆଙ୍ଗ ଜୀବନର ଏକ ଅବିସ୍ମରଣୀୟ ଘଟଣା ଯାହା ପାଇଁ ଘର ଓ ଗ୍ରାମ ଉତ୍ସବ ମୁଖରିତ ହୋଇ ଉଠେ ।

## ଜୀବିକା ନିର୍ବାହ

କୃଷିକର୍ମକରି, ବନ୍ୟଜାତ ଦ୍ରବ୍ୟ ସଂଗ୍ରହ କରି ସେ ଜୀବିକା ନିର୍ବାହ କରେ । ଜୁଆଙ୍ଗ ପାଇଁ ପ୍ରାୟ ସାରାବର୍ଷ ଉତ୍ସବ ଲାଗି ରହିଥାଏ, ତେବେ 'ଆମ୍ବ ନୂଆଖିଆ' 'ଧାନ ନୂଆଖିଆ' ଏବଂ 'ମାଘପର୍ବ' ସେମାନେ ଖୁବ୍ ଜାକଜମକରେ ପାଳନ କରନ୍ତି । ଏ ପର୍ବଗୁଡ଼ିକରେ ବିଶେଷ ଭାବରେ ପ୍ରସ୍ତୁତ ଖାଦ୍ୟ ଦ୍ରବ୍ୟ ସହିତ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଦେଶୀ ମଦ ତାଙ୍କର ପୂର୍ବ ପୁରୁଷ ଓ ଦେବା-ଦେବୀଙ୍କୁ ଉତ୍ସର୍ଗ କରାଯାଏ । ବିଶେଷତଃ ମାଘପର୍ବ ବିଶେଷ ଆନନ୍ଦ ଉତ୍ସାହ ଓ ଉଦ୍ଦୀପନା ଭିତରେ ପାଳିତ ହୁଏ । ଜୁଆଙ୍ଗମାନେ ଏ ପର୍ବରେ ବିଭିନ୍ନ ପ୍ରକାର ପିଠା ପଣା ତିଆରି କରି ବନ ଦେବୀଙ୍କୁ ନୈବେଦ୍ୟ ଦିଅନ୍ତି । ଏହାଦ୍ୱାରା ଭଲ ଫସଲ ଅମଦାନୀ ହୁଏ ବୋଲି ସେମାନଙ୍କର ବିଶ୍ୱାସ । ପର୍ବ | ପର୍ବାଣୀମାନଙ୍କରେ ଜୁଆଙ୍ଗମାନେ ଚାଙ୍ଗୁ ମାଦଳ ବଜେଇ ସାରାରାତି ଜାଗର ରହି ଆମୋଦ ପ୍ରମୋଦ କରନ୍ତି ।

ଜୁଆଙ୍ଗମାନେ ଧର୍ମଦେବତା (ସୂର୍ଯ୍ୟ) ଓ ବସୁମାତା (ପୃଥିବୀ)ଙ୍କୁ ଦେବୀ ରୂପେ ମାନନ୍ତି । ସେମାନେ ପୂର୍ବଜନ୍ମ କର୍ମ ଫଳରେ ବିଶ୍ୱାସ କରନ୍ତି । ଯିଏ ପାପକର୍ମ କରେ ସେ ପଶୁ ଜନ୍ମ ପାଏ ବୋଲି ତାଙ୍କର ବିଶ୍ୱାସ, ଜୁଆଙ୍ଗ ପୀଢ଼ର ସର୍ବୋଚ୍ଚ କର୍ତ୍ତା ହେଉଛି ସର୍ଦ୍ଦାର । ତାଙ୍କ ଅଧୀନରେ ପ୍ରତି ଗ୍ରାମରେ ମୁଖିଆମାନେ ଥାଆନ୍ତି ଯେଉଁ-ମାନଙ୍କୁ ପ୍ରଧାନ କୁହାଯାଏ ।

ଜୁଆଙ୍ଗମାନେ ସରଳ ବିଶ୍ୱାସୀ । ମଣିଷ ଭିତରେ ଅନାବିଳ ସ୍ନେହ, ପ୍ରେମ, ଶାନ୍ତି, ପରସ୍ପର ବନ୍ଧୁତା ଓ ଉତ୍ତମ ଚରିତ୍ରବଳରେ ବିଶ୍ୱାସ କରନ୍ତି । ପର୍ବତର ପାଦ ଦେଶରେ ବୃକ୍ଷଛାୟା ପରିବେଷ୍ଟିତ ଅଞ୍ଚଳରେ କୁଡ଼ିଆ ତୋଳାଇ ବସତି ସ୍ଥାପନ କରନ୍ତି । ସେମାନେ ଧନ, ତୀର, ଟାଙ୍ଗିଆ ଧରି ବନ୍ୟ ଜନ୍ତୁ ଶିକାର କରନ୍ତି ଏବଂ ସେମାନଙ୍କଠାରୁ ଆତ୍ମରକ୍ଷା କରନ୍ତି ।

ଏଇ ଆଦିମାନବ, ସରଳ ବିଶ୍ୱାସୀ ଅନୁନ୍ନତ ଜୁଆଙ୍ଗ-ମାନଙ୍କ ପାଇଁ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପଶୁପାଳନରେ ଉନ୍ନତ ହୋଇ ସେମାନେ କେମିତି ସୁଖ ସ୍ୱଚ୍ଛନ୍ଦରେ ଜୀବନ ଯାପନ କରିବେ ସେଥିପାଇଁ ବହୁ ପଦକ୍ଷେପ ନିଆଯାଉଛି ।

## ଉନ୍ନୟନ ଯୋଜନା

କେନ୍ଦୁଝର ଜିଲ୍ଲାର ଜୁଆଙ୍ଗ ବିକାଶ ଯୋଜନା (Juang Development Agency) ମାଧ୍ୟମରେ ନିମ୍ନଲିଖିତ କାର୍ଯ୍ୟ ସଂପାଦିତ ହୋଇଛି ।

(କ) ୧୯୭୮-୭୯ ମସିହାରେ ୩୦ଜଣ ଜୁଆଙ୍ଗ ଚାଷୀଙ୍କୁ ଏହି ଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମ ସହିତ ପରିଚିତ କରାଇବା ପାଇଁ ତାଲିମ ଦିଆଯାଇଥିଲା ।

(ଖ) ୧୯୭୯-୮୦ ମସିହାରେ ୧୮ ଜଣ ଉତ୍ସାହୀ ଜୁଆଙ୍ଗ ଯୁବକଙ୍କୁ କୃଷି, ଫଳବୃକ୍ଷ ରୋପଣ, ମୃତ୍ତିକା ସଂରକ୍ଷଣ ଏବଂ ସ୍ୱାସ୍ଥ୍ୟ ବିଷୟରେ ୬ ମାସ ତାଲିମ ଦେଇ ଜୁଆଙ୍ଗ ବସ୍ତିରେ ଏ ସବୁ ଯୋଜନା କାର୍ଯ୍ୟକାରୀ କରିବାର ଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ କରାଯାଇଛି ।

(ଗ) ୧୯୮୦-୮୧ରେ ୯ ଜଣ ଜୁଆଙ୍ଗଙ୍କୁ ଏକ ବର୍ଷ ପାଇଁ ସିଲେଇ ଶିକ୍ଷା ଦିଆଯାଇଛି । ସେମାନଙ୍କ ଭିତରୁ ଉପଯୁକ୍ତ ବିବେଚିତ ହୋଇଥିବା ଚାରିଜଣଙ୍କୁ ମାଗଣାରେ ସିଲେଇ ମେସିନ ଯୋଗାଇ ଦିଆଯାଇ ଥଇଥାନ କରା-ଯାଇଛି ।

(ଘ) ଟସର ଚାଷ ପାଇଁ ୧୯୮୦-୮୧ରେ ୭ ଜଣ, ୧୯୮୧-୮୨ରେ ୪୪ ଜଣ ଏବଂ ୧୯୮୨-୮୩ରେ ୯ ଜଣଙ୍କୁ ତାଲିମ ଦିଆଯାଇ ସେମାନେ କିପରି ଟସର ଚାଷ କରି-ପାରିବେ ତା'ର ବ୍ୟବସ୍ଥା କରାଯାଇଛି ।

(ଙ) ୧୯୮୨-୮୩ରେ ୫ ଜଣ ଜୁଆଙ୍ଗ ଯୁବକଙ୍କୁ ଲୁଗା ବୁଣାରେ ତାଲିମ ଦିଆଯାଇଛି ।

(ଚ) ୧୯୮୦-୮୧ ଠାରୁ ୧୯୮୨-୮୩ ଭିତରେ ୧୦ଟି ଜ୍ଞାନ ମନ୍ଦିର ପ୍ରତିଷ୍ଠା କରାଯାଇ ସର୍ବମୋଟ ୨୦୪ଜଣ ଶିଶୁଙ୍କୁ ପ୍ରାକ୍ ପ୍ରାଥମିକ ଶିକ୍ଷା (Preprimary Education) ଦିଆଯାଇଛି, ଏଇ ଶିଶୁମାନଙ୍କ ଭିତରୁ ୧୮ଜଣଙ୍କୁ ଆଶ୍ରମ ସ୍କୁଲରେ ଗ୍ରହଣ କରାଯାଇଛି ।

(ଛ) ୧୯୮୦-୮୧ରେ ୮ଟି ଏବଂ ୧୯୮୨-୮୩ରେ ୬ଟି ମୋଟ ୧୪ଟି ଚାଟଶାଳୀ ଖୋଲାଯାଇ ନିରକ୍ଷର ଜୁଆଙ୍ଗମାନଙ୍କୁ ପୌଢ଼ ଶିକ୍ଷା ଦିଆଯାଉଛି ।

## କୃଷି ଓ ବୃକ୍ଷ ରୋପଣ

୧୯୮୨ ମସିହାରେ ଜୁଆଙ୍ଗ ଚାଷୀଙ୍କର ୪୩'୫ ହେକ୍ଟର ପଡ଼ିଆ ଜମି ଉଠିଆ କରାଯାଇଛି ଏବଂ ଚଳିତ ବର୍ଷ ୩୦'୫ ହେକ୍ଟର ଜମି ଉଠିଆ କରାଯାଉଛି, ୪୬୨ ଜୁଆଙ୍ଗ ଚାଷୀ ପରିବାରକୁ ଗୋଟିଏ ଗୋଟିଏ ସେଟ୍ ଚାଷ ଉପକରଣ ଯଥା—ଲଙ୍ଗଳ, କୋଦାଳ ଯୋଗାଇ ଦିଆଯାଇଛି । ୧,୩୨୭ ଜଣ ଜୁଆଙ୍ଗ ଚାଷୀଙ୍କ ଜମିରେ

୧,୩୨୭ଟି ପ୍ରଦର୍ଶନ କ୍ଷେତ୍ର କରାଯାଇଛି । ଟସର ପୋକ ପାଳିବା ପାଇଁ ୫୬ ଜଣ ଜୁଆଙ୍ଗ ଚାଷୀଙ୍କୁ ଟ୯୦ଙ୍କା ଲେଖାଏଁ ମୂଳଧନ ପ୍ରାରମ୍ଭିକ ସାହାଯ୍ୟ ରୂପେ ଦିଆଯାଇଛି । ଏତଦ୍‌ବ୍ୟତୀତ ମାଲବରୀ, ବାଡ଼ି ବଗିଚାରେ ପରିବା ଚାଷ, ଟସର ଚାଷର ସୁବିଧା ପାଇଁ ଅସନ ଓ ଅର୍ଜୁନ ବୃକ୍ଷ ରୋପଣ କରିବାକୁ ସାହାଯ୍ୟ ଦିଆଯାଉଛି । ଗମନାଗମନ ସୁବିଧା ପାଇଁ ରାସ୍ତା, ଜୁଆଙ୍ଗ ଛାତ୍ରଙ୍କ ରହିବା ପାଇଁ ହଷ୍ଟେଲ, ପାନୀୟ ଜଳ ଯୋଗାଣ ପାଇଁ ନଳକୂପର ବ୍ୟବସ୍ଥା କରାଯାଇଛି । ଗ୍ରାମ ବିଦ୍ୟୁତ୍‌କରଣର ବ୍ୟବସ୍ଥା କରାଯାଇଛି । ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ପାଇଁ ହେଲଥ୍ କେୟାର ସେଣ୍ଟର ପ୍ରତିଷ୍ଠା କରି ବିଭିନ୍ନ ରୋଗର ଚିକିତ୍ସା ଓ ନିରାକରଣ କରାଯାଉଛି । ଜୁଆଙ୍ଗ ଗ୍ରାମରେ ଛୋଟ ଜଳସେଚନ ଯୋଜନା, କ୍ଷୁଦ୍ର ଜଳସେଚନ ଯୋଜନାମାନ କାର୍ଯ୍ୟକାରୀ ହେଉଛି । ୬୮ ଜଣ ଭୂମିହୀନ ଜୁଆଙ୍ଗଙ୍କୁ ୨୪.୯ ହେକ୍ଟର ଜମି ବଣ୍ଟାଯାଇଛି । ଗୁପ୍ତ ଗଙ୍ଗା ପୋଷ୍ଟ ଅଫିସରେ ୭୪ଟି ଏବଂ ବୈତରଣୀ ଗ୍ରାମ୍ୟ ବ୍ୟାଙ୍କ୍‌ରେ ୯୪ଟି ଜୁଆଙ୍ଗ ପରିବାର ସଂଚୟ ଯୋଜନାରେ ଅଂଶ ଗ୍ରହଣ କରିଛନ୍ତି । ୯ ଜଣ ଚକ୍ଷୁହୀନ ଜୁଆଙ୍ଗଙ୍କୁ ଓ ଗୋଟିଏ ଜୁଆଙ୍ଗ ଛାତ୍ରକୁ ଶିକ୍ଷା ପାଇଁ ସାହାଯ୍ୟ ଦିଆଯାଇଛି ଏବଂ ଗୋନାସିକାଠାରେ ଗୋଟିଏ ଜୁଆଙ୍ଗ କଲ୍‌ଚରାଲ୍ ସେଣ୍ଟର ଖୋଲାଯାଇଛି ।

ଉପରୋକ୍ତ ବିବରଣୀରୁ ଜଣାଯାଏ ଜୁଆଙ୍ଗମାନଙ୍କର ଉନ୍ନତି ପାଇଁ ଜୁଆଙ୍ଗ ବିକାଶ ଯୋଜନାରେ ସମସ୍ତ ବ୍ୟବସ୍ଥା କରାଯାଇଛି । ଉଦ୍ଦେଶ୍ୟ ଜୁଆଙ୍ଗ ଜୀବନର ସାମଗ୍ରିକ ବିକାଶ ହେଉ । ଏଥିପାଇଁ ଏକ ନୂତନ ପଦ୍ଧତି ଅନୁସୃତ ହେଉଛି । ପ୍ରତି ଗ୍ରାମରେ (Grass Root Management) ପାଇଁ ପଦକ୍ଷେପ ନେବା ପଦ୍ଧତିର ଉଦ୍ଦେଶ୍ୟ । ଏହା ଫଳରେ ଜୁଆଙ୍ଗ ଜନ ଜୀବନର ଦ୍ରୁତ ବିକାଶ ହେବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳର ପ୍ରକୃତ ଉନ୍ନତି ସାଧିତ ହେବ । ଏହି ପଦ୍ଧତି ବିଷୟରେ କୁହାଯାଉଛି ।

The approch adopted for development of not only for material prosperity but for total human development has envolved a new 'system' of 'grassroot management' which is now being followed in each and every village of district of Keonjhar, so as to accelerate the pace of rural development in real sence by integration of material development with human values for enrichment of human organisation in its totality.

## ପଲ୍ଲୀ କାର୍ଯ୍ୟକ୍ରମ ପରିଚାଳନା

(Institute of Management of Rural Atfairs, Gonasika, Keonjhar)

ପୂର୍ବରୁ ସୂଚନା ଦିଆଯାଇଛି ଜୁଆଙ୍ଗ ଜୀବନର ସମଗ୍ର ବିକାଶ ସାଧନ କରିବା ପାଇଁ ଏକ ନୂତନ ପଦ୍ଧତି ଅନୁସୃତ ହେଉଛି ସେଥିରେ grassroot management-କୁ ଅଗ୍ରାଧିକାର ଦିଆଯାଇଛି । ୧୯୮୨ ମସିହା ଜୁଲାଇ ମାସରେ ଗୋନାସିକାଠାରେ ଏକ ସଂସ୍ଥା ସ୍ଥାପିତ ହୋଇଛି । ତାର ନାମ ରଖାଯାଇଛି: Institute of Management of Rural Aftairs. ଏ ସଂସ୍ଥାର ଉଦ୍ଦେଶ୍ୟ ହେଉଛି ଗ୍ରାମର ଯୁବ ଗୋଷ୍ଠୀ ଏବଂ ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା Grass Root Level worker (G. L. W.) ଙ୍କୁ ଉପଯୁକ୍ତ ତାଲିମ ଦେବା । ଆବଶ୍ୟକୀୟ ଜ୍ଞାନ ହାସଲ କଲାପରେ ଗ୍ରାମରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ଯୋଜନାଗୁଡ଼ିକୁ ସୁପରିଚାଳିତ କରିହେବ ।

ପ୍ରତ୍ୟେକ ଗୋଷ୍ଠୀଉନ୍ନୟନ ବ୍ଲକ୍‌ରେ ୧୫୦ରୁ ୨୦୦ଟି ଗ୍ରାମ ଥାଏ । ଏହି ଯୋଜନା ଅନୁସାରେ ୧୦ରୁ ୧୫ଟି ଗ୍ରାମ ଜଣେ ଜଣେ ସଂପ୍ରସାରଣ ଅଫିସରଙ୍କ ଦାୟିତ୍ୱରେ ଦିଆଯାଏ । ସେମାନେ ପ୍ରତି ମାସ ତାଙ୍କ ଦାୟିତ୍ୱରେ ଥିବା ପ୍ରତ୍ୟେକ ଗ୍ରାମକୁ ଯାଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଗ୍ରାମବାସୀମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରନ୍ତି, ଏହି ନୂତନ ପଦ୍ଧତି ଅନୁସାରେ ଗ୍ରାମ ସ୍ତରରେ ଜି. ଆର. ଏମ୍, ସଂପ୍ରସାରଣ ଅଫିସର ଏବଂ ବ୍ଲକ୍‌ରେ ସର୍ବୋଚ୍ଚକର୍ତ୍ତା ବ୍ଲକ୍ ଉନ୍ନୟନ ଅଫିସର ପରସ୍ପର ସହିତ ଯୋଗାଯୋଗ କରି ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ କାର୍ଯ୍ୟ କରନ୍ତି । ତେଣୁ ଜି. ଆର. ଏମ୍. ସଂପ୍ରସାରଣ ଅଫିସର ଓ ବି. ଡି. ଓ. କାର୍ଯ୍ୟ ଦକ୍ଷତା ହାସଲ କରିବା ପାଇଁ ତାଲିମ ପାଇବା ଉଚିତ । ଏଇ ପଲ୍ଲୀ କାର୍ଯ୍ୟକ୍ରମ ପରିଚାଳନା ସଂସ୍ଥାରେ ସେମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି । ୧୯୮୨ ଜୁଲାଇ ୨ ତାରିଖଠାରୁ ପ୍ରଥମ ବ୍ୟାଚ୍ ଟ୍ରେନି ଆରମ୍ଭ ହୋଇଛି । ଅନ୍ୟାନ୍ୟ କର୍ମଚାରୀ ଯଥା:— ଭିଲେଜ୍ ହେଲଥ୍ ଗାଇଡ୍, ମଲ୍‌ଟି ପରପସ୍ ଓ୍ୱାର୍କର, ନର୍ସ, ମିଡ୍‌ଓ୍ୱାଇଫ୍, ପୋଲିସ୍ ସବ୍‌ଇନ୍‌ସ୍‌ପେକ୍ଟର, ରେଭିନ୍ୟୁ ଇନ୍‌ସ୍‌ପେକ୍ଟର ଅର୍ଥାତ୍ ଯେଉଁମାନେ ଗ୍ରାମ ଉନ୍ନୟନରେ ଓତଃପ୍ରୋତ ଭାବେ ଜଡ଼ିତ ସେମାନଙ୍କୁ ଉପଯୁକ୍ତ ତାଲିମ ଦେଇ କାର୍ଯ୍ୟଦକ୍ଷ କରିବା ପାଇଁ ମଧ୍ୟ ବ୍ୟବସ୍ଥା ଅଛି । ତାଲିମ ସହିତ ଗବେଷଣା କରିବାର କାର୍ଯ୍ୟକ୍ରମ ବି ରହିଛି । କୌଣସି ବ୍ୟକ୍ତିର ମାନବିକ ମୂଲ୍ୟବୋଧ ନ ଥିଲେ ସେ ନିଜର ତଥା ସମାଜର କଲ୍ୟାଣ ସାଧନ କରିପାରିବ ନାହିଁ । ସେଥିପାଇଁ ସତ୍ୟ କହିବା, ଉତ୍ତମ ଚରିତ୍ରବତା ପ୍ରଦର୍ଶନ କରିବା, ଶାନ୍ତିରେ ସହାବସ୍ଥାନ କରିବା, ସ୍ନେହ, ପ୍ରେମ, ଅହିଂସା ପ୍ରଭୃତି ସଦ୍‌ଗୁଣରେ ଭୂଷିତ ହେବା ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ଅପରିହାର୍ଯ୍ୟ । ତା' ହେଲେ, ଶାରୀରିକ, ମାନସିକ, ଅର୍ଥନୈତିକ ତଥା ସାମାଜିକ ବିକାଶ ସମ୍ଭବ ହେବ । ତେଣୁ ଏଇ ପଲ୍ଲୀ କାର୍ଯ୍ୟକ୍ରମ ପରିଚାଳନା ସଂସ୍ଥାରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଏ ବିଷୟରେ ଉପଯୁକ୍ତ ଶିକ୍ଷା ଦିଆଯାଏ । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଯୋଗାଣ ଓ ଗ୍ରାମର ପରିମଳ, ପୁଷ୍ଟିସାର ଖାଦ୍ୟର ଉପାଦେୟତା, କୃଷି, ପଶୁପାଳନ, ବୃକ୍ଷରୋପଣ, ଶିଳ୍ପ, ସମବାୟ ଟସର ଚାଷ ମତ୍ସ୍ୟଚାଷ

ଏସବୁ ଦ୍ୱାରା କେମିତି ବ୍ୟକ୍ତିର ତଥା ସମାଜର ଅର୍ଥନୈତିକ ବିକାଶ ହୁଏ ସେ ବିଷୟରେ ଏ ଅନୁଷ୍ଠାନରେ ଶିକ୍ଷା ଦିଆଯାଏ । ଏତଦ୍‌ବ୍ୟତୀତ କପରି କଲେ ପଲ୍ଲୀ ଅଞ୍ଚଳର ବିକାଶ ଘଟିବ ଏବଂ ସେଥିପାଇଁ ସରକାରଙ୍କର କି କି ଯୋଜନା ରହିଛି ସେ ବିଷୟରେ ସମ୍ୟକ ଜ୍ଞାନ ହାସଲ କରିବା ପାଇଁ ଶିକ୍ଷା ଦିଆଯାଏ ।

## ତାଲିମ୍ ବ୍ୟବସ୍ଥା

**ଶିକ୍ଷାର୍ଥୀ**ମାନଙ୍କ ତାଲିମ ସମୟ ଛଅମାସ ଏବଂ ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ସିଲାବସ ବା ପାଠ୍ୟକ୍ରମ ପ୍ରସ୍ତୁତ କରି ଶିକ୍ଷା ଦିଆଯାଏ । ଛଅମାସ ଶେଷ ହେଲେ ଆଉ ଗୋଟିଏ ବ୍ୟାଚ ଛାତ୍ର ତାଲିମ ପାଇଁ ଗ୍ରହଣ କରାଯାଏ । ଶିକ୍ଷା ଦେବା ପାଇଁ ବିଭିନ୍ନ ବିଷୟରେ ବିଶେଷ ଜ୍ଞାନ ହାସଲ କରିଥିବା ଶିକ୍ଷକମାନଙ୍କୁ ନିଯୁକ୍ତି ଦେବାର ପ୍ରସ୍ତାବ ରହିଛି ମାତ୍ର ବର୍ତ୍ତମାନ ପାଇଁ ଜିଲ୍ଲାସ୍ତରୀୟ ବିଭାଗୀୟ ଅଫିସରମାନେ ଏ ଦାୟିତ୍ୱ ତୁଲାଉଛନ୍ତି । ନେହେରୁ ଯୁବକ କେନ୍ଦ୍ର, କେନ୍ଦୁଝରର ଯୁବ ସମନ୍ୱୟ କର୍ତ୍ତା ଏ ତାଲିମ କେନ୍ଦ୍ରର ପ୍ରିନ୍‌ସିପାଲ ଅଛନ୍ତି ।

(DRDA) କେନ୍ଦୁଝର ଏବଂ (I. T. D. A.) କେନ୍ଦୁଝର ଏ ସଂସ୍ଥାକୁ ଆର୍ଥିକ ସାହାଯ୍ୟ କରୁଛନ୍ତି । ଗବେଷଣା ଓ ତାଲିମ ପାଇଁ ଆଉ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଛି ଏବଂ (UNICEF) କୁ ଆର୍ଥିକ ସାହାଯ୍ୟ ଦେବା ପାଇଁ ଅନୁରୋଧ କରାଯାଇଛି ।

ଉପରୋକ୍ତ ବିବରଣୀରୁ ଜଣାଯିବ ଅନୁନ୍ନତ ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ଜୁଆଙ୍ଗମାନଙ୍କର ଉନ୍ନତି ପାଇଁ ଏକ ସୁନ୍ଦର ପରିକଳ୍ପନା ପ୍ରସ୍ତୁତ ହୋଇଛି ଏବଂ ଏହା କାର୍ଯ୍ୟକାରୀ ହେଉଛି । ଏ ଯୋଜନାରୁ ଜୁଆଙ୍ଗମାନେ କିପରି ଉପକୃତ ହେଲେଣି ତାର କିଞ୍ଚିତ୍ ଆଭାସ ଆଗରୁ ଦିଆଯାଇଛି । ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ପୂର୍ଣ୍ଣ ପ୍ରାଣରେ ସହଯୋଗ କରିବା ଏବଂ ତାର ସୁଫଳ ଗ୍ରହଣ କରିବାକୁ ଅନୁନ୍ନତ ଜୁଆଙ୍ଗମାନଙ୍କର ମାନସିକ ବିକାଶ ସାଧନ କରାଯିବା ବିଧେୟ । ଯେଉଁ ତାଲିମ କାର୍ଯ୍ୟକ୍ରମ ପ୍ରବର୍ତ୍ତିତ କରାଯାଇ ପରିସ୍ଥଜନା ସଂସ୍ଥା ରୂପାୟିତ ହୋଇଛି ତାହା ଅତ୍ୟନ୍ତ ପ୍ରଭାବଶାଳୀ । ବିଶେଷତଃ ଏ ଯୋଜନାରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ସକ୍ରିୟ ଅଂଶ ଗ୍ରହଣ କରିଥିବାରୁ ସମସ୍ତଙ୍କର ପ୍ରଶଂସା ଭାଜନ ହୋଇପାରିଛି । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଆନ୍ତରିକତା ଫଳରେ ଏ ଯୋଜନା ବେଶ୍ ଅଗ୍ରଗତି କରିଛି । ହୁଏତ ଦିନ ଆସିବ ଯେତେବେଳେ ଏଇ ଅନୁନ୍ନତ ଅବହେଳିତ ଜୁଆଙ୍ଗମାନେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ କ୍ଷେତ୍ରରେ ସଫଳତା ହାସଲ କରି ସୁଖ ସ୍ୱାଚ୍ଛନ୍ଦ୍ୟରେ ଜୀବନଯାପନ କରିବା ସଙ୍ଗେ ସଙ୍ଗେ ଦେଶ ଓ ଦଶର କଲ୍ୟାଣ ସାଧନ କରିବେ । ତାଙ୍କରି ଭିତରୁ ହୁଏତ ଦିନେ ଜନ୍ମ ନେବେ ଅଗଣିତ ମନିଷୀ, ବୁଦ୍ଧିଜୀବୀ, ନେତା, ବୈଜ୍ଞାନିକ । ସେମାନଙ୍କ ଭିତରୁ ଆମେ ହୁଏତ ଦିନେ ଦେଖିବାକୁ ପାଇବା ଲିଙ୍କନ୍, ନେପୋଲିଅନ୍, ମହାତ୍ମା ଗାନ୍ଧୀ, ନେହେରୁ, ଲାଲବାହାଦୁର, ଇନ୍ଦିରାଗାନ୍ଧୀ, ଗୋପବନ୍ଧୁ ।

ଏଇ ଅନୁନ୍ନତ ଜୁଆଙ୍ଗମାନଙ୍କର ଉନ୍ନତି ବିଧାନ ପାଇଁ ଯେଉଁ କର୍ମଚାରୀମାନେ ଦାୟିତ୍ୱରେ ଅଛନ୍ତି ସେମାନେ ଆନ୍ତରିକତାର ସହିତ ଏଇ ଅଶିକ୍ଷିତ, ଦରିଦ୍ର, ଅନୁନ୍ନତ ଆଦିମାନବ ଜୁଆଙ୍ଗମାନଙ୍କର ସର୍ବାଙ୍ଗୀନ ସମୃଦ୍ଧି ସାଧନ କରିବା ଉଚିତ । ତେଣୁ ଏଇ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଯେଉଁମାନଙ୍କ ଉପରେ ଗୁରୁଦାୟିତ୍ୱ ଦିଆଯାଇଛି ସେମାନଙ୍କ ଉଦ୍ଦେଶ୍ୟରେ ମୁଁ ଆମେରିକାର ପ୍ରସିଦ୍ଧ କବି Robert Frost ଙ୍କ କବିତାର ଗୋଟିଏ ପଂକ୍ତି ଉଦ୍ଧାର କରି ଏ ପ୍ରବନ୍ଧ ଶେଷ କରୁଛି :

Only when love and need are one
And work is play for mortal stakes
Is the deed ever really done
For Heaven and for future sakes.

ଅତିରିକ୍ତ ଜିଲ୍ଲାପାଳ
ସମ୍ବଲପୁର

## ମାଣ....ଗୁଣ୍ଡ....ଡିସିମିଲ୍....

ବିଂଶସୂତ୍ରୀ ଅର୍ଥନୈତିକ କାର୍ଯ୍ୟକ୍ରମ ଅନୁଯାୟୀ ଗତମାସ ଶେଷ ସୁଦ୍ଧା ଭୂମିହୀନଙ୍କୁ ଘରଡିହ ଯୋଗାଣ ଓ ଅର୍ଥନୈତିକ ଦୁର୍ବଳ ଶ୍ରେଣୀ ଲୋକଙ୍କୁ ବାସଗୃହ ଯୋଗାଣ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ଦ୍ୱିତୀୟ ବୋଲି ଯୋଜନା କମିଶନଙ୍କ ସମୀକ୍ଷାରୁ ପ୍ରକାଶ । କେବଳ ବାସହୀନଙ୍କୁ ଘରଡିହ ଯୋଗାଣ କ୍ଷେତ୍ରରେ ଆମରାଜ୍ୟ ଧାର୍ଯ୍ୟ ଲକ୍ଷ୍ୟର ଶତକଡ଼ା ୨୧୧.୨ ଭାଗ ହାସଲ କରିଛି ।

ଦେଶର ବିଭିନ୍ନ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ଯୋଜନା କମିଶନ ଆମ ରାଜ୍ୟ ଗୃହ ନିର୍ମାଣ ସହାୟତା, ତଫସିଲଭୁକ୍ତ ଜାତି ପରିବାରଙ୍କୁ ଆର୍ଥିକ ସହାୟତା, ସହରତଳି ବସ୍ତି ଉନ୍ନୟନ, ବାୟୋଗ୍ୟାସ ପ୍ଲାଣ୍ଟ ସ୍ଥାପନ, ବୃକ୍ଷ ରୋପଣ ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କ୍ଷେତ୍ରରେ ଉଲ୍ଲେଖନୀୟ ସାଫଲ୍ୟ ହାସଲ କରିଛି ବୋଲି ମତ ଦେଇଛନ୍ତି ।

# ଓଡ଼ିଶାର ଐତିହ୍ୟ

**ଶ୍ରୀ ପଙ୍କଜ ସାହୁ**

ସାଗର ବିଧୌତ ଚରଣା-ବନଗିରି ନିର୍ଝର ଶୋଭନା ସୁଜଳା-ସୁଫଳା-ଶସ୍ୟ ଶ୍ୟାମଳା-କୀର୍ତ୍ତିକିରୀଟିନୀ-ମନ୍ଦିର-ମାଳିନୀ ଓଡ଼ିଶା ଆମର ପୁଣ୍ୟ ଜନ୍ମଭୂମି । ଏହି ଓଡ଼ିଶାର ଗୌରବାବହ ଅତୀତ ଚିରସ୍ମରଣୀୟ । ଦିନେ ଏହାର କଳେବର ଆଗଙ୍ଗା ଗୋଦାବରୀ ସୁବିସ୍ତୃତ ଥିଲା । ପୂର୍ବେ ଏହାର ଅଂଶ ବିଶେଷ ଓଡ୍ର, କଳିଙ୍ଗ ଓ ଉତ୍କଳ ନାମରେ ପ୍ରସିଦ୍ଧି ଅର୍ଜନ କରିଥିଲା । ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ଅତ୍ୟନ୍ତ ପ୍ରାଚୀନ ହେଲେ ହେଁ ସନ ୧୯୩୬ ମସିହା ଅପ୍ରେଲ ପହିଲା ପୂର୍ବରୁ ଭାରତ ବକ୍ଷରେ ଏହାର କୌଣସି ନିର୍ଦ୍ଦିଷ୍ଟ ରୂପରେଖ ନଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିପାଇଁ ଉତ୍କଳମଣି ଗୋପବନ୍ଧୁ ଯଥାର୍ଥରେ କହିଥିଲେ—

"ଭାରତେ ଉତ୍କଳ ମହାପୁଣ୍ୟ ଧାମ
ଭାରତ ପାଞ୍ଜିରେ ନ ଥିଲା ତା ନାମ ।"

ଓଡ଼ିଶାର ଧାରାବାହିକ ଅତୀତ ସମ୍ବନ୍ଧରେ ଅବଧାରଣା କରିବା ପାଇଁ ପୁରାଣ, ଶିଳାଲେଖ, ତାମ୍ରଶାସନ, କିମ୍ବଦନ୍ତୀ, ପ୍ରାଚୀନ ଗ୍ରନ୍ଥ ଓ ମାଦଳା ପାଞ୍ଜି ଇତ୍ୟାଦି ପ୍ରଧାନ ଉପାଦାନ ।

ପ୍ରାଚୀନ ଗ୍ରୀକ୍ ଲେଖକମାନେ ଓଡ଼ିଶାକୁ 'ରେଟେସ୍' ବୋଲି କହିଛନ୍ତି । ଗ୍ରୀକ୍‌ମାନଙ୍କର ରେଟେସ୍ ଓ ସଂସ୍କୃତ 'ଓଡ୍ର' ଶବ୍ଦ ଏକାର୍ଥବୋଧକ । ଉଭୟର ଅର୍ଥ 'ଶସ୍ୟ ଉତ୍ପାଦନକାରୀ ଦେଶ' । ବାସ୍ତବରେ ଓଡ଼ିଶା କୃଷକର ଦେଶରୂପେ ସର୍ବତ୍ର ପରିଚିତ । ସଂସ୍କୃତ ସାହିତ୍ୟରେ ବର୍ଣ୍ଣିତ ଓଡ୍ରଦେଶ ତନ୍ତ୍ର ସାହିତ୍ୟରେ ଉଡ୍ଡୀୟାନ ପୀଠ ନାମରେ ପ୍ରସିଦ୍ଧ । ଦେବୀ ପୀଠମାନଙ୍କ ମଧ୍ୟରେ ପ୍ରାଧାନ୍ୟ ଲାଭ କରିଥିବା ଚତୁଷ୍ପୀଠ ମଧ୍ୟରୁ ଉଡ୍ଡୀୟାନ ଅନ୍ୟତମ । ଏହି ପରିପ୍ରେକ୍ଷୀରେ ଶ୍ୟାମାର୍ଚ୍ଚନ ତରଙ୍ଗରେ କୁହାଯାଇଛି—

"ଉଡ୍ଡୀୟାନ ପୂର୍ଣ୍ଣଗିରି ଜାଳନ୍ଧର ସ୍ତଥୈବଚ
କାମରୂପ ଇତିଖ୍ୟାତଂ କୌଳପୀଠ ଚତୁଷ୍ଟୟମ୍ ।"

ପ୍ରୋକ୍ତ ପୀଠ ଚତୁଷ୍ଟୟ ମଧ୍ୟରେ ଉଡ୍ଡୀୟାନକୁ ପ୍ରଥମ ପୀଠରୂପେ ପ୍ରାଧାନ୍ୟ ଅର୍ପିତ କରି 'କାଳିକା ପୁରାଣ' କହେ—

"ଓଡ୍ରାଖ୍ୟଂ ପ୍ରଥମ ପୀଠଂ ଦ୍ୱିତୀୟ ଜାଳଶୈଳକମ୍
ତୃତୀୟ ପୂର୍ଣ୍ଣପୀଠନ୍ତୁ କାମରୂପଂ ଚତୁର୍ଥକମ୍ ।"

ବୌଦ୍ଧତନ୍ତ୍ରାନୁଯାୟୀ ତନ୍ତ୍ରଯାନର ଆବିର୍ଭୂମି ଉଡ୍ଡୀୟାନ ପୀଠ । ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀ ଓ ଡଃ ବିନୟତୋଷ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଏହି ଉଡ୍ଡୀୟାନ ପୀଠ ବା ଓଡ୍ରପୀଠକୁ ଓଡ଼ିଶା ବୋଲି ମତ ପ୍ରଦାନ କରିଛନ୍ତି । ପୁନଶ୍ଚ ଦକ୍ଷିଣ ଆର୍କଟ ଜିଲ୍ଲାର ଜମ୍ବାଇ ଶିବ ମନ୍ଦିରରେ ସଂରକ୍ଷିତ ଶିଳାଲେଖରେ ଓଡ଼ିଶାକୁ ଉଡ୍ଡୀୟାନ ପୀଠରୂପେ ଉତ୍କୀର୍ଣ୍ଣ କରାଯାଇ ଥିବାର ପ୍ରମାଣ ମିଳେ । ଏହି ଓଡ୍ରଦେଶର ସୀମା ନିର୍ଦ୍ଦିଷ୍ଟ କରାଯାଇ ଶାସ୍ତ୍ରୋକ୍ତି ରହିଛି—

"ବୈତରଣୀ ତଟାରଭ୍ୟ ଯାବତ୍ ମହେନ୍ଦ୍ର ପର୍ବତମ୍
ତାବତ୍ ଭୂମି ସୁବିଖ୍ୟାତଂ ଓଡ୍ର ନାମାତି ଶୋଭନା" ।

ଅର୍ଥାତ୍ ବୈତରଣୀ ନଦୀ ଓ ମହେନ୍ଦ୍ର ପର୍ବତ ମଧ୍ୟବର୍ତ୍ତୀ ସୁବିସ୍ତୃତ ଅଞ୍ଚଳ ଓଡ୍ର ଦେଶ ନାମରେ ସୁବିଖ୍ୟାତ । ପୁନଶ୍ଚ ଓଡ୍ର ଦେଶର ଅବସ୍ଥିତି ତଥା ପ୍ରସିଦ୍ଧି ଘୋଷଣା କରାଯାଇ 'ବ୍ରହ୍ମାଣ୍ଡ ପୁରାଣ'ରେ କୁହାଯାଇଛି—

"ତତ୍ରାସ୍ତେ ଭାରତ ବର୍ଷେ ଦକ୍ଷିଣୋଦଧି ସଂସ୍ଥିତଃ
ଓଡ୍ରଦେଶଃ ଇତିଖ୍ୟାତଃ ସର୍ବମୋକ୍ଷ ପ୍ରଦାୟକଃ
ସମୁଦ୍ରାଦୁତ୍ତର ତୀରେ ଯାବତ୍ ବିରଜା ମଣ୍ଡଳମ୍ ।"

ଅର୍ଥାତ୍ ଦକ୍ଷିଣ ସମୁଦ୍ରଠାରୁ ବିରଜାମଣ୍ଡଳ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳ ସର୍ବମୋକ୍ଷ ପ୍ରଦାନକାରୀ ଓଡ୍ରଦେଶ ନାମରେ ପ୍ରସିଦ୍ଧ । ଅନ୍ୟ କେତେକ ଶାସ୍ତ୍ରରେ ଓଡ୍ରଦେଶର ସୀମା ବୈତରଣୀ ନଦୀଠାରୁ ବଂଶଧାରା ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲାବୋଲି କୁହାଯାଇଛି । ଚନ୍ଦ୍ରବଂଶୀୟ ରାଜା ଓଡ୍ର ପାଣ୍ଡବମାନଙ୍କୁ ହସ୍ତୀଦନ୍ତ ଉପଢୌକନ ଦେଇଥିବା ବିବରଣୀ ମହାଭାରତରେ ସ୍ଥାନ ପାଇଛି । ଏହି ଓଡ୍ର ରାଜବଂଶୀୟମାନେ ଓଡ଼ିଶାର ଅଧିବାସୀ । ଓଡ୍ର ପାଇକମାନଙ୍କର ଦ୍ୱୈତ ଭୂମିକା ଥିଲାବୋଲି ପ୍ରମାଣ ମିଳେ । ସେମାନେ କୃଷି କରିବା ଏବଂ ଦେଶରକ୍ଷା ପାଇଁ ଯୁଦ୍ଧ କରିବାରେ ମଧ୍ୟ ପାରଦର୍ଶିତା ଲାଭ କରିଥିଲେ । ଏହାହିଁ ହେଉଛି ଓଡ଼ିଆ ପାଇକମାନଙ୍କର ମୌଳିକ ବିଶେଷତ୍ୱ । ଶାସ୍ତ୍ରୀଜୀଙ୍କର 'ଜୟ ଯବାନ୍-ଜୟ କିଶାନ୍' ଧ୍ୱନିର ସମନ୍ୱିତ ବିଗ୍ରହ ଥିଲେ ଓଡ଼ିଆ ଖଣ୍ଡାୟତମାନେ । ସର୍ବୋପରି ସର୍ବ ପାପହର ଓଡ୍ର ଦେଶ ଦେବତାମାନଙ୍କଦ୍ୱାରା ପ୍ରତିଷ୍ଠିତ ବୋଲି ନିମ୍ନ ଉଦ୍ଧୃତିରୁ ସ୍ପଷ୍ଟ ପ୍ରମାଣିତ । ଯଥା—

"ସର୍ବ ପାପହରଂ ଦେଶ ମୋଡ୍ରଂ ଦେବୈସ୍ତୁ କଳ୍ପିତମ୍ ।"

ଖ୍ରୀଷ୍ଟୀୟ ସପ୍ତମ ଶତକରେ ବଜ୍ରଯାନୀ ବୌଦ୍ଧରାଜା ଇନ୍ଦ୍ରଭୂତି, ଓଡ୍ଡୀୟାନର ରାଜା ଥିଲେ ବୋଲି ସ୍ୱପ୍ରଣିତ 'ଜ୍ଞାନସିଦ୍ଧି' ଗ୍ରନ୍ଥରେ ବର୍ଣ୍ଣନା କରିଛନ୍ତି । ଏହି ଓଡ୍ଡୀୟାନ୍ ଓଡ୍ରପୀଠ ବା ଓଡ଼ିଶା ବୋଲି ହିନ୍ଦୁତନ୍ତ୍ରରେ ଉଲ୍ଲେଖ କରାଯାଇଛି ।

କଳିଙ୍ଗ ଓଡ଼ିଶାର ପ୍ରାଚୀନ ନାମ । ବର୍ତ୍ତମାନ ଭାରତ ମାନଚିତ୍ରରେ କଳିଙ୍ଗର ନାମୋଲ୍ଲେଖ ନଥିଲେ ମଧ୍ୟ ଅତୀତରେ ପ୍ରାୟ ସମସ୍ତ ଯୁଗରେ କଳିଙ୍ଗର ଅସ୍ତିତ୍ୱ ବିଭିନ୍ନ ପ୍ରାଚୀନ ସାହିତ୍ୟରେ ସ୍ୱୀକୃତ । ବିଦର୍ଭ, କଳିଙ୍ଗ ଓ ଅନ୍ଧ୍ର ଏକ ସମୟରେ ସ୍ଥାପିତ ହୋଇଥିବାରୁ 'ଐତରେୟ ବ୍ରାହ୍ମଣରେ'ଏଇ ତିନିରାଜ୍ୟର ନାମ ଏକତ୍ର ସନ୍ନିବେଶ କରାଯାଇଛି । ଭୋଜ ବଂଶର ଗୟାସୁର ଉପାଖ୍ୟାନାନୁଯାୟୀ ଏହି ବଂଶ ଅଙ୍ଗ, ବଙ୍ଗ ଓ କଳିଙ୍ଗ ରାଜ୍ୟ ସ୍ଥାପନ କରିଥିବାର ଜଣାଯାଏ । କଳିଙ୍ଗ ରାଜ୍ୟର ନାମକରଣ ତଥା ଉତ୍ପତ୍ତି ସମ୍ବନ୍ଧରେ ଅନେକ ମତ ପ୍ରକାଶ ପାଇଥାଏ । ବଳିରାଜାଙ୍କ ସ୍ତ୍ରୀ ସୁଦେଷ୍ଣା ଗର୍ଭ ସମ୍ଭୂତ ପଞ୍ଚପୁତ୍ର ନାମାନୁସାରେ ସେମାନଙ୍କ ଶାସିତ ରାଜ୍ୟ ଯଥାକ୍ରମେ ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁହ୍ମ ନାମରେ ନାମିତ ହୋଇଅଛି । ରାମାୟଣରେ କଳିଙ୍ଗ ଓ କୁଳିଙ୍ଗ ରାଜ୍ୟର ନାମୋଲ୍ଲେଖ ପରିଦୃଷ୍ଟ ହୁଏ । ଭରତ ମାତୁଳାଳୟରୁ ପ୍ରତ୍ୟାବର୍ତ୍ତନ କାଳରେ ଗୋମତୀ ନଦୀ ପାରିହୋଇ କଳିଙ୍ଗରେ ପ୍ରବେଶ କରିଥିଲେ । ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ରାମାୟଣ ଯୁଗରେ ଗୋମତୀ ନଦୀ ଓ ଅଯୋଧ୍ୟା ମଧ୍ୟରେ କଳିଙ୍ଗ ଅବସ୍ଥିତ ଥିଲା । ତ୍ରେତା ଯୁଗରେ କପିଶା ନଦୀ ଓ ମହେନ୍ଦ୍ର ପର୍ବତ ସୀମା ମଧ୍ୟରେ କଳିଙ୍ଗ ଅବସ୍ଥିତ ଥିଲା । ତେଣୁ ପରବର୍ତ୍ତୀ କାଳରେ କଳିଙ୍ଗାଧିପତି ମହେନ୍ଦ୍ରାଧିପତି ନାମରେ ପରିଚିତ ଥିଲେ । ମହାଭାରତର ବର୍ଣ୍ଣନାରୁ ଜଣାଯାଏ—

"ଏତେ କଳିଙ୍ଗାଃ କୌନ୍ତେୟ ଯତ୍ର ବୈତରଣୀ ନଦୀ
ଯତ୍ରାଯେଜତ୍ ଧର୍ମୋପି ଦେବାନ୍ଶରଣ ମେତ୍ୟବୈ ।"

ଏହି ଉଦ୍ଧୃତିରୁ କଳିଙ୍ଗର ସୀମା ବୈତରଣୀ ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିବାର ସୂଚନା ମିଳେ । ଦୁର୍ଯ୍ୟୋଧନ କଳିଙ୍ଗରାଜ ଚିତ୍ରାଙ୍ଗଦ କନ୍ୟାର ପାଣିଗ୍ରହଣ କରିଥିବାରୁ ମହାଭାରତ ଯୁଦ୍ଧରେ କଳିଙ୍ଗରାଜ ଶ୍ରତାୟୁଧ ଛଅହଜାର ରଥ ଓ ଦଶହଜାର ହସ୍ତୀସହ କୁରୁପତି ଦୁର୍ଯ୍ୟୋଧନ ସପକ୍ଷରେ ଯୁଦ୍ଧ କରିଥିବାର ପ୍ରମାଣ ମିଳେ । ତତ୍କାଳୀନ କଳିଙ୍ଗର ରାଜଧାନୀ ରାଜମହେନ୍ଦ୍ରୀ ଥିଲା ଏବଂ ରାଜମହେନ୍ଦ୍ରୀ କଳିଙ୍ଗପଟ୍ଟନ, ବିଶାଖାପଟ୍ଟନ ଓ ମହେନ୍ଦ୍ର ପର୍ବତ ପାର୍ଶ୍ୱବର୍ତ୍ତୀ ଭୂଖଣ୍ଡ କଳିଙ୍ଗ ରାଜ୍ୟ ଅନ୍ତର୍ଭୁକ୍ତ ଥିଲା ।

"ଅଙ୍ଗାଶ୍ଚ କଳିଙ୍ଗ ସ୍ତାମ୍ରଲିପ୍ତକାଃ"—'ହରିବଂଶର' ଉକ୍ତ ଉଦ୍ଧୃତିରୁ ତାମ୍ରଲିପ୍ତ ନିକଟରେ କଳିଙ୍ଗର ଅବସ୍ଥିତି ସୂଚିତ ହୋଇଥାଏ । "ଓଡ୍ରଦେଶାଦୁତ୍ତରେ ଚ କଳିଙ୍ଗୋ ବିସ୍ତୃତୋ ଭୁବି"—'ଦିଗ୍‌ବିଜୟ' ପ୍ରକାଶ ନାମକ ଗ୍ରନ୍ଥରୁ ଉକ୍ତ ଦେଶର ଉତ୍ତରଭାଗରେ କଳିଙ୍ଗ ଅବସ୍ଥିତ ଥିବାର ଜଣାଯାଏ । "ଉତ୍କଳା, ଦର୍ଶିତ ପଥଃ କଳିଙ୍ଗାଭିମୁଖୀ ଯଯୌ"—'ରଘୁବଂଶ'ର ଉକ୍ତ ବର୍ଣ୍ଣନାନୁସାରେ ସୂର୍ଯ୍ୟବଂଶୀ ରଘୁ ଦିଗ୍‌ବିଜୟ କାଳରେ କପିଶା (କାଂସବାଂଶ)ନଦୀ ଅତିକ୍ରମ କଲାପରେ ଉତ୍କଳ ଦର୍ଶିତ ପଥ କଳିଙ୍ଗରେ ପ୍ରବେଶ କରିଥିଲେ ବୋଲି ଉଲ୍ଲେଖ କରାଯାଇଛି । 'ଆର୍ଯ୍ୟ ମଂଜୁଶ୍ରୀ ମୂଳକଳ୍ପ'ରେ କଳିଙ୍ଗଦେଶ ପ୍ରସଙ୍ଗରେ ବର୍ଣ୍ଣିତ ଅଛି—

"ଶ୍ରୀପର୍ବତେ ତଦାଦେଶେ ବିନ୍ଧ୍ୟକୁକ୍ଷି ନିବାସୟୋ
ଦ୍ୱୀପେଷୁ ଏବ ଚ ସର୍ବତ୍ର କଳିଙ୍ଗୋଦେଶୁ କୀର୍ତ୍ତ୍ୟତେ" ।

ପଦ୍ମପୁରାଣରେ ପୃଥିରାଜ ବ୍ରାହ୍ମଣମାନଙ୍କୁ କଳିଙ୍ଗରାଜ୍ୟ ଦାନ କରିଥିଲେ ବୋଲି ଉଲ୍ଲେଖ ଅଛି ।

ନଦୀ ଉପତ୍ୟକା ସଭ୍ୟତା ଯୁଗରୁ କଳିଙ୍ଗବାସି ବୃହତ୍‌କାୟପୋତ ସାହାଯ୍ୟରେ ସୁଦୂର ଚୀନ, ଜାପାନ, ଶ୍ୟାମ, ବ୍ରହ୍ମଦେଶ, ସିଂହଳ, ଯାଭା, ସୁମାତ୍ରା, ବୋର୍ଣ୍ଣିଓ ପ୍ରଭୃତି ଦ୍ୱୀପରେ ବାଣିଜ୍ୟ ବ୍ୟବସାୟ କରି ଦେଶକୁ ବିଭବଶାଳୀ କରିବା ସଙ୍ଗେ ସଙ୍ଗେ ପରସ୍ପର ଦେଶ ମଧ୍ୟରେ ସଭ୍ୟତା ଓ ସଂସ୍କୃତିର ବିନିମୟ ସାଧନ କରିଥିଲେ । ଏହାର ସ୍ମାରକୀସ୍ୱରୂପ ଆଜି ଓଡ଼ିଆମାନେ କାର୍ତ୍ତିକ ପୂର୍ଣ୍ଣମୀରେ ବୋଇତ ବନ୍ଦାଣ ଉତ୍ସବ ମହାସମାରୋହରେ ପାଳନ କରିଥାନ୍ତି । କଳିଙ୍ଗ ସାଧବଙ୍କ ବୋଇତ ବାଣିଜ୍ୟ ନିମିତ୍ତ ବର୍ତ୍ତମାନର ବଙ୍ଗୋପସାଗର ତତ୍କାଳରେ କଳିଙ୍ଗସାଗର ନାମରେ ପ୍ରସିଦ୍ଧି ଅର୍ଜ୍ଜନ କରିଥିଲା ।

ଖ୍ରୀ:ପୂ: ସପ୍ତମ ଶତାବ୍ଦୀରେ କଳିଙ୍ଗ ଏକ ସମୃଦ୍ଧିଶାଳୀ ରାଜ୍ୟ ଥିବାର ପ୍ରମାଣ ବୌଦ୍ଧ ଓ ଜୈନ ଧର୍ମଗ୍ରନ୍ଥରୁ ମିଳିଥାଏ । ଖ୍ରୀ: ପୂ: ତୃତୀୟ ଓ ଦ୍ୱିତୀୟ ଶତାବ୍ଦୀରେ କଳିଙ୍ଗର ଅଧିବାସୀ ପାରସ୍ୟ, ଚୀନ, ତିବ୍ବତ ଓ ବାଲିଦ୍ୱୀପରେ ବସତି ସ୍ଥାପନ କରିଥିବାର ପ୍ରମାଣ ମିଳେ । ବୌଦ୍ଧଯୁଗରେ ଉରୁବେଳଠାରେ କଳିଙ୍ଗ ବଣିକ ତପସୁ ଓ ଭଲ୍ଲିକଙ୍କୁ ବୁଦ୍ଧଦେବ ସର୍ବପ୍ରଥମେ ଧର୍ମତତ୍ତ୍ୱ ପ୍ରଦାନକରି ସେମାନଙ୍କଠାରୁ ଖାଦ୍ୟଗ୍ରହଣ କରିଥିଲେ । ପୁଣି ବୁଦ୍ଧଦେବଙ୍କ ମହାପରିନିର୍ବାଣ ସମୟରେ ବିଜୟନାମକ କଳିଙ୍ଗ ରାଜପୁତ୍ର ଲଙ୍କା ଅଧିକାର କରିଥିବା କଥା ଦ୍ୱୀପବଂଶ ଓ ମହାବଂଶ ପ୍ରଭୃତି ବୌଦ୍ଧ ଜାତକରେ ଉଲ୍ଲେଖ ଅଛି । ଖ୍ରୀ: ପୂ: ୨୬୧ରେ ସଂଘଟିତ ଐତିହାସିକ 'କଳିଙ୍ଗ ଯୁଦ୍ଧ' ସମ୍ରାଟ ଚଣ୍ଡାଶୋକଙ୍କୁ ପ୍ରିୟଦର୍ଶୀ ଧର୍ମାଶୋକରେ ପରିଣତ କରିପାରିଥିଲା । ତତ୍କାଳୀନ କଳିଙ୍ଗର ରାଜଧାନୀ ଥିଲା ତୋଷାଳୀ । ସର୍ବୋପରି ଚୈତ୍ରବଂଶୀୟ ଶ୍ରେଷ୍ଠ ସମ୍ରାଟ ଐର ଖାରବେଳ ଖ୍ରୀ. ପୂ: ୧୮୩ରେ କଳିଙ୍ଗ ସିଂହାସନ ଆରୋହଣ କରି ୧୪ ବର୍ଷ ରାଜତ୍ୱକାଳରେ କଳିଙ୍ଗର ସୀମା ଉତ୍ତରରେ ମଥୁରାଠାରୁ ଦକ୍ଷିଣରେ କୁମାରିକା ପର୍ଯ୍ୟନ୍ତ ପରିବ୍ୟାପ୍ତକରି ଏକ ବିଶାଳ ସାମ୍ରାଜ୍ୟର ଶାସକରୂପେ ନିଜକୁ ଅବସ୍ଥାପିତ କରିପାରିଥିଲେ । ଶିଶୁପାଳଗଡ଼ ଖାରବେଳଙ୍କ ରାଜଧାନୀ ଥିଲାବୋଲି ଐତିହାସିକମାନେ ମତ ପ୍ରଦାନ କରିଥା'ନ୍ତି । ତାଙ୍କଦ୍ୱାରା ଖୋଦିତ ଖଣ୍ଡଗିରି ଶିଳାଲିପିରେ କଳିଙ୍ଗ ନାମ ତିନିଥର ଉତ୍କୀର୍ଣ୍ଣ ହୋଇଅଛି । ସପ୍ତମ ଶତାବ୍ଦୀର ଚୀନ

ପରିବ୍ରାଜକ ହୁଏନ୍‌ସାଂ ତାଙ୍କର ଭାରତ ଭ୍ରମଣ ବିବରଣୀରେ ବର୍ଣ୍ଣାଇଛନ୍ତି ଯେ ଗଞ୍ଜାମ (କଙ୍ଗୁଡୋ)ଠାରୁ ୨୦୦—୩୦୦ ମାଇଲ ଦୂରରେ କଳିଙ୍ଗ ଅବସ୍ଥିତ । ସେ କଳିଙ୍ଗର ତତ୍‌କାଳୀନ ରାଜଧାନୀ 'କିଂ-ଏଲିଙ୍ଗିଆ'ରେ ଅବସ୍ଥାନ କରୁଥିଲେ ମଧ୍ୟ ଶ୍ରୀକାକୋଲ ବା ଚିକାକୋଲ କଳିଙ୍ଗର ପ୍ରାଚୀ ରାଜଧାନୀ ଥିଲା ବୋଲି ବର୍ଣ୍ଣନା କରିଛନ୍ତି । ଉପର୍ଯ୍ୟୁକ୍ତ ପର୍ଯ୍ୟାଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ କଳିଙ୍ଗ କେତେବେଳେ ଗଙ୍ଗାତୀରସ୍ଥ ନବଦ୍ୱୀପକୁ ଗ୍ରାସକରିଛି ତ କେତେବେଳେ ଆରାକାନ୍ ପର୍ବତ ପର୍ଯ୍ୟନ୍ତ ଅଙ୍ଗ ବିସ୍ତାର କରିପାରିଛି ।

ପ୍ରାଚୀନ ଶିଳାଲିପିରେ ତ୍ରିକଳିଙ୍ଗ ନାମ ଦେଖାଯାଏ । ପ୍ଲିନି ସାହେବ କଳିଙ୍ଗୀ, ମୋଦୋଗଲିଙ୍ଗମ ଓ ମକ୍‌କୋ-କଳିଙ୍ଗୀକୁ ତ୍ରିକଳିଙ୍ଗ ନାମରେ ଅଭିହିତ କରିଛନ୍ତି । ଐତିହାସିକ ରାଜେନ୍ଦ୍ର ଲାଲ ମିତ୍ର ମୋଦୋଗଲିଙ୍ଗମକୁ ମଧ୍ୟ କଳିଙ୍ଗ ବୋଲି ପ୍ରମାଣ କରିଛନ୍ତି । ଶିଳାଲିପି, ବୌଧାୟନସୂତ୍ର, ମନୁସଂହିତା, ରାମାୟଣ, ମହାଭାରତ, ହରିବଂଶ ଓ ଶକ୍ତିସଙ୍ଗମ ତନ୍ତ୍ର ପ୍ରଭୃତି ବହୁ ପ୍ରାଚୀନ ପୁରାଣ ଶାସ୍ତ୍ରରେ କଳିଙ୍ଗର ନାମୋଲ୍ଲେଖ ଥିବାରୁ କଳିଙ୍ଗର ସ୍ଥିତି ସବୁଯୁଗରେ ସ୍ୱୀକୃତ । ଏହି କଳିଙ୍ଗର ଐତିହ୍ୟରେ ଉଦ୍‌ବୁଦ୍ଧହୋଇ ଶିଳ୍ପପତି ଶ୍ରୀ ବିଜୟାନନ୍ଦ ପଟ୍ଟନାୟକ ୧୯୫୨ ଖ୍ରୀଷ୍ଟାବ୍ଦରୁ UNESCO ଜରିଆରେ ବୈଜ୍ଞାନିକ ଗବେଷଣାପାଇଁ ପ୍ରତିବର୍ଷ ଏକହଜାର ପାଉଣ୍ଡ ମୂଲ୍ୟର ଏକ ପୁରସ୍କାର ପ୍ରଦାନ କରିଆସୁଛନ୍ତି ଯାହାକି "କଳିଙ୍ଗ ପୁରସ୍କାର"ରୂପେ ବିଶ୍ୱ ପ୍ରସିଦ୍ଧ

ତ୍ରିକଳିଙ୍ଗ ମଧ୍ୟରୁ ଉତ୍ତର କଳିଙ୍ଗ ବା ଉତ୍‌କଳିଙ୍ଗ କାଳକ୍ରମେ ଉତ୍‌କଳ ନାମରେ ପରିଣତ ହୋଇଥିବା ସମ୍ଭବ । ଉତ୍‌କଳ ଭାରତବର୍ଷର ଏକ ସୁପ୍ରାଚୀନ ରାଜ୍ୟ । ଏହି ନାମକରଣ ଶାସ୍ତ୍ରୀୟ ତଥା ସଂସ୍କୃତି-ମୂଳକ ମନେହୁଏ । କଳାବିଦ୍ୟାରେ ଉତ୍‌କର୍ଷ ସାଧନ କରିଥିବାରୁ ଏହି ରାଜ୍ୟର ନାମକରଣ ଉତ୍‌କଳ ହୋଇଅଛି । ଏଣୁ ଯଥାର୍ଥରେ କୁହାଯାଇଛି-"ଉଦ୍‌ଗତା ଅଭ୍ୟୁନ୍ନତିଂ ପ୍ରାପ୍ତା କଳା ଯସ୍ୟ ସଃ ଉତ୍‌କଳୋନାମ ଦେଶଃ" ଉତ୍‌କଳ ଏକ ପ୍ରାଚୀନ ନାମ ଯାହାକି ଶାସ୍ତ୍ରକାବ୍ୟାଦିରେ ପରିପୁଷ୍ଟ ହୋଇଥାଏ । "ଉତ୍‌କୃଷ୍ଟାଃ କଳାଃ ଯସ୍ମିନ୍ ସଃ ଉତ୍‌କଳ" ପ୍ରାଚୀନ ସ୍କନ୍ଦ ପୁରାଣୋକ୍ତ ଉତ୍‌କଳଖଣ୍ଡର ଉକ୍ତ ଉଦ୍ଧୃତିରୁ ଉତ୍‌କଳ ଏକ ଉତ୍‌କୃଷ୍ଟ କଳା ସମନ୍ୱିତ ଦେଶବୋଲି ଜଣାଯାଏ । ବାସ୍ତବିକ୍ ଯେଉଁ ଦେଶର କଳାକୁଶଳତା ଉତ୍‌କୃଷ୍ଟ ତାହାର ନାମ ଉତ୍‌କଳ ହେବା ସ୍ୱାଭାବିକ୍ । ପୁନଶ୍ଚ ଉତ୍‌କାନଲତି ଅନୁଗ୍ରହଣାତୀତି ଉତ୍‌କଳଃ"— ଅର୍ଥାତ୍ ଧର୍ମ ବିଷୟରେ ଉତ୍‌କଣ୍ଠିତ ଜିଜ୍ଞାସୁମାନଙ୍କୁ ଅନୁଗୃହୀତ କରୁଥିବା ହେତୁ ଏହି ଦେଶକୁ ଉତ୍‌କଳ କୁହାଯାଉଥିଲା ।

'ମତ୍ସ୍ୟପୁରାଣ' ବର୍ଣ୍ଣନାନୁସାରେ ବୈବସ୍ୱତ ମନୁଙ୍କ ପୁତ୍ର ଇଳ ଔରସ ଜାତ ତିନି ପୁତ୍ର ମଧ୍ୟରୁ ଉତ୍‌କଳ ଅନ୍ୟତମ । ତାଙ୍କ ନାମାନୁସାରେ ତାଙ୍କ ଶାସିତ ଭୂଖଣ୍ଡର ନାମ ଉତ୍‌କଳ ହୋଇଥିଲା । ଦୁଷ୍ମନ୍ତ-ଶକୁନ୍ତଳାଙ୍କ ପୁତ୍ର ଭରତଙ୍କ ନାମାନୁସାରେ ଆମ ଦେଶର ନାମ ଯେତେବେଳେ ଭାରତବର୍ଷ ହୋଇପାରିଛି ; ତେବେ ଇଳ ପୁତ୍ର ଉତ୍‌କଳଙ୍କ ନାମାନୁସାରେ ଏହି ରାଜ୍ୟର ନାମକରଣ ଅଯଥାର୍ଥ ହେବ କାହିଁକି ? ପ୍ରାସଙ୍ଗିକତା ଦୃଷ୍ଟିରୁ ଉତ୍‌କଳର ପ୍ରଶସ୍ତି ଗାଇ ପାରିଥିବା 'କପିଳ ସଂହିତା'ର ନିମ୍ନ ଉଦ୍ଧୃତି ଅନୁଧେୟ । ଯଥା "ବର୍ଷାଣାଂ ଭାରତଃ ଶ୍ରେଷ୍ଠୋ ଦେଶାନାମୁତ୍‌କଳଃ ଶ୍ରୁତଃ ଉତ୍‌କଳସ୍ୟ ସମୋ ଦେଶୋ ଦେଶୋନାସ୍ତି ମହୀତଳେ ।"

ପୁନଶ୍ଚ ସୁଦ୍ୟୁମ୍ନଙ୍କର ଉତ୍‌କଳ, ଗୟ, ବିନତାଶ୍ୱ (ବିଶାଳ) ନାମରେ ତିନି ପୁତ୍ର ଥିବା 'ହରିବଂଶ'ରେ ବର୍ଣ୍ଣିତ ଅଛି । ଉତ୍‌କଳଙ୍କ ଦ୍ୱାରା ଶାସିତ ରାଜ୍ୟର ନାମ ଉତ୍‌କଳ ହୋଇଅଛି । ନିମ୍ନ ଉଦ୍ଧୃତିରେ ଏହାର ସତ୍ୟତା ପ୍ରତିପାଦିତ । ଯଥା—

"ସୁଦ୍ୟୁମ୍ନସ୍ୟ ଦାୟାଦାସ୍ତ୍ରୟଃ ପରମଧାର୍ମିକାଃ
ଉତ୍‌କଳଶ୍ଚ ଗୟଶ୍ଚୈବ ବିନତାଶ୍ୱ ଶ୍ଚ ଭାରତଃ ।
ଉତ୍‌କଳ ସ୍ୟୋତ୍‌କଳା ରାଜନ୍ ବିନତାଶ୍ୱସ୍ୟ ପଶ୍ଚିମା
ଦିକ୍‌ପୂର୍ବା ଭାରତଶ୍ରେଷ୍ଠୋ ଗୟସ୍ୟ ତୁ ଗୟାପୁରୀ "

ସର୍ବୋପରି 'ସ୍କନ୍ଦ ପୁରାଣ' ବିଷ୍ଣୁ ଖଣ୍ଡରେ ଉତ୍‌କଳର ସୀମା ନିର୍ଦ୍ଧାରଣ ପୂର୍ବକ କୁହାଯାଇଛି—

ନାନାଦ୍ରୁମ ଲତାକୀର୍ଣ୍ଣୈଃ ପର୍ବତୈଃ ସିନ୍ଧୁଭିଃ ବୃତଃ
ସ ଏଷୋ ଦେଶଃ ପ୍ରବରଃ ଉତ୍‌କଳାଖ୍ୟୋ ଦ୍ୱିଜୋତ୍ତମ ।୨୬
ଋଷିକୁଲ୍ୟାଂ ସମାସାଦ୍ୟ ଦକ୍ଷିଣୋଦଧି ଗାମିନୀମ
ସ୍ୱର୍ଣ୍ଣରେଖା ମହାନଦ୍ୟୋ ମଧ୍ୟେ ଦେଶଃ ପ୍ରତିଷ୍ଠିତ । ୨୭ ।

ଅର୍ଥାତ୍ ଦକ୍ଷିଣ ସମୁଦ୍ରଠାରୁ ଋଷିକୁଲ୍ୟା ନଦୀ ଓ ମହାନଦୀଠାରୁ ସୁବର୍ଣ୍ଣରେଖା ମଧ୍ୟରେ ଉତ୍‌କଳ ଅବସ୍ଥିତ । ପୁନଶ୍ଚ ଉତ୍‌କଳର ସୀମା ଉତ୍ତରରେ ଗୟା, ପୂର୍ବରେ ବଙ୍ଗଦେଶ ଓ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ବୋଲି ଶାସ୍ତ୍ରୀୟ ପ୍ରମାଣର ଅଭାବ ନାହିଁ । ଅନେକ ଅଭିଧାନ ଗ୍ରନ୍ଥ ଉତ୍‌କଳ ମାହାତ୍ମ୍ୟରେ ଉଲ୍ଲେଖ ଅଛି ଯେ "ଜଗନ୍ନାଥ ପ୍ରାନ୍ତଦେଶ ଉତ୍‌କଳ ପରିକୀର୍ତ୍ତିତଃ" ପ୍ରାଚୀନ ଉତ୍‌କଳ ଆଗଙ୍ଗା ଗୋଦାବରୀ ସୁବିସ୍ତୃତ ବୋଲି ଭୂରସୀ ପ୍ରମାଣ ରହିଛି । ବିନ୍ଧ୍ୟ ପର୍ବତର ଉତ୍ତରରେ ପଞ୍ଚଗୌଡ଼ ରାଜ୍ୟ ଗଠିତ ହୋଇଥିଲା । 'ସ୍କନ୍ଦ ପୁରାଣ'ର ବର୍ଣ୍ଣନା-ନୁସାରେ—

'ସାରସ୍ୱତା କାନ୍ୟକୁବ୍ଜା ଗୌଡ଼ ମୈଥିଳୀ କୌଳକାଃ
ପଞ୍ଚ ଗୌଡ଼ ଇତିଖ୍ୟାତା ବିନ୍ଧ୍ୟସ୍ୟୋତ୍ତର ବାସୀନଃ ।।

ଉକ୍ତ ପଞ୍ଚଗୌଡ଼ ମଧ୍ୟରେ ଉତ୍‌କଳ ଅନ୍ୟତମ । ଆଲେଚ୍ୟ ଓଡ୍ର, କଳିଙ୍ଗ, ଉତ୍‌କଳ ଓ ବର୍ତ୍ତମାନର ଓଡ଼ିଶା ମୂଳତଃ ଗୋଟିଏ ରାଜ୍ୟ । ଶାସ୍ତ୍ରୀୟ ପ୍ରମାଣା-ନୁସାରେ ପୁରା କାଳରେ ଗୋଟିକର ଅବସ୍ଥିତି ଅନ୍ୟ ମଧ୍ୟରେ ଉପଲବ୍ଧି ହେଉଥିଲା ତ କେତେବେଳେ

କୋଟିଏ ଅନ୍ୟଠାରୁ ସଂପୂର୍ଣ୍ଣ ପୃଥକ୍ ଥିଲା । ସେ ଯାହା ହେଉ ନା କାହିଁକି ଏହାର ଅଧିବାସୀ ଓଡ଼ିଆ । ଏ ଜାତିର ଜାତୀୟ ଗୌରବ ସ୍ୱକୀୟ ମହିମାରେ ମହିମାନ୍ୱିତ । ଏ ଓଡ଼ିଆମାନେ ଦ୍ରାବିଡ ନୁହନ୍ତି ଅନାର୍ଯ୍ୟ ନୁହନ୍ତି କି ଆର୍ଯ୍ୟ ମଧ୍ୟ ନୁହନ୍ତି । ଏମାନେ ସଂପୂର୍ଣ୍ଣଭାବେ ଓଡ଼ିଆ । ସେହି ପରିପ୍ରେକ୍ଷୀରେ ଏହାର କଳା, ସଂସ୍କୃତି ଧର୍ମ ଓ ରାଜନୀତି ସମୃଦ୍ଧ ତଥା ସ୍ୱତନ୍ତ୍ର । ତେଣୁ ଯଥାର୍ଥରେ ଉତ୍କଳର ମହତ୍ୱ ସମ୍ବନ୍ଧରେ ସମ୍ୟକ୍ ସୂଚନା ଦିଆଯାଇ କୁହାଯାଇଛି–

"ଯତ୍ର ନାଥୋ ଜଗନ୍ନାଥୋ ମହେନ୍ଦ୍ରୋପି କୁଳାଚଳଃ

ନଦୀ ମହାନଦୀ ଯତ୍ର ଉଦଧୀଶଃ ମହୋଦଧିଃ ।

ସ୍ୱର୍ଗଦ୍ୱାରଂ ଶବସ୍ଥାନଂ ଦ୍ରୁମ କଳ୍ପଦ୍ରୁମ ସଥା

ସ ଏବୋତ୍କଳଂ ଦେଶଂ ସେବତାଂ ଉତ୍କଳୈଃ ମହାନ୍ ।"

କେବଳ ସେତିକି ନୁହେଁ ମହାନତା ଓଡ଼ିଆ ସଂସ୍କୃତିର ପ୍ରତି ଛନ୍ଦେ ଛନ୍ଦେ ପ୍ରତିପାଦିତ । ଓଡ଼ିଆର ଠାକୁର ବଡ଼ ଠାକୁର, ଡାଣ୍ଡ ବାଣ୍ଡ ବଡ଼ ଦାଣ୍ଡ, ଦେଉଳ ବଡ଼ ଦେଉଳ, ପାଚେରୀ ମେଘନାଦ ପାଚେରୀ, ସୁପକାର ମହାସୁଆର, ପ୍ରସାଦ ମହାପ୍ରସାଦ । ଏହି ରାଜ୍ୟ ପ୍ରତିଷ୍ଠିତ ଦେବତା ଜଗତର ନାଥ ଜଗନ୍ନାଥ ହେଉଛନ୍ତି ଆନ୍ତର୍ଜାତିକ ଦେବତା । ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଶ୍ରେଷ୍ଠ ଅବଦାନ ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତି । ପୁନଶ୍ଚ ରତ୍ନଗିରି ପାହାଡ଼, ସୁବର୍ଣ୍ଣରେଖା ନଦୀ , ପାରାଦୀପ (ପାରଦଦ୍ୱୀପ) ବନ୍ଦର, ହୀରାକୁଦ (ହୀରକ-କୁଦ) ନଦୀବନ୍ଧ ଯୋଜନାର ନାମକରଣରୁ ଏ ରାଜ୍ୟର ମହାନତା ସୂଚିତ ହୋଇଥାଏ । ଏହି ଉତ୍କଳ ଅତୀତରେ ଓଡ଼ିଆ ଶୈଶବର ଶିଶୁଶଯ୍ୟା, ଯୌବନର ଉପବନ, ବାର୍ଦ୍ଧକ୍ୟର ବାରାଣସୀ ଓ ମୃତ୍ୟୁପରର ବୈକୁଣ୍ଠ ଥିଲା ।

ଏ ରାଜ୍ୟର ଗଜପତି ଦିନେ ଓଡ଼ିଆ ପାଇକର ସହାୟତାରେ ବିଭିନ୍ନ ରାଜ୍ୟ ଜୟକରି ବୀର ଶ୍ରୀଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ବୀରାଧି ବୀରବର ଉପାଧିରେ ଭୂଷିତ ହୋଇଥିଲେ । ଏହି ଉପାଧିରୁ ଅତୀତ ଓଡ଼ିଶାର ବୃହତ୍ କଳେବର ସମ୍ବନ୍ଧରେ ଅବଧାରଣା କରି ହୁଏ । ଷ୍ଟର୍ଲିଂ ସାହେବ ତାଙ୍କ ରଚିତ 'ଓଡ଼ିଶା ଇତିହାସ'ରେ ପ୍ରାଚୀନ ଓଡ଼ିଶାର ସୀମା ପୂର୍ବରେ ହୁଗୁଳୀଠାରୁ ପଶ୍ଚିମରେ ବିଶାଖାପାଟଣା ପର୍ଯ୍ୟନ୍ତ ଓ ଉତ୍ତରରେ ତ୍ରିବେଣୀ ଘାଟକୁମଠାରୁ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲାବୋଲି ଲେଖିଛନ୍ତି । ପ୍ରାଚୀନ ଏହି ବିଶାଳ କଳେବରା ଉତ୍କଳ ଆଜି କ୍ଷୀଣ କଳେବରା ଓଡ଼ିଶାରୂପେ ବିଦ୍ୟମାନ ।

ଏହି ବିଶାଳ ଓଡ଼ିଶାର ପ୍ରଥମ ଅଙ୍ଗଚ୍ଛେଦ ଘଟିଲା ୧୫୯୦ ଖ୍ରୀଷ୍ଟାବ୍ଦରେ । ଆକବରଙ୍କ ରାଜତ୍ୱକାଳରେ ହୁଗୁଳୀ ଓ ତତ୍ସନ୍ନିକଟବର୍ତ୍ତୀ ଦଶଗୋଟି ମାହାଲ ଓଡ଼ିଶାରୁ କାଟିନେଇ ବଙ୍ଗ ସହ ସାମିଲ କରାଗଲା । ବିଭିନ୍ନ ସମୟରେ କ୍ରମାଗତ ଅଙ୍ଗଚ୍ଛେଦ ୧୫୯୦ରୁ ଆରମ୍ଭହୋଇ ୧୯୦୫ ପର୍ଯ୍ୟନ୍ତ ଚାଲିଲା । ଏହି ଅଙ୍ଗଚ୍ଛେଦ ପାଇଁ ତତ୍କାଳୀନ ଓଡ଼ିଶାର ରାଜନୈତିକ ପାଣିପାଗ ହିଁ ମୁଖ୍ୟତଃ ଦାୟୀ ।

ଏହିପରି ନିରବଚ୍ଛିନ୍ନ ଅଙ୍ଗଚ୍ଛେଦ ଫଳରେ ଦିନେ ଭୂପୃଷ୍ଠରୁ ଓଡ଼ିଶାର ନାମ ଯେ ସମୂଳେ ଲୋପକରି ଦେବ ; ଏହି ଚିନ୍ତା କେତେକଣ ଓଡ଼ିଆପ୍ରେମୀଙ୍କ ମନରେ ଆବେଦନ ସୃଷ୍ଟିକଲା । ମାତୃଭାଷା ଓ ଜନ୍ମଭୂମିର ସୁରକ୍ଷାପାଇଁ ସେମାନେ ନିଃସ୍ୱାର୍ଥପର ଉଦ୍ୟମ ଆରମ୍ଭ କଲେ । ୧୮୬୨ ମସିହାରେ ମଧୁସୂଦନ ଦାସ ଓ ଗୌରୀଶଙ୍କର ରାୟଙ୍କ ନେତୃତ୍ୱରେ ସର୍ବ ପ୍ରଥମେ ଉତ୍କଳ ସଭା ପ୍ରତିଷ୍ଠିତ ହୋଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଦାବୀ ଉପସ୍ଥାପିତ ହେଲା । ୧୮୬୬ ପ୍ରଳୟଙ୍କରୀ ନଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଶାବାସୀ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ ହୋଇ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ଉଦ୍ୟମ ଚଳାଇଲେ । ଭାଷାର ସୁରକ୍ଷା ପାଇଁ ତତ୍କାଳରେ ଯେଉଁ ରାଜନୀତିଜ୍ଞ, ଯେଉଁ କବି, ନାଟ୍ୟକାର ତଥା ସାମ୍ବାଦିକମାନେ ନିଷ୍ଠାପର ଉଦ୍ୟମ କରିଥିଲେ ସେମାନେ ଆଜି ଏ ଜାତିର ନମସ୍ୟ । ୧୯୦୦ ଖ୍ରୀଷ୍ଟାବ୍ଦରେ ଲର୍ଡ କର୍ଜନ ପୁରୀ ଓ ଭୁବନେଶ୍ୱର ମନ୍ଦିରର ସ୍ଥାପତ୍ୟ ଦେଖି ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ସୁପାରିଶ କଲେ । ୧୯୦୩ ରେ ମଧୁସୂଦନ ଦାସଙ୍କଦ୍ୱାରା ଉତ୍କଳ ସମ୍ମିଳନୀ ଗଢ଼ାଯାଇ କଟକଠାରେ ମୟୂରଭଞ୍ଜ ମହାରାଜା ରାମଚନ୍ଦ୍ର ଭଞ୍ଜଦେଵଙ୍କ ସଭାପତିତ୍ୱରେ ପ୍ରଥମ ବୈଠକ କଟକଠାରେ ଅନୁଷ୍ଠିତ ହୋଇ ଭାରତ ସରକାରଙ୍କଠାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଦୃଢ଼ ଦାବୀ ଉପସ୍ଥାପିତ କଲା । ୧୯୦୫ରେ ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗିର ପାଟଣାକୁ ମଧ୍ୟପ୍ରଦେଶରୁ ଏବଂ ବାମଣ୍ଡା ଓ ଗାଙ୍ଗପୁରକୁ South Eastern Frontier Agency'ରୁ ଅଣାଯାଇ ଓଡ଼ିଶା ସହ ମିଶ୍ରଣ କରାଗଲା । ୧୯୧୨ ଖ୍ରୀଷ୍ଟାବ୍ଦରେ ବଙ୍ଗରୁ ପୃଥକ ହୋଇ ବିହାର-ଓଡ଼ିଶା ପ୍ରଦେଶ ଗଠିତ ହେଲା । ୧୯୩୦ରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଗୋଲଟେବୁଲ ବୈଠକରେ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଦାବୀ ଉପସ୍ଥାପିତ କଲେ । ଦୀର୍ଘ ଦିନର ପ୍ରଚେଷ୍ଟା ଫଳରେ ୧୯୩୬ ଅପ୍ରେଲ ପହିଲାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଆତ୍ମପ୍ରକାଶ କଲା । ୧୯୪୮ ଜାନୁଆରୀ ପହିଲାରେ ଗଡ଼ଜାତ ମିଶ୍ରଣ ଓ ୧୯୪୯ ଜାନୁଆରୀ ପହିଲାରେ ମୟୂରଭଞ୍ଜ ମିଶ୍ରଣ ପରେ ବର୍ତ୍ତମାନର ଓଡ଼ିଶା ପ୍ରଦେଶ ଗଠିତ ହୋଇଛି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ, ସୁନ୍ଦରଦେବ, କୃଷ୍ଣଚନ୍ଦ୍ର ଗଜପତି, ରାମଚନ୍ଦ୍ର ଦେବ ପ୍ରଭୃତିଙ୍କ ଭୂମିକା ଉଲ୍ଲେଖଯୋଗ୍ୟ । ଭାଷା ଭିତ୍ତିରେ ପ୍ରଦେଶ ଗଠନ କରାଯାଇଥିଲେ ମଧ୍ୟ ଅନେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏବେ ସୁଦ୍ଧା ପଡ଼ୋଶୀ ରାଜ୍ୟମାନଙ୍କ ସହ ମିଶି ରହିଛି । ବିଶେଷତଃ ଆମ୍ଭମାନଙ୍କର ନିଶ୍ଚେଷ୍ଟତା ତଥା ଉଦାସୀନତା ଯୋଗୁଁ ଓଡ଼ିଶା ଏବେ ମଧ୍ୟ ବିଖଣ୍ଡିତ କଳେବର ହୋଇ ରହିଛି ।

ସର୍ବୋପରି ଭାରତ ଏକ ସଂଘୀୟ ରାଷ୍ଟ୍ର ହୋଇଥିବାରୁ ପଡ଼ୋଶୀ ରାଜ୍ୟମାନଙ୍କରୁ ଓଡ଼ିଆ ଅଞ୍ଚଳ ଉଦ୍ଧାର କରିବା ସମ୍ଭବ ହୋଇ ପାରିନାହିଁ ।

ପ୍ରାଚୀନ ଉତ୍କଳର ଐତିହ୍ୟ ବିଶ୍ୱବାସୀଙ୍କୁ ଯୁଗପତ୍ ଆନନ୍ଦ ପ୍ରଦାନ କରିଆସିଛି । ଶୌର୍ଯ୍ୟ, ବୀର୍ଯ୍ୟ, ସମୃଦ୍ଧି ଓ ଗୌରବର ପ୍ରାଚୁର୍ଯ୍ୟ ମଧ୍ୟରେ ଉତ୍କଳ ଦିନେ ମହିମାଦୀପ୍ତ ଥିଲା । ଏହାର କାବ୍ୟକଳା ତଥା ଭାସ୍କର୍ଯ୍ୟକଳା ଅନ୍ୟତ୍ର ଦୁର୍ଲଭ । ଯେ କୌଣସି ଜାତିପକ୍ଷରେ ତା'ର ଜନ୍ମଭୂମି ତା'ର ସଂସ୍କୃତି ଓ ପରମ୍ପରା ଅତି ମହାନ୍ । ଏହି ପରିପ୍ରେକ୍ଷୀରେ ଉତ୍କଳୀୟ ଐତିହ୍ୟ ସମ୍ବନ୍ଧରେ ସ୍ମୃତି ଚାରଣ କରିବା ଅପ୍ରାସଙ୍ଗିକ ହେବ ନାହିଁ ।

ଉତ୍କଳର ଭାସ୍କର୍ଯ୍ୟ ଶିଳ୍ପର ମୂକସାକ୍ଷୀ ରୂପେ ଆଜି କୋଣାର୍କ ମନ୍ଦିର, ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର ଓ ରାଜାରାଣୀ ମନ୍ଦିର ଦଣ୍ଡାୟମାନ । ଏହାର ଶିଳ୍ପ ନୈପୁଣ୍ୟ ବିଶ୍ୱର ସୌନ୍ଦର୍ଯ୍ୟ ପ୍ରେମୀଙ୍କୁ ଆକୃଷ୍ଟ କରିଥାଏ । ଏଥିପାଇଁ ଲେଖକରତ୍ନ ଡଃ କୃଷ୍ଣବିହାରୀ ଦାଶ ଯଥାର୍ଥରେ କହିଛନ୍ତି "ବିଶ୍ୱ ମୁକୁଟେ କୀର୍ତ୍ତିକଳା ଯା ଭାସ୍କର ସମ ଭାସ୍ୱର" । ଧର୍ମପଦ ଏହି କୀର୍ତ୍ତି କିରୀଟିନୀ ଉତ୍କଳାକାଶରେ ଏକ ଜ୍ୟୋତିର୍ମୟ ଜ୍ୟୋତିଷ୍କ ।

ଉତ୍କଳୀୟ ଶୌର୍ଯ୍ୟ, ବୀର୍ଯ୍ୟର ପରିଚୟ ମିଳିଥାଏ ବାରବାଟି ଦୁର୍ଗରୁ । ଦେଶକୁ ବିଦେଶୀ ଶାସନରୁ ମୁକ୍ତ କରିବା ପାଇଁ ଯେଉଁ ପ୍ରଥିତ ଯଶା ଓଡ଼ିଆମାନେ ଜୀବନୋତ୍ସର୍ଗ କରି ଯାଇଛନ୍ତି ସେମାନଙ୍କ ମଧ୍ୟରେ ବାଜିରାଉତ, ଲକ୍ଷ୍ମଣ ନାଏକ, ସୁରେନ୍ଦ୍ରସାଏ, ବକ୍ସି ଜଗବନ୍ଧୁ ଓ ଋଷି ଖୁଣ୍ଟିଆ ସ୍ମରଣଯୋଗ୍ୟ । ଏହି ଉତ୍କଳର ସାରସ୍ୱତ କୀର୍ତ୍ତି ଆଜି ମଧ୍ୟ ଅନତିକ୍ରମ ହୋଇ ରହିଛି । "ଶୃଣନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ", ଯେଉଁ ସଂସ୍କୃତ ଭାଷା ଦିନେ ବିଶ୍ୱକୁ ସତ୍ୟ ଓ ତ୍ୟାଗର ଏହି ମହିମାମୟ ବାଣୀ ଶୁଣାଇଥିଲା ; ସେହି ସଂସ୍କୃତ ଭାଷାରେ ବ୍ୟୁତ୍ପତି ଅର୍ଜନ କରିଥିବା ଯଶସ୍ୱୀ ପ୍ରତିଭାମାନେ ଉତ୍କଳରେ ଜନ୍ମଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ କବି ଜୟଦେବ, ନାଟ୍ୟକାର ମୁରାରୀ ମିଶ୍ର, କାବ୍ୟକାର କୃଷ୍ଣାନନ୍ଦ, ଆଳଙ୍କାରିକ ବିଶ୍ୱନାଥ କବିରାଜ, ଭାଗବତ ଭାଷ୍ୟକାର ଶ୍ରୀଧର ସ୍ୱାମୀ, ପ୍ରାକୃତ ବ୍ୟାକରଣ କାର ମାର୍କଣ୍ଡେୟ କବୀନ୍ଦ୍ର, ଦାର୍ଶନିକ କବି ଡିଣ୍ଡିମ ଦେବାଚାର୍ଯ୍ୟ, ସ୍ମୃତିଶାସ୍ତ୍ରପ୍ରଣେତା ଶତାନନ୍ଦ ଭାସ୍ୱତୀ ଓ ତନ୍ତ୍ରଶାସ୍ତ୍ର ପ୍ରବୀଣ ଗୋଦାବରୀ ମିଶ୍ର ପ୍ରମୁଖ ଅନ୍ୟତମ । ଏତଦ୍‌ବ୍ୟତୀତ ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖରଙ୍କ ସିଦ୍ଧାନ୍ତ ଦର୍ପଣ, କୃଷ୍ଣମିଶ୍ରଙ୍କ 'ପ୍ରବୋଧ ଚନ୍ଦ୍ରୋଦୟ' ରାୟରାମାନନ୍ଦଙ୍କ 'ଜଗନ୍ନାଥ ବଲ୍ଲଭ ନାଟକ' କପିଳେନ୍ଦ୍ର ଦେବଙ୍କ 'ପରଶୁରାମ ବିଜୟ ନାଟକ', ପୁରୁଷୋତ୍ତମ ଦେବଙ୍କ 'ଅଭିନବ ବେଣୀ ସଂହାର', ଏକ ଏକ ପ୍ରତିନିଧି ଶ୍ରେଣୀୟ ସୃଷ୍ଟି । ଓଡ଼ିଆ ସାହିତ୍ୟରେ ଲବ୍ଧ ପ୍ରତିଷ୍ଠ ସ୍ରଷ୍ଟାମାନଙ୍କ ମଧ୍ୟରୁ ମାଟିର ମହାକବି ସାରଳା ଦାସ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଭକ୍ତକବି ଦୀନକୃଷ୍ଣ, ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର, ବ୍ୟାସକବି ଫକୀର ମୋହନ, ପ୍ରକୃତି କବି ରାଧାନାଥ, ସ୍ୱଭାବ କବି ଗଙ୍ଗାଧର ମେହେର, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, କବିସୂର୍ଯ୍ୟ ବଳଦେବ ରଥ, କବିଚନ୍ଦ୍ର କାଳି ଚରଣ ପଟ୍ଟନାୟକ, ଜଣାଣ ଭଜନର କବି ଗୋପାଳକୃଷ୍ଣ ଓ ବନମାଳୀ, କବିଶେଖର ଚିନ୍ତାମଣି, ପ୍ରେମିକ କବି ମାୟାଧର ମାନସିଂହ, ଜାତୀୟ କବି ବୀର କିଶୋର ଏବଂ ନାରୀକବି କୁନ୍ତଳା କୁମାରୀ ସାବତ୍ । ସର୍ବୋପରି ସନ୍ଥକବି ଭୀମଭୋଇ ନିଜର ଜୀବନ ବିନିମୟରେ ଜଗତ୍‌ବାସୀଙ୍କ ଦୁଃଖ ଦୂର କରିବା ପ୍ରୟାସରେ ଗାଇଥିଲେ—

" ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।"

ଏହି ଚିନ୍ତାଧାରା ଓ ତ୍ୟାଗର ମହନୀୟତା ହେଉଛି ଓଡ଼ିଆ କବିର ବୈଶିଷ୍ଟ୍ୟ । କେବଳ ସେତିକି ନୁହେଁ ଓଡ଼ିଆ କବିର ସ୍ୱାତନ୍ତ୍ର୍ୟ ଗୋପବନ୍ଧୁଙ୍କ ସୃଷ୍ଟିରେ ସଂରକ୍ଷିତ । ସର୍ବଭାରତୀୟ ଭାବନାରେ ଉଦ୍‌ବୁଦ୍ଧ ହୋଇ ଭାରତର ପ୍ରତି ଧୂଳିକଣାକୁ ସେ ଅତି ପବିତ୍ର ମନେ କରିଥିଲେ । ତେଣୁ ସେ ଲେଖିଛନ୍ତି —

"ମୋ ନେତ୍ରେ ଭାରତ ଶିଳା ଶାଳଗ୍ରାମ
ପ୍ରତିସ୍ଥାନ ମୋର ପ୍ରିୟ ପୁରୀଧାମ ।"

ଆମ ଓଡ଼ିଶାର ନୃତ୍ୟକଳା ମଧ୍ୟ ବିଶ୍ୱବିଶ୍ରୁତ । ପ୍ରସିଦ୍ଧ ନୃତ୍ୟଶିଳ୍ପୀ ଶ୍ରୀମତୀ ଇନ୍ଦ୍ରାଣୀ ରହେମାନ୍ ଭାରତ ବାହାରେ ନୃତ୍ୟ ପ୍ରଦର୍ଶନ କରି ଓଡ଼ଶୀନୃତ୍ୟ ପ୍ରତି ବିଶ୍ୱମାନବର ଦୃଷ୍ଟି ଆକର୍ଷଣ କରିପାରିଥିଲେ । ବର୍ତ୍ତମାନ ସ୍ୱନାମଧନ୍ୟା ଶ୍ରୀମତୀ ସଂଯୁକ୍ତା ପାଣିଗ୍ରାହୀ ମଧ୍ୟ ଓଡ଼ିଶୀନୃତ୍ୟ ପ୍ରଦର୍ଶନ କରି ଆନ୍ତର୍ଜାତିକ ସମ୍ମାନର ଅଧିକାରିଣୀ ହେବା ଓଡ଼ିଶାର ଗର୍ବ ଓ ଗୌରବ । ଭୁବନେଶ୍ୱରର ପଥର ମୂର୍ତ୍ତି, କଟକର ତାରକସି କାମ, ପିପିଲିର ଚାନ୍ଦୁଆ ଓ ସମ୍ବଲପୁର ବୟନ ଶିଳ୍ପରୁ ଓଡ଼ିଶା ଯେ ବାସ୍ତବରେ କଳାବିଦ୍ୟାରେ ପାରଦର୍ଶିତା ହାସଲ କରିପାରିଛି ତାହାର ପରିଚୟ ମିଳିଥାଏ ।

ଆମର ସଂସ୍କୃତି ମଧ୍ୟ ସୁଦୂର ପ୍ରସାରୀ । ବିଶ୍ୱ ସଂସ୍କୃତିକୁ ଆମର ଅବଦାନ ଶ୍ରୀଜଗନ୍ନାଥ ସଂସ୍କୃତି । ଆମର ଦେବତା ଧର୍ମ-ଜାତି-ବର୍ଣ୍ଣ ରୂପକ ସଂକୀର୍ଣ୍ଣତା ଗଣ୍ଡି ଭିତରେ ସୀମିତ ନୁହନ୍ତି । ଜଗତ ବ୍ୟାପକତା ଯୋଗୁଁ ଜଗନ୍ନାଥ ନାମ ତାଙ୍କର ଯଥାର୍ଥ । ଆମର ସବୁ ଭାବ ଭଦ୍ର । ବଳଭଦ୍ର ଆମର ବଡ଼ ଠାକୁର ସୁଭଦ୍ରା ଆମର ଶକ୍ତି । ଆମର ବିଶ୍ୱର ବା ଦର୍ଶନର ପ୍ରାଧାନ୍ୟ ଅନ୍ୟକୁତ୍ରାପି ପରିଦୃଷ୍ଟ ହୁଏନାହିଁ । ଜଗନ୍ନାଥଙ୍କର ସର୍ବୋତ୍ତମ ଶ୍ରେଷ୍ଠ ଅସ୍ତ୍ର ସୁଦର୍ଶନ । ସୁଦର୍ଶନ ବିନା ସ୍ୱୟଂ ଭଗବାନ ଶକ୍ତିହୀନ ବୋଲି ପୁରାଣ କହେ । ସେହି ସୁଦର୍ଶନ ଯୋଗୁଁ ଆମେ ଆଧ୍ୟାତ୍ମିକ

ଓ ବିଷ୍ଣୁର ଶକ୍ତିରେ ବଳୀୟାନ । ସୁଦର୍ଶନ ନ ରହିଲେ ଭଗବାନ ରହନ୍ତି ନାହିଁ । ତେଣୁ ଲକ୍ଷ୍ମୀ ହୁଅନ୍ତି ଚଞ୍ଚଳା ଓ ସରସ୍ୱତୀ ମୁଖରା ହୁଅନ୍ତି । ଯେଉଁଠି ସୁଦର୍ଶନ ବା ଶୁଭ ବିଷ୍ଣୁର ଥାଏ ସେଠାରେ ଭଗବାନଙ୍କ ସହ ବିଶ୍ୱର ପତିଦାତ୍ରୀ ଧନଧାନ୍ୟ ପ୍ରଦାୟିନୀ ଲକ୍ଷ୍ମୀ ଓ ବିଦ୍ୟାଦାତ୍ରୀ ସରସ୍ୱତୀ ବିରାଜମାନ କରିଥାଆନ୍ତି । ଏ ଭୂଇଁରେ ଶ୍ରୀଜଗନ୍ନାଥ - ବଳଭଦ୍ର - ସୁଭଦ୍ରା - ସୁଦର୍ଶନ - ଲକ୍ଷ୍ମୀ ଓ ସରସ୍ୱତୀଙ୍କ ଅବସ୍ଥାନ ଯୋଗୁଁ ଏହା ମର୍ତ୍ତ୍ୟ ବୈକୁଣ୍ଠରୂପେ ପ୍ରସିଦ୍ଧି ଅର୍ଜନ କରି ପାରିଛି । ବିଶ୍ୱରେ ଏପରି ଆଦର୍ଶ ଅନ୍ୟ କୌଣସି ସଂସ୍କୃତିରେ ଦେଖାଯାଏ ନାହିଁ ।

ନୂଆଗାଁ, ଭଟିପୁର, ଭୁବନେଶ୍ୱର ।

## ନଗର ବକାଶ

ମାର୍ଚ୍ଚ ୧୫ ତାରିଖ ଦିନ କଟକ ଲିଙ୍କ୍‌ରୋଡ଼ଠାରେ ପୌର ପରିଷଦ ପକ୍ଷରୁ ନିର୍ମିତ ହୋଇଥିବା ଏକ ଆଧୁନିକ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ କହିଲେ ଯେ, ଜନସାଧାରଣଂକ ଆଶା ଆକାଂକ୍ଷା ପୂରଣ କରିବା ପାଇଁ ବର୍ତ୍ତମାନର ସରକାର ସଂକଳ୍ପବଦ୍ଧ । କେବଳ କଥାରେ ନୁହେଁ କାର୍ଯ୍ୟରେ ଏହି ସଂକଳ୍ପକୁ ପ୍ରତିଫଳିତ କରାଯାଉଛି ବୋଲି ସେ ସୂଚାଇ ଥିଲେ । ପୁରାତନ ସଂସ୍କୃତିରେ ସମୃଦ୍ଧ କଟକ ସହର ବହୁ କାଳଧରି ଏକ ନାଳନର୍ଦ୍ଦମାର ସହରରୂପେ ଅବହେଳିତ ଅବସ୍ଥାରେ ପଡ଼ି ରହିଥିଲା । ମାତ୍ର ସଂପ୍ରତି ଏହି ସହରର ଉନ୍ନତିପାଇଁ ବହୁ ପ୍ରଗତିମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଏବଂ କେତେକ କାର୍ଯ୍ୟର ନିର୍ମାଣ ମଧ୍ୟ ସଂପୂର୍ଣ୍ଣ ହୋଇଯାଇଛି ବୋଲି ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ । ସେ କହିଲେ ଯେ କେବଳ କଟକ ସହର ନୁହେଁ, ସମ୍ବଲପୁର ପ୍ରଭୃତି ଅନ୍ୟାନ୍ୟ ସହରଗୁଡ଼ିକର ଉନ୍ନତିପାଇଁ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି । ଏସବୁ କାର୍ଯ୍ୟ ପାଇଁ ସେ ଜନସାଧାରଣଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ । ସରକାରଂକ ଏହି ପ୍ରଗତିଶୀଳ କାର୍ଯ୍ୟକ୍ରମକୁ ମୁଷ୍ଟିମେୟ ବ୍ୟକ୍ତି ବିରୋଧ କରୁଥିବାରୁ ଶ୍ରୀ ବିଶ୍ୱାଳ କ୍ଷୋଭ ପ୍ରକାଶ କରିବା ସଂଗେ ସଂଗେ କହିଲେ ଯେ ଏହି ପ୍ରଗତିର ରଥକୁ ଅଟକାଇବା ପାଇଁ ସେମାନଂକ ଉଦ୍ୟମ କଦାପି ସଫଳ ହୋଇ ପାରିବନାହିଁ । ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ଓ ରାସ୍ତା ଚଉଡ଼ା କରିବା ଫଳରେ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଛନ୍ତି ସେମାନଂକ ଥଇଥାନ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉଛି । କଟକ ପୌର ପରିଷଦ ପକ୍ଷରୁ ମାର୍ଚ୍ଚମାସ ୧୫ ତାରିଖଠାରୁ ଏକ ନିର୍ମାଣ ପକ୍ଷ ପାଳିତ ଅବସରରେ ଏହି ବସ୍‌ଷ୍ଟାଣ୍ଡର ଉଦ୍‌ଘାଟନ ହେଉଛି ତାହାର ପ୍ରଥମ ସ୍ୱାରକୀ । ଏହା ବ୍ୟତୀତ ଆଉ ଅନେକ କାର୍ଯ୍ୟର ନିର୍ମାଣ ଖୁବ୍ ଶୀଘ୍ର ସଂପୂର୍ଣ୍ଣହେବ । କଟକ ପୌର ପରିଷଦର କର୍ମଚାରୀମାନଂକ ନିଷ୍ଠାପର କାର୍ଯ୍ୟ ଫଳରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଖୁବ୍ ଅଳ୍ପ ସମୟ ମଧ୍ୟରେ ସଂପନ୍ନ ହୋଇପାରିଥିବାରୁ ସେ କର୍ମଚାରୀମାନଙ୍କୁ ସାଧୁବାଦ ଜଣାଇଥିଲେ । କଟକ ସହରରେ ସ୍ଲିପରେଜ ନିର୍ମାଣ ପାଇଁ ବହୁ ବର୍ଷ ପୂର୍ବେ ଉଦ୍ୟମ ହୋଇ ତାହା ଅଦ୍ୟାବଧି ସଂପୂର୍ଣ୍ଣ କରାଯାଇ ନଥିବାବେଳେ ସଂପ୍ରତି ଯେଉଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ତାହା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂର୍ଣ୍ଣାଂଗହୋଇ ପାରୁଛି ବୋଲି ଶ୍ରୀ ବିଶ୍ୱାଳ ସୂଚାଇଥିଲେ । ବର୍ତ୍ତମାନ ବିଭିନ୍ନ ରାସ୍ତାକୁ ଚଉଡ଼ା କରିବା, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବା, ରିଂଗ୍ ବନ୍ଧ ନିର୍ମାଣ କରିବା ତଥା ବିଡ଼ାନାସୀ ଅଂଚଳରେ ଥିବା ପତିତ ଜମିର ଉନ୍ନତି ଘଟାଇ ବାସୋପଯୋଗୀ ଗୃହ ନିର୍ମାଣ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିବା କାର୍ଯ୍ୟ ଦ୍ରୁତଭାବରେ ଆଗେଇ ଚାଲିଛି । କଟକଠାରେ ୧୭ ଲକ୍ଷ ଟଂକା ବ୍ୟୟରେ ଶବଦାହ କରିବାପାଇଁ ଏକ ବିଦ୍ୟୁତ୍ ଚୁଲ୍ଲୀ ନିର୍ମିତ ହେଉଛି । କଟକ ରେଳଷ୍ଟେସନ ପାଖରେ ଓଭରବ୍ରିଜର ନିର୍ମାଣ ମଧ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ଓ ଆସନ୍ତା ଜୁନ୍‌ମାସ ମଧ୍ୟରେ ତାହା ସଂପୂର୍ଣ୍ଣ ହୋଇଯିବାର ଆଶା କରାଯାଉଛି ।

ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ କଟକ ପୌର ପରିଷଦ ପକ୍ଷରୁ ୧୨ ଲକ୍ଷ ୮୬ ହଜାର ଟଂକା ବ୍ୟୟ କରାଯାଇଛି । ଏଥି ମଧ୍ୟରେ ଆଲୋକ ବ୍ୟବସ୍ଥା ପାଇଁ ବ୍ୟୟ ହୋଇଥିବା ୧ ଲକ୍ଷ ୩୫ ହଜାର ଟଂକା ଅନ୍ତର୍ଭୁକ୍ତ । ଏଠାରୁ ଏକକାଳୀନ ୪୫ ଟି ବସ୍ ନିର୍ବିଘ୍ନରେ ବିଭିନ୍ନ ସ୍ଥାନକୁ ଯାତାୟତ କରିପାରିବ । ଯାତ୍ରୀମାନଂକ ପାଇଁ ଏଠାରେ ୧୫ଟି ଟ୍ରାଫିକ୍ ସେଡ୍, ପୁରୁଷମାନଂକ ପାଇଁ ୪ଟି ସ୍ନାନାଗାର ଏବଂ ୮ଟି ପରିସ୍ରାଗାର ଓ ମହିଳାମାନଂକ ପାଇଁ ୨ଟି ସ୍ନାନାଗାର ଓ ୪ଟି ପରିସ୍ରାଗାର ନିର୍ମିତ ହୋଇଛି । ଏହା ବ୍ୟତୀତ ୬ ଗୋଟି ଜଳ ଯୋଗାଣ ଟ୍ୟାପର ବ୍ୟବସ୍ଥା ମଧ୍ୟ କରାଯାଇଛି । ଯାତ୍ରୀମାନଂକ ସୁବିଧାପାଇଁ ବସ୍‌ଷ୍ଟାଣ୍ଡର ମଧ୍ୟଭାଗରେ ଗୋଟିଏ ଶିଶୁ ପାର୍କ ରହିଛି ।

ଜିଲ୍ଲାପାଳ ତଥା ନଗରପାଳ ଶ୍ରୀ ହରମୋହନ ପଟ୍ଟନାୟକ ପ୍ରାରମ୍ଭିକ ଭାଷଣ ପ୍ରସଂଗରେ ପୌରାଂଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଂପର୍କରେ ବିବରଣୀ ପ୍ରଦାନ କରିଥିଲେ । ରାଜ୍ୟସଭା ସଦସ୍ୟ ଶ୍ରୀ ଅକ୍ଷୟ କୁମାର ପଣ୍ଡାଂକ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବିଧାୟକ ସର୍ବଶ୍ରୀ ଶ୍ରୀକାନ୍ତ ପଣ୍ଡା ଓ ଦୋଳଗୋବିନ୍ଦ ପ୍ରଧାନ ଭାଷଣ ଦେଇଥିଲେ ।

# ଓଡ଼ିଶାରେ ହସ୍ତଶିଳ୍ପର ବିକାଶ

ଶ୍ରୀ ବଳଭଦ୍ର ପାତ୍ର

ଦେଶର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ କ୍ରମାଗତ ଭାବରେ ଛଅ ଗୋଟି ପଞ୍ଚ ବାର୍ଷିକ ଯୋଜନା କାର୍ଯ୍ୟକାରୀ ହେବା ପରେ ଆମ ରାଜ୍ୟ ତଥା ଅନ୍ୟ ରାଜ୍ୟ ଗୁଡ଼ିକର ଆର୍ଥିକ ସ୍ଥିତି ଜାତୀୟ ମହାସ୍ରୋତରେ ବିଲୀନ ହୋଇଅଛି । ଜାତୀୟ ସଂହତି ପ୍ରତି ଯୋଜନାବଦ୍ଧ ଅର୍ଥ ନୀତିର ଏହା ଏକ ମହତ୍‌ଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ସର୍ବଭାରତୀୟ ସ୍ତରରେ ୨୦ ଲକ୍ଷ ହସ୍ତଶିଳ୍ପ କାରିଗର ବର୍ଷକୁ ପ୍ରାୟ ୩,୨୦୦ କୋଟି ଟଙ୍କା ମୂଲ୍ୟର ସାମଗ୍ରୀ ଉତ୍ପାଦନ କରିଥାନ୍ତି ଓ ତା'ମଧ୍ୟରୁ ୧,୩୦୦ରୁ ୧,୪୦୦ କୋଟି ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଜିନିଷ ବିଦେଶକୁ ରପ୍ତାନୀ ହୋଇଥାଏ । ସର୍ବଭାରତୀୟ ତଥା ଆନ୍ତର୍ଜାତିକ ସ୍ତରରେ ଆମ ହସ୍ତଶିଳ୍ପର ଚାହିଦା ବେଶ୍ ଉତ୍ସାହ ଜନକ । ଗଢ଼ାଯାଇ ଏମାନଙ୍କ ଜରିଆରେ ବାର୍ଷିକ ସାଢ଼େ ତିନିକୋଟି ଟଙ୍କାର ସାମଗ୍ରୀ ଉତ୍ପାଦିତ ହେଉଅଛି ।

ହସ୍ତଶିଳ୍ପ କ୍ଷେତ୍ରରେ ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ମୁଖ୍ୟତଃ ଆଳଙ୍କାରିକ ସୌଖୀନ ପଦାର୍ଥ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସରଞ୍ଜାମ—ଏହପରି ଦୁଇଶ୍ରେଣୀରେ ଭାଗ କରାଯାଇପାରେ । ରାଜା ଓ ଜମିଦାରଙ୍କର ପୃଷ୍ଠ-ପୋଷକତାରେହିଁ ସୌଖୀନ କାରୁକାର୍ଯ୍ୟ ଖଚିତ ହସ୍ତଶିଳ୍ପ ଏ ଯାବତ୍ ତିଷ୍ଠି ରହିଥିଲା । ବର୍ତ୍ତମାନ ବିଭିନ୍ନ ସରକାରୀ ସଂସ୍ଥା ଓ କଳକାରଖାନା କର୍ତ୍ତୃପକ୍ଷ କିଛି ପରିମାଣରେ ଏସବୁ ପଦାର୍ଥକୁ ସାହାଯ୍ୟ ଦେଉଛନ୍ତି । ମାତ୍ର ଆବଶ୍ୟକତା ତୁଳନାରେ ତାହା ଯଥେଷ୍ଟ ନୁହେଁ ।

ରପ୍ତାନୀଯୋଗ୍ୟ ସମାଗ୍ରୀମାନଙ୍କ ମଧ୍ୟରୁ ମୂଲ୍ୟବାନ ଧାତୁ ଓ ସୁନାରୁପା ତିଆରି ଅଳଙ୍କାରର ମୂଲ୍ୟ ଏକ ହଜାର କୋଟି ଟଙ୍କାରୁ ଅଧିକ । ଅନ୍ୟାନ୍ୟ ହସ୍ତଶିଳ୍ପ ସମାଗ୍ରୀ ମଧ୍ୟରୁ କେବଳ ପଶମ ଗାଲିଚା ଓ କଂସା, ପିତଳ କାରିଗରୀ ପଦାର୍ଥର ମୂଲ୍ୟ ୨୨୫ କୋଟି ଟଙ୍କାରୁ ଅଧିକ ।

ଆମ ଓଡ଼ିଶାରେ ରୁପା ତାରକସି କାମକୁ ଛାଡ଼ିଦେଲେ ରପ୍ତାନୀ ଯୋଗ୍ୟ ହସ୍ତଶିଳ୍ପର ଉଲ୍ଲେଖଯୋଗ୍ୟ ଅବଦାନ ନାହିଁ । ସଂପ୍ରତି କିଛି ପରିମାଣରେ ପେଜା ତିଆରି ଜିନିଷ, ପଟ୍ଟଚିତ୍ର, ପିପିଲିର ଚାନ୍ଦୁଆ, ଛତା, ଛୋଟ ଛୋଟ ପଥର ମୂର୍ତ୍ତି ରପ୍ତାନୀ ହେବା ଗୋଟିଏ ଶୁଭ ଲକ୍ଷଣ । ଓଡ଼ିଶାର ପ୍ରାୟ ୪୦ ହଜାର କାରିଗର ୫୧ ପ୍ରକାର ବିଭିନ୍ନ ହସ୍ତ ଶିଳ୍ପରେ ନିଯୁକ୍ତ, ଯଥା କଂସା, ପିତଳ, ରୁପା ତାରକସି ଯୋଡ଼ା ଢ଼ଳେଇ କାମ, ପଥର, କାଠ ଖୋଦେଇ, ଚାନ୍ଦୁଆ ଓ ପଟ୍ଟଚିତ୍ର ଇତ୍ୟାଦି ଏଗୁଡ଼ିକ ମଧ୍ୟରେ ପ୍ରଧାନ । ନିର୍ଭରଯୋଗ୍ୟ କୌଣସି ସର୍ଭେ ରିପୋର୍ଟ ନ ଥିଲେ ମଧ୍ୟ ଏରାଜ୍ୟରେ ହସ୍ତଶିଳ୍ପ କ୍ଷେତ୍ରରେ ବାର୍ଷିକ ଉତ୍ପାଦିତ ପଦାର୍ଥର ମୂଲ୍ୟ ପ୍ରାୟ ୨୦ କୋଟି ଟଙ୍କା ।

## ଶିଳ୍ପ ସମବାୟ ସମିତି

ନିଖିଳଭାରତ ହସ୍ତଶିଳ୍ପ ବୋର୍ଡ ତଥା ଆମ ରାଜ୍ୟ ସରକାର ଶିଳ୍ପ ସମବାୟ ସମିତି ଜରିଆରେହିଁ ସମସ୍ତ ପ୍ରକାର ଆର୍ଥିକ ତଥା ବୈଷୟିକ ସାହାଯ୍ୟ ଦେଉଥାଆନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୨୫୭ ଗୋଟି ସମବାୟ ସମିତି

ବିପୁଳ ଆର୍ଥିକ ସ୍ୱଚ୍ଛଳତା ଥିବା ପାଶ୍ଚାତ୍ୟ ଦେଶମାନଙ୍କୁ ରପ୍ତାନି କରାଯାଇ ପାରିଲେ ସୌଖୀନ ହସ୍ତଶିଳ୍ପଜାତ ପଦାର୍ଥ ଜରିଆରେ ପର୍ଯ୍ୟାପ୍ତ ପରିମାଣର ବୈଦେଶିକ ମୁଦ୍ରା ଅର୍ଜନ କରାଯାଇ ପାରିବ । ଆବଶ୍ୟକ ସ୍ଥଳେ ଏଥିପାଇଁ ବିଦେଶର ସ୍ୱଚ୍ଛଳକାରୀମାନଙ୍କ ଚାହିଦା ବିଷୟରେ ଆମର ପଲ୍ଲୀ ଶିଳ୍ପୀମାନଙ୍କୁ ଅବହିତ କରିବାକୁ ପଡ଼ିବ । ଏଥିପାଇଁ ପଶମ ଗାଲିଚା ଏବଂ ମୋରାଦବାଦ ପ୍ରଣାଳୀରେ ସୌଖୀନ ପିତଳ ଜିନିଷମାନ ଏବେ ଆମ ଓଡ଼ିଶାରେ ତିଆରି କରାଯାଉଛି ।

## ଆଭ୍ୟନ୍ତରୀଣ ବଜାର

ଏ କ୍ଷେତ୍ରରେ ଆମ ନିଜର ଆଭ୍ୟନ୍ତରୀଣ ବଜାରକୁ ହେଳାକଲେ ଚଳିବ ନାହିଁ । କାରିଗରମାନେ ତାଙ୍କ ନିଜଗାଁ ବା ସହରରେ ଗରାଖଙ୍କ ଚାହିଦା ଅନୁଯାୟୀ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥମାନ ତିଆରି କରିବା ଉଚିତ । ଏ କ୍ଷେତ୍ରରେ ବିଶେଷ ଉଲ୍ଲେଖଯୋଗ୍ୟ ଯେ ସ୍ଥାନୀୟ ଲୋକମାନଙ୍କ ଚାହିଦା ଅନୁଯାୟୀ ବାସନ କୁସନ ତିଆରି କରୁଥିବା ଆମର କଂସା ପିତଳ କାରିଗରମାନଙ୍କ ପାଇଁ ବଜାରର କମା ଅଭାବ ନାହିଁ । ଏମାନେ ବର୍ଷକୁ ପ୍ରାୟ ୧୦ କୋଟି ଟଙ୍କାର ମାଲ ବିକ୍ରୟ କରି ପାରୁଛନ୍ତି ।

## ଖର୍ଚ୍ଚି ବିକ୍ରିରେ ସରକାରୀ ସାହାଯ୍ୟ

ହସ୍ତଶିଳ୍ପ କ୍ଷେତ୍ରରେ ତିଆରି ଜିନିଷପତ୍ରରେ ବିକ୍ରୀବଟା ପାଇଁ ରାଜ୍ୟ ସରକାରଙ୍କ ପୃଷ୍ଠ ପୋଷକତାରେ

ଦୁଇଗୋଟି ଶୀର୍ଷ ସମବାୟ ସମିତି ଯଥା :—ଓଡ଼ିଶା ସମବାୟ ହସ୍ତଶିଳ୍ପ ନିଗମ ଓ ଓଡ଼ିଶା ଲୌହକର ଧାତୁଶିଳ୍ପ ନିଗମ ବର୍ଷକୁ ପ୍ରାୟ ଶାଠିଏ ଲକ୍ଷ ଟଙ୍କା ମୂଲ୍ୟର ଜିନିଷ ଖର୍ଦ୍ଦି କରି ବିକ୍ରୟ କରୁଛନ୍ତି । ଆସନ୍ତା ବର୍ଷକୁ ଏହା ଶହେ ଲକ୍ଷକୁ ବଢ଼ି ପଡ଼ିବ । ଆଶା କରାଯାଏ ଜିଲ୍ଲା ସ୍ତରରେ ୧୩ ଗୋଟି ଗ୍ରାମୋଦ୍ୟୋଗ ମାର୍କେଟିଂ ସୋସାଇଟି ମଧ୍ୟ ବାର୍ଷିକ ୫୨ ଲକ୍ଷ ଟଙ୍କାର ସାମଗ୍ରୀ କାରବାର କରୁଛନ୍ତି । ଏହାଛଡ଼ା ପ୍ରାଥମିକ ସମବାୟ ସମିତିମାନେ ମଧ୍ୟ ତାଙ୍କର ସଭ୍ୟମାନଙ୍କଠାରୁ ତିଆରି ଜିନିଷ ନେଇ କିଣା ବିକା କରୁଛନ୍ତି ।

## ପଞ୍ଚମ ଓ ଷଷ୍ଠ ଯୋଜନା କାଳରେ ହସ୍ତଶିଳ୍ପର ଅଗ୍ରଗତି

ପଞ୍ଚମ ଯୋଜନାର ଶେଷ ବର୍ଷ ୧୯୭୯-୮୦ରେ ରାଜ୍ୟରେ ୧୮୧ ଗୋଟି ପ୍ରାଥମିକ ସମିତି ଗଢ଼ାଯାଇ ୧୨୦ ଲକ୍ଷ ଟଙ୍କା ମୂଲ୍ୟର ଜିନିଷ ତିଆରି ହୋଇଥିଲା ଏବଂ ୭,୦୫୦ ଲୋକ ନିଯୁକ୍ତିର ସୁବିଧା ପାଇଥିଲେ । ଷଷ୍ଠ ଯୋଜନାର ପ୍ରଥମ ୪ ବର୍ଷ ମଧ୍ୟରେ ପ୍ରାଥମିକ ସମବାୟ ସମିତି ସଂଖ୍ୟା ହେଉଛି ୨୫୭, ସମବାୟ ସମିତିମାନ ତିଆରି କରୁଥିବା ସାମଗ୍ରୀର ବାର୍ଷିକ ଉତ୍ପାଦନ ମୂଲ୍ୟ ପ୍ରାୟ ୪୦୦ ଲକ୍ଷ ଟଙ୍କା । ଏଗାର ହଜାର ଲୋକ ଏହି କ୍ଷେତ୍ରରେ ଏଯାବତ୍ ନିଯୁକ୍ତି ସୁବିଧା ପାଇଛନ୍ତି ।

## ଷଷ୍ଠ ଯୋଜନାରେ ତାଲିମ ବ୍ୟବସ୍ଥା

ହସ୍ତଶିଳ୍ପ ଆମ ସଂସ୍କୃତି ଓ ଐତିହ୍ୟର ପରିପ୍ରକାଶ । ରାଜ୍ୟରେ ହସ୍ତଶିଳ୍ପର ପରଂପରା ରକ୍ଷା, ଶିଳ୍ପୀ ସମାଜର ଆର୍ଥିକ ସଂସ୍ଥାନ ଓ ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ପାଇଁ ଆବଶ୍ୟକ ତାଲିମପ୍ରାପ୍ତ ଜନଶକ୍ତି (Man power) ସୃଷ୍ଟି କରିବା ତାଲିମ ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ । ପଞ୍ଚମ ଯୋଜନା କାଳରେ ବର୍ଷକୁ ୫୦୦ରୁ ୬୦୦ ବାଳକ ବାଳିକାଙ୍କୁ ତାଲିମ ଦିଆଯାଉଛି । ସଘନ ପଲ୍ଲୀ ଉନ୍ନୟନ ଯୋଜନା, ଗ୍ରାମାଞ୍ଚଳ ଦରିଦ୍ରଲୋକଙ୍କ ପୁନର୍ବସତି ଯୋଜନା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ମିଳୁଥିବା ବୈଷୟିକ ତଥା ଆର୍ଥିକ ସାହାଯ୍ୟ ମଧ୍ୟ ଏହି ତାଲିମପ୍ରାପ୍ତ ବ୍ୟକ୍ତିଙ୍କୁ ଯୋଗାଇ ଦିଆଯାଉଛି ।

## ସପ୍ତମ ଯୋଜନାର ଆଭିମୁଖ୍ୟ

ଯନ୍ତ୍ରଶିଳ୍ପ କ୍ଷେତ୍ରରେ ବିଜ୍ଞାନ ଓ କାରିଗରୀ କୌଶଳର ଉନ୍ନତି କରିଆରେ ଉତ୍ପାଦନ ବୃଦ୍ଧି କରାଯାଏ ; କିନ୍ତୁ ହସ୍ତଶିଳ୍ପ କ୍ଷେତ୍ରରେ ଶିଳ୍ପୀହିଁ ଉତ୍ପାଦନର ମୂଳ ପିଣ୍ଡ । ତେଣୁ ସପ୍ତମ ଯୋଜନା କାଳରେ ଶିଳ୍ପୀର ଆର୍ଥିକ ଆତ୍ମନିର୍ଭରଶୀଳତା ଉପରେ ବିଶେଷ ଜୋର ଦିଆଯିବ । ଆଳଂକାରିକ ସୌଖିନ ପଦାର୍ଥ ତିଆରି ସଂଗେ ସଂଗେ ସ୍ଥାନୀୟ ଆଭ୍ୟନ୍ତରୀଣ ବଜାରକୁ ଗୃହ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଉତ୍ପାଦନ ବୃଦ୍ଧିରେ ସହାୟକ ହେବା ଭଳି ଆଗୁଆ ତାଲିମ ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ । ସମବାୟ ସମିତି ବ୍ୟତୀତ ସିଧାସଳଖ କାରିଗରମାନଙ୍କଠାରୁ ଜିନିଷ କ୍ରୟ କରି ହସ୍ତଶିଳ୍ପ ନିଗମ ବିକ୍ରୟ କରିବେ । ଜାତୀୟ ପରଂପରା ଓ ସଂସ୍କୃତି ରକ୍ଷାପାଇଁ ହସ୍ତଶିଳ୍ପ ସଂଗ୍ରହାଳୟ ସ୍ଥାପନ କରାଯାଇ ଲୋପ ପାଇ ଯାଉଥିବା କାରୀଗରି ପଦାର୍ଥ ସଂରକ୍ଷଣ କରାଯିବ । ଶିଳ୍ପୀମାନଙ୍କର ନିରାପତ୍ତା ଓ ମଙ୍ଗଳ ପାଇଁ ଗ୍ରୁପ୍ ଇନ୍-ସୁରାନ୍ସ୍ ସ୍କିମ ଓ ବୃଦ୍ଧ ତଥା ଅକର୍ମଣ୍ୟ କାରୀଗରଙ୍କ ପାଇଁ ପେନ୍ସନ୍ ବ୍ୟବସ୍ଥା ବିଷୟରେ ମଧ୍ୟ ଚିନ୍ତା କରାଯାଇଛି । ଷଷ୍ଠ ଯୋଜନା କାଳରେ ସଂଖ୍ୟାତ୍ମକ ବୃଦ୍ଧି ପାଇଁ ତାଲିମ ପରିକଳ୍ପନା ଥିଲା । ସପ୍ତମ ଯୋଜନା କାଳରେ ତାଲିମର ଗୁଣାତ୍ମକ ଅଭିବୃଦ୍ଧି ବିଷୟ ଚିନ୍ତା କରାଯାଉଛି ।

## ସପ୍ତମ ଯୋଜାରେ ଅର୍ଥ ବ୍ୟବସ୍ଥା

କେନ୍ଦ୍ର ସରକାର ହସ୍ତଶିଳ୍ପର ଉନ୍ନତି ପାଇଁ ସପ୍ତମ ଯୋଜନା କାଳରେ ୪୦ କୋଟି ଟଙ୍କାର ଅର୍ଥ ବରାଦ କରିଛନ୍ତି । ଏଇ ସମୟରେ ଆମ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଦୁଇ କୋଟି ତେୟାଅଶି ଲକ୍ଷ ଟଙ୍କାର ବ୍ୟବସ୍ଥା କରି ଅଛନ୍ତି । ଏହି ସୀମିତ ସମ୍ବଳର ସଦୁପଯୋଗ କରିପାରିଲେ ହସ୍ତଶିଳ୍ପର ଭବିଷ୍ୟତ ଉଜ୍ଜ୍ୱଳ ହେବ ।

ଯୁଗ୍ମ ଶିଳ୍ପ ନିର୍ଦ୍ଦେଶକ (ହସ୍ତଶିଳ୍ପ)
ଓଡ଼ିଶା, ଭୁବନେଶ୍ୱର ।

# କ୍ଷେତ ମଜୁରିଆ ଓ ସର୍ବନିମ୍ନ ମଜୁରୀ ହାର

ଶ୍ରୀ ଚଇନାମଣି ଲକ୍ଷ୍ମୀକାନ୍ତ

"ଅରକ୍ଷିତକୁ ଦଇବ ସାହା"
(God saves the shorn Lamc)

ଆମ ରାଜ୍ୟର କ୍ଷେତ ମଜୁରିଆ ଓ ସେମାନଙ୍କ ମଜୁରୀ ହାର ସଂପର୍କରେ କିଛି କହିବାକୁ ଗଲବେଳେ, ମନେ ହେଉଛି ସେମାନଙ୍କୁ ବାଦ୍ ଦେଇ ଆମର ସାର୍ବ-ଭୌମ ପ୍ରଗତି ଓ ସମୃଦ୍ଧି ସମ୍ଭବ ନୁହେଁ । ଓଡ଼ିଶାର ମୋଟ ପାଇଟିଆଳ ଲୋକଙ୍କ ସଂଖ୍ୟା ଛୟାଅଶୀ ଲକ୍ଷ । ସେଥିମଧ୍ୟରୁ କ୍ଷେତ ମଜୁରୀଆଙ୍କ ସଂଖ୍ୟା ପ୍ରାୟ ଛବିଶ ଲକ୍ଷରୁ ଊର୍ଦ୍ଧ୍ୱ । ସେମାନେ ସବୁ ଦାରିଦ୍ର୍ୟର ସୀମାରେଖା ତଳେ । ଅପରର କ୍ଷେତ ବାଡ଼ିରେ ୫ଟି ମଜୁରୀ କମାଇବା ବ୍ୟତୀତ, ଜୀବନ ଧାରଣର ନିର୍ଭର-ଯୋଗ୍ୟ ସମ୍ବଳ ସେଭଳି କିଛି ନ ଥାଏ ସେମାନଙ୍କ ସୁଖ ସମୃଦ୍ଧି ସାଧନ ଏବଂ ଅର୍ଥନୈତିକ ବିକାଶ ଏଭଳି ସାଧିତ ହେବା ଉଚିତ ଯାହା ସକଳ ଜନଗଣଙ୍କର ଉଦ୍ଦିଷ୍ଟ ସାମାଜିକ ନ୍ୟାୟ ଗ୍ରହିବା ପୂରଣରେ ସମର୍ଥ ହେବ । ୧୯୮୧ର ଜନଗଣନାନୁସାରେ ଆମ ଦେଶର ଶତକଡା ୪୮ ଭାଗ ଲୋକ ଅର୍ଥାତ୍ ପ୍ରାୟ ୩୨୮ ନିୟୁତ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ଅଛନ୍ତି । ଆମ ଦେଶର ୭୦ କୋଟି ଲୋକଙ୍କ ଭିତରୁ ଯଦି ୩୩ କୋଟି ଲୋକ ବୁଭୁକ୍ଷୁ ହୋଇ ରହିଲେ ତେବେ ଦେଶର ପ୍ରାୟ ଅଧାଅଧି ଲୋକ ବୁଭୁକ୍ଷୁ ବା ଅର୍ଦ୍ଧଭୁକ୍ତ ରହି ଦୁଃଖ କଷ୍ଟରେ ଦିନ କାଟୁଛନ୍ତି ବୋଲି କହିଲେ ସତ୍ୟର ଅପଳାପ ହେବନି । ଓଡ଼ିଶାର କ୍ଷେତ ମଜୁରିଆ ତାଙ୍କମାନେ ଏହାର ବ୍ୟତିକ୍ରମ ନୁହନ୍ତି । ଆୟତାଞ୍ଚା ଅନୁଶୀଳନରୁ ଦେଖାଯାଏ, ୧୯୭୪ରେ ଓଡ଼ିଶାର

ପାଇଁ । ପ୍ରଚଳିତ ମାନ ହାରରେ ସେମାନଙ୍କ ଆର୍ଥିକ ଅବସ୍ଥା ଏକାନ୍ତ ଦୟନୀୟ ! ଏହା ଧ୍ରୁବସତ୍ୟ । ଜୀବନ ଧାରଣର ମୂଲ୍ୟସୂଚୀ ହୁ ହୁ ବଢୁଥିଲାବେଳେ ସ୍ୱଳ୍ପ ଅର୍ଜନକାରୀଙ୍କ କ୍ରୟ ଶକ୍ତି ବଞ୍ଚି ରହିବାର ଘୋଡ଼ା ଦଉଡ଼ରେ ପଛରେ ପଡ଼ି ଯାଉଛି ଯେମିତି । ଏଠାରେ ବଖାଣିବା ଅନାବଶ୍ୟକ ଯେ ସେମାନେ ଆମପାଇଁ ଦାନା କନା ଦେଇ ମଧ୍ୟ ନିଜେ ଭୋକିଲା, ସେମାନଙ୍କ ପାଇଁ ପେଟ ବା କରିଆ ଖଣ୍ଡେ ମିଳେନି ବେଳେ ବେଳେ । ହେଲେ ଆମେ ସବୁ ଆପଣାର ସୁଖ ସ୍ୱାଚ୍ଛନ୍ଦ୍ୟ ଓ ସ୍ୱାର୍ଥ ନେଇ ଏତେ ବ୍ୟସ୍ତ ଯେ ଆମକୁ ଭାବିବାକୁ ତର ନାହିଁ—ଆମ ସୁଖ ଓ ସମୃଦ୍ଧି ପାଇଁ ଲୁହ ଓ ଲହୁ ଦେଉଥିବା ସେଇସବୁ ସାଥି ଓ ସାରଥି ନିଃସ୍ୱ କ୍ଷେତ ମଜୁରିଆଙ୍କର ଦୁରାବସ୍ଥା ସଂପର୍କରେ—ପିଲାଟିବେଳେ ଘୋଷୁଥିବା ପଦ୍ୟ ପାଖୁଡାର କବି ପଦ୍ମଚରଣଙ୍କର ସେଇ ଅପାସୋରା ପଦଟି ଆପଣମାନଙ୍କର ଉପଲବ୍ଧି ପାଇଁ ମୁଁ କେବଳ ଆବୃତ୍ତି କରୁଛି । "ଅନ୍ନ ଅନ୍ନ ବୋଲି ଯେବେ ଶିଶୁଗଣ, ତୋ କୁଟୀରେ ନୀତି କରନ୍ତି କ୍ରନ୍ଦନ । ସେ କ୍ରନ୍ଦନ ରୋଳ କୁଟୀର ମଥାନ, ଭେଦି ଆକାଶକୁ କରଇ ପ୍ରୟାଣ" । ଦାରିଦ୍ର୍ୟର ନିପୀଡ଼ନକୁ ସାଥୀ କରି ଆମ ରାଜ୍ୟର କ୍ଷେତ ମଜୁରିଆମାନେ ଏବେବି ସେଇ ଭାଗବତ ବାଣୀରେ ବିଶ୍ୱାସୀ "କର୍ମ ଆଦରି ସହି ଦୁଃଖ, କେବେହେଁ ନୋହିବ ବିମୁଖ"—ଯେଣୁ ଅରକ୍ଷିତକୁ ଦଇବ ସାହା ।"

''ବାବୁ ବୁଲୁଥାନ୍ତୁ : କୁକୁରଭୁକୁଥାନ୍ତୁ''

କିଏ ମୁଣ୍ଡ ଖେଳାଉଛି ଯେ: ସମ୍ବିଧାନ ସ୍ୱୀକୃତ ଆମ ଉଦ୍ଦିଷ୍ଟ ବିକାଶର ଅନ୍ତିମ ଲକ୍ଷ୍ୟ ହେଉଛି ମାନବୀୟ

ଜଣେ କ୍ଷେତ ମଜୁରୀଆର ସର୍ବନିମ୍ନ ମଜୁରୀ ହାର ତିନି ଟଙ୍କା ଥିଲା । ରାଜ୍ୟ ସରକାରଙ୍କର ଶ୍ରମ ଓ ନିଯୁକ୍ତି ବିଭାଗୀୟ ତା୨୬-୧୨-୧୯୭୫ ରିଖରେ ବିଜ୍ଞପ୍ତି ଅନୁଯାୟୀ କୃଷି ଶ୍ରମିକଙ୍କର ଦୈନିକ ମଜୁରୀ ତା୧-୧-୧୯୭୬ ଠାରୁ ଟ୪'୦୦ ହାରରେ ବଳବତର ଥିଲା । ତା ୧-୧୨-୧୯୮୦ ଠାରୁ ଏହି ସର୍ବନିମ୍ନ ମଜୁରୀ ହାର ଦୈନିକ ପାଞ୍ଚ ଟଙ୍କା ହାରରେ ପ୍ରଚଳିତ ହେଲା । ତା୨୫-୧୨-୧୯୮୨ଠାରୁ ଏହି ଦୈନିକ ମଜୁରୀ ହାର ଛଅଟଙ୍କା ହାରରେ ଅଦ୍ୟାବଧି ପ୍ରଚଳିତ । ପ୍ରଚଳିତ ସର୍ବ ନିମ୍ନ ମଜୁରୀ ହାରେ ଏହି ସଂଶୋଧନ ସତ୍ତ୍ୱେ—ଜଣେ କ୍ଷେତ ମଜୁରିଆ କମାଉଥିବା ମଜୁରୀ ତାର ଓ ତା ଉପରେ ନିର୍ଭର କରୁଥିବା ପରିବାରବର୍ଗଙ୍କର ଜୀବନ ଧାରଣ ପାଇଁ କେବଳ ଯେ ନିଅଣିଆ (Insufficient) ତାହା ନୁହେଁ, ପରନ୍ତୁ ଯୋଜନା କମିଶନଙ୍କ ନିର୍ଦ୍ଧାରିତ ମାନ କ୍ରମେ ନ୍ୟୁନତମ ଦେଶ ଶହ କାଲୋରି ଶକ୍ତି ଆହରଣ କଲା ଭଳି କାର୍ଯ୍ୟକ୍ଷମ ଖାଦ୍ୟ ପାଇଁ ଏକାନ୍ତ ଅସମର୍ଥ । ଏହା ତର୍ଜଣାଠାରୁ ଉପଲବ୍ଧିର ବିଷୟ । ଯେଉଁଭଳି ଯନ୍ତ୍ରଣାର ମୂଳ ଯେଉଁଠି ତାହା ଯନ୍ତ୍ରଣାଭୋଗୀ ଓ ତାର ସମଦର୍ଶୀ ହିଁ ଜାଣେ । ତାହେଁ ଭୋଗୀର ଉଆ କଣ ଉଦ୍ବୁନା କଣ??

''ଭୋଟିଲେ : ଉପାସ୍ଥ ଥାଏ''

କେବଳ ଓଡ଼ିଶା ନୁହେଁ—ଭାରତପରି ଜନ କଲ୍ୟାଣ କାମୀ ରାଷ୍ଟ୍ରରେ ସମାଜର ଦରିଦ୍ରତମ ତଥା କ୍ଷେତ ମଜୁରିଆଙ୍କ ପରି ଦୁର୍ବଳ ଶ୍ରେଣୀର ଲୋକଙ୍କମାନଙ୍କର

ଅର୍ଥନୈତିକମାନଙ୍କୁ ଉନ୍ନତ କରିବା ୩୬ ବର୍ଷ ବ୍ୟାପୀ ଆମ ଗଣତାନ୍ତ୍ରିକ ଓ ସମାଜବାଦୀ କାର୍ଯ୍ୟକ୍ରମର ଏକ ସୁନିରୂପିତ ଲକ୍ଷ୍ୟ ଓ ଆଭିମୁଖ୍ୟ । ଏଥିରେ ଦ୍ୱିମତ ନ ଥାଇ ପାରେ କାହାର ଓ କେବେ । ଆମ ତୁଳନାରେ, ଆମ ରାଜ୍ୟର ୧୯୮୧ ଜନଗଣନାନୁଯାୟୀ ୨୩,୮୪,୬୨୬ (ତେଇଶିଲକ୍ଷ ଚଉରାଶୀ ହଜାର ଛଅ ଶହ ଛବିଶି) ଜଣ କୃଷି ଶ୍ରମିକ କେବଳ ଯେ ଦରିଦ୍ର ଓ ନିରକ୍ଷର ନୁହନ୍ତି ତାହା ନୁହେଁ, ଆମରକି ଅନ୍ୟ କୁଶଳୀ ଓ ଅଧିକ ମଜୁରୀ କମାଇବାରେ ଦକ୍ଷତା କିମ୍ବା ଯୋଗ୍ୟତା ବା ସୁବିଧା ନ ଥାଏ ସେମାନଙ୍କର । ତାଛଡ଼ା ଜମିର ସର୍ବୋଚ୍ଚସୀମା ନିର୍ଦ୍ଧାରଣ ପରେ ଆମ ରାଜ୍ୟର ଆବାଦ ଯୋଗ୍ୟ ଚାଷଜମି ବାଣ୍ଟାଯାଇ ହେବା ଉତ୍ତାରୁ କ୍ଷୁଦ୍ର ଓ ନାମ ମାତ୍ର ଚାଷୀମାନେହିଁ ଚାଷ ଜମିର ମୁଖ୍ୟତଃ ଅଧିକାରୀ । ତା'ଛଡ଼ା କ୍ଷେତ ବ୍ୟବସାର ଅଭାବ ଓ ଏକ ଫସଲ ଅଭ୍ୟାସ ହେତୁ, କ୍ଷେତମଜୁରିଆଙ୍କ ପାଇଁ ବର୍ଷର ନିକିମା ସମୟରେ କାମ ଧନ୍ଦାର ଅଭାବ ସାଙ୍ଗକୁ ଆମରକି ଅନ୍ୟ କୁଶଳୀ ଓ ଅଧିକ ମଜୁରୀ କମାଇବାର ଦକ୍ଷତା, ଯୋଗ୍ୟତା ଓ ସୁବିଧା ନ ଥିବାବି ଅବଶ୍ୟ ଉଲ୍ଲେଖନୀୟ । ଆମ ରାଜ୍ୟର ଶତକଡ଼ା ୨୮ ଭାଗ କ୍ଷେତ ମଜୁରିଆଙ୍କର ଗଣ ଦାରିଦ୍ର୍ୟ ପରିପ୍ରେକ୍ଷୀରେ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କର ତା୧୪-୧-୧୯୮୨ରେ ଉଦ୍‌ଘୋଷିତ ସଂଶୋଧିତ ବିଂଶ ସୂତ୍ରୀ କାର୍ଯ୍ୟକ୍ରମରେ କୃଷି ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ସଂପର୍କିତ ପ୍ରଥମ ଦଫା ଯେଉଁଳି କ୍ରାନ୍ତିକାରୀ ଓ ସମୟୋପଯୋଗୀ ସେଉଁଳି ଆଶା ସଞ୍ଚାରୀ ମଧ୍ୟ ।

### "ଏକା ମାଘେକେ.. "

ଏଠାରେ ଉଲ୍ଲେଖନୀୟ ଯେ ସଂଶୋଧିତ ବିଂଶ ସୂତ୍ରୀର ୫ ଦଫାରେ ଆରୋପିତ ପ୍ରାଧାନ୍ୟ ଅନୁଯାୟୀ ଆମ ରାଜ୍ୟର କୃଷି ଶ୍ରମିକଙ୍କର ଦୈନିକ ସର୍ବନିମ୍ନ ମଜୁରୀ ହାର ଯଥାକ୍ରମେ ତା୧-୧୨-୧୯୮୦ ଓ ତା ୨୫-୧୨-୧୯୮୨ରେ କେବଳ ଯେ ସଂଶୋଧିତ କରାଯାଇଛି ତାହା ନୁହେଁ, ତପସିଲଭୁକ୍ତ କୃଷି ସଂସ୍ଥାରେ ସର୍ବୋପରି ସର୍ବନିମ୍ନ ମଜୁରୀ ପ୍ରଦାନ ଆଇନ ୧୯୪୮ର କଠୋର ପରିପାଳନ କ୍ଷେତ୍ରରେ ପୂର୍ବାପେକ୍ଷା ପ୍ରାଧାନ୍ୟ ବୃଦ୍ଧି ପାଇଛି । ଉଠାଥିଲେ ଉପାୟ ଥାଏ । ତା ଛଡ଼ା ଏକାମାଘରେ ଶୀତ ଯାଏ ନାହିଁ । ଏହି ପରିପ୍ରେକ୍ଷୀରେ ଆରୋପିତ ପ୍ରାଧାନ୍ୟ ଓ ଲବ୍ଧ ସାଧନ ସଂପର୍କରେ ହିସାବ ନିକାଶ କରି କିଛି ଅନୁ ନିରୀକ୍ଷଣ କରିବ ଓ ଏହି ଅବକାଶରେ ସୂଚାଇ ଦେବା ସମୀଚିନ ହେବ ଯେ:— ତା୧୯୮୦-୮୧ ବର୍ଷ ମଧ୍ୟରେ ୮୦୯ଟି କୃଷି ସଂସ୍ଥା ପରିଦର୍ଶନ କରାଯାଇ ୫,୦୭୨ ଟଙ୍କା ସର୍ବନିମ୍ନ ମଜୁରୀ ହାରରୁ କମ୍ ପାଉଥିବା କୃଷି ଶ୍ରମିକଙ୍କୁ ଦିଆଯାଇଥିବା ସ୍ଥଳେ ୧୯୮୧-୮୨ରେ ୧,୪୮୨ଟି ସଂସ୍ଥାର ପରିଦର୍ଶନ ଉତ୍ତାରୁ ୩୧,୬୭୩ ଟଙ୍କା ସର୍ବନିମ୍ନ ମଜୁରୀ ହାରରୁ କମ୍ ପାଉଥିବା କୃଷି ଶ୍ରମିକଙ୍କୁ ଆଦାୟ କରି ଦିଆଯାଇଥିଲା । ୧୯୮୨-୮୩ ବର୍ଷରେ ଖାଏ ମୋଟ ୯,୫୫୬ଟି କୃଷି ସଂସ୍ଥା ପରିଦର୍ଶନ ଓ ସର୍ବନିମ୍ନ ମଜୁରୀ ହାରରୁ କମ୍ ପାଉଥିବା ସଂପୃକ୍ତ କ୍ଷେତ ମଜୁରିଆଙ୍କୁ ବୟାନବେ ହଜାର ତିନିଶହ ଦଶ ଟଙ୍କା ୩୫ ପଇସା ଦିଆଯାଇ ଅଛି । କୃଷି ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ପ୍ରଦାନକୁ ଅଧିକ ସୁନିଶ୍ଚିତ କରିବା ପାଇଁ ୧୯୮୩-୮୪ ବର୍ଷ ନିମିତ୍ତ ଶ୍ରମ ବିଭାଗୀୟ ସଂପୃକ୍ତ କ୍ଷେତ୍ରାଧିକାରୀଙ୍କ ପାଇଁ ୧୦,୦୦୦ କୃଷି ସଂସ୍ଥା ପରିଦର୍ଶନର ସର୍ବନିମ୍ନ ମାନ ନିର୍ଦ୍ଧାରଣ କରାଯାଇଅଛି । ତା ଛଡ଼ା ଦୁର୍ବଳ ବର୍ଗ ବା ତପସିଲଭୁକ୍ତ ଉପଜାତି ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପରିଦର୍ଶନ କାର୍ଯ୍ୟକ୍ରମକୁ ପ୍ରାଧିକାର ଦେବା ନିମିତ୍ତ ପଦକ୍ଷେପ ସମେତ, ସରଳ, ଅଜ୍ଞ, ନିରକ୍ଷର ଓ ନିର୍ଯ୍ୟାତିତ କୃଷିଶ୍ରମିକଙ୍କୁ ସଜାଗ ଓ ସଚେତନ କରିବା ନିମିତ୍ତ ୪୦ଟି ବ୍ଳକରେ ଅବୈତନିକ ସଂଗଠକଙ୍କୁ ନିଯୁକ୍ତ କରାଯାଇଅଛି । ଏହି ମର୍ମରେ ନିରୂପିତ ଲକ୍ଷ୍ୟ ( Target ) ଓ ନିଷ୍ପାଦନ ( achievement ) ଜଣ ହେବାର କଥା ଓ ହେଲା ତାହାର ଠିକଣା ସମୟରେ ମୂଲ୍ୟାୟନ ନିମିତ୍ତ, ଶ୍ରମ ବିଭାଗର ଜିଲ୍ଲା, ଆଞ୍ଚଳିକ ଓ ଦପ୍ତର ହର ସମେତ ରାଜସ୍ୱ ବିଭାଗର ଜିଲ୍ଲା, କେନ୍ଦ୍ରାଞ୍ଚଳ ଓ ସଚିବାଳୟ ସ୍ତରରେ ଆକଳନ ଓ ଆଲୋଚନ କରାଯାଉଅଛି । ସର୍ବୋପରି ବିଂଶ ସୂତ୍ରୀର ୫ ଦଫାରେ ଓଡ଼ିଶାର ସାଫଲ୍ୟ ସଂପର୍କରେ ଜାନୁୟାରୀ ୧୯୮୪ ଦ୍ୱିତୀୟ ସପ୍ତାହରେ କେନ୍ଦ୍ରୀୟ ଅନୁଧ୍ୟାନ ଓ ଆକଳନ ଯେଉଁଳି ଗୁରୁତ୍ୱପୂର୍ଣ୍ଣ ସେଉଁଳି ତାତ୍ପର୍ଯ୍ୟ ପୂର୍ଣ୍ଣ ମଧ୍ୟ । ଯେଣୁ ଏକା ମାଘରେ ଶୀତ ଯାଏ ନାହିଁ ।

### "ଭୁଲି ନଜାଣି. . . ."

କୃଷି ଶ୍ରମିକଙ୍କ ନିର୍ଯ୍ୟାତନାର ନିରାକରଣ ପାଇଁ ଏବଂବିଧ ଆରୋପିତ ଗୁରୁତ୍ୱ ସତ୍ତ୍ୱେ, ସେମାନେ ସମସ୍ତେ ବୁଝନ୍ତି ନିଯେ "ମୁଖ ନଫିଟିଲେ ଦୁଃଖ ଯାଏନାହିଁ ନତୁବା ତଗର ଥଣ୍ଡ ବଢିଲେ ମୀନର ବିପତ୍ତି" ସେମାନେ ଭୁଲିଯିବା ଅନୁଚିତ ଯେ ସେମାନଙ୍କୁ ଆର୍ଥିକ ଓ ଦୈନିକ ଶୋଷଣରୁ ରକ୍ଷା କରିବା ପାଇଁ ୧୯୪୮ ଠାରୁ ଏକ କେନ୍ଦ୍ରୀୟ ଆଇନ ପ୍ରଚଳିତ. ଏହା ସର୍ବନିମ୍ନ ମଜୁରୀ ପ୍ରଦାନ ଆଇନ, ୧୯୪୮ ରୂପେ ପରିଚିତ । ଏବର ପ୍ରଚଳିତ ସର୍ବନିମ୍ନ ମଜୁରୀ ହାରାନୁଯାୟୀ ସେମାନେ ଦୈନିକ ଛ ଟଙ୍କା ପାଇବାକୁ ହକଦାର ଏବଂ ଅଧିକନ୍ତୁ ନଦୋଷାୟ । ପ୍ରତ୍ୟେକ କ୍ଷେତ ମଜୁରିଆ ଜାଣିରଖିବା ଉଚିତ ଯେ ସେ ଏହି ଆଇନର ୧୫ ଧାରା ଓ ଆମ ରାଜ୍ୟ ନିୟମାବଳୀର ୨୪ ଉପଧାରାନୁଯାୟୀ ଜଣେ ପ୍ରାପ୍ତ ବୟସ୍କ କୃଷି ଶ୍ରମିକ ପାଇଁ ଦୈନିକ କାର୍ଯ୍ୟ ସମୟ ୯ ଘଣ୍ଟା ଓ ଜଣେ ଅପ୍ରାପ୍ତ ବୟସ୍କ ଶ୍ରମିକଙ୍କ ନିମିତ୍ତ ତାହା ସାଢ଼େ ଚାରିଘଣ୍ଟା ଏବଂ ଉଭୟ କ୍ଷେତ୍ରରେ ବିରତି ସମୟ ସହ କାର୍ଯ୍ୟ ସମୟର ବିସ୍ତୃତି ମୋଟ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ନୁହେଁ । ଗୋଟିଏ ସପ୍ତାହରେ ଜଣେ କୃଷି ଶ୍ରମିକ ୪୮ ଘଣ୍ଟାରୁ ଅଧିକ ସମୟ ଖଟିଲେ ୧୪ ଧାରା ଓ ୨୫ ଉପଧାରାନୁଯାୟୀ ସଂପୃକ୍ତ କୃଷି ଶ୍ରମିକ ବଳକା ସମୟ କାମ ପାଇଁ ସାଧାରଣ କାମପାଇଁ ବଳବତର ଥିବା ମଜୁରୀ ହାରର ଦେଡ଼ଗୁଣା ହିସାବରେ ବଳକା ମଜୁରୀ

ପାଇବେ । ଲାଗ ଲାଗ ଛଅଦିନ କାମକଲେ ୭ମ ଦିନଟି ମଜୁରୀ ବିନା ସାପ୍ତାହିକ ଛୁଟି ରୂପେ ପାଇବ। ଯଦି ସଂପୃକ୍ତ କ୍ଷେତମଜୁରିଆ ନିଜର ମଜୁରୀ ବଦଳରେ ଧାନ ଗୁଡ଼ ଆଦି ଆଉକିଛି ବିନିମୟରେ ପାଉ ଥାଆନ୍ତି, ତାହାଲେ ସେହି ଦ୍ରବ୍ୟର ଆଖ ପାଖ ବଜାରରେ ସରକାରୀ ନିର୍ଦ୍ଧାରିତ ପ୍ରଚଳିତ ସୁଲଭ ମୂଲ୍ୟହାର ଅନୁଯାୟୀ ହିସାବ ଲଗାଇ ତାଙ୍କର ଯଦି ଅଧିକ କିଛି ପାଇବାର ହୁଏ ତାହା ସେ ପାଇବାକୁ ହକଦାର । ଏହାଛଡ଼ା ପ୍ରଚଳିତ ଓ ବଳବତ୍ତର ସର୍ବନିମ୍ନ ମଜୁରୀ ହାରଠାରୁ କମ୍ ପାଉଥିଲେ କିମ୍ବା ବଳକା ସମୟ କାମ ପାଇଁ କିଛି ନ ପାଉଥିଲେ, ସଂପୃକ୍ତ କ୍ଷେତ ମଜୁରିଆ ଅବିଳମ୍ବେ ନିକଟସ୍ଥ ଶ୍ରମାଧିକାରୀ, ନତୁବା ରାଜସ୍ୱ ପରିଦର୍ଶକ, ତହସିଲଦାର କିମ୍ବା ଆଦିବାସୀ ତଥା ଗ୍ରାମମଙ୍ଗଳ ଅଧିକାରୀଙ୍କୁ ତଥ୍ୟସହ ଅଭିଯୋଗ ଜଣାଇବା ଉଚିତ । ଅନ୍ୟଥା ନିଜେ ଚାହିଁଲେ ୨୦ ଧାରା ଓ ୨୭ ଉପଧାରା ଅନୁଯାୟୀ ଛଅ ନମ୍ବର ଫର୍ମରେ ବିନା କୋର୍ଟ ଫିସରେ ତାଙ୍କର ସମୁଚିତ ଆଇନଗତ ପ୍ରାପ୍ୟର ସଂଗଣନ ତଥା ଆଦାୟ ନିମିତ୍ତ ସବଡ଼ିଭିଜନାଲ ଦୌରା ଜଜ୍ (S. D. J.M.) ଅତିରିକ୍ତ ଜିଲାପାଳ (A. D. M.) ନତୁବା କ୍ଷମତାପ୍ରାପ୍ତ ଆଞ୍ଚଳିକ ସହକାରୀ ଶ୍ରମ ସଂସ୍ଥାପକ (A. L. C.) ଙ୍କ ଅଦାଲତରେ ଦାବୀ ମାମଲା ଉର୍ଦ୍ଧ୍ୱ ଦାବୀ ଓ ମଜୁରୀ ପ୍ରାପ୍ୟର ୬ମାସ ସମୟ ସୀମା ମଧ୍ୟରେ ଦାଏର କରି ପାରିବେ ।

"ଭାଇ ବଳଦିଏ ଭାଇକି !
ନଈ ବଳଦିଏ ନଈକି

ଏଣୁ ଆମ ରାଜ୍ୟର ଅବହେଳିତ ଦୁର୍ବଳ ଶ୍ରେଣୀର କ୍ଷେତ ମଜୁରିଆଙ୍କ ଦୁରାବସ୍ଥାର ନିରାକରଣ ଓ ବିକାଶ ପାଇଁ ବିଂଶସୂତ୍ରୀ ୫ ଦଫାରେ ଆରୋପିତ ପ୍ରାଧାନ୍ୟକୁ ଭିତ୍ତିକରି ଆମର ସାମୂହିକ ସହୃଦୟତା, ସମର୍ଥନ ଓ ସଚେଷ୍ଟ ନିବେଦନ ପରିପ୍ରେକ୍ଷୀରେ ଆମ ପ୍ରଗତି, ସୁଖ ସ୍ୱାଚ୍ଛନ୍ଦ୍ୟ ଓ ସଂବୃଦ୍ଧିର ଏକୋଇ ସାଥୀ ଏବଂ ସାରଥୀ ସେଇ ତେଇଶିଲକ୍ଷ ଚଉରଅଶୀ ହଜାର ଛଅଶହ ଛବିଶ ଜଣ କୃଷି ଶ୍ରମିକଙ୍କ ପାଇଁ ସାମୂହିକ ଧ୍ୟେୟ ଓ ପ୍ରଚେଷ୍ଟା ସରଣୀ ହେଉ ବେଦର ସେଇ କ୍ରାନ୍ତିକାରି ସୁକ୍ତିଟି "ସର୍ବେ ଭବନ୍ତୁ ସୁଖୀନ" ।


Phone : 52828
51306

Gram : INFRA
Telex : 0675204

# IDCO

## ORISSA INDUSTRIAL INFRASTRUCTURE DEVELOPMENT CORPORATION

**(A Govt. of Orissa Undertakings)**

OFFERS:

Industrial sheds, developed plots in strategically located growth centres like Chandaka, Cuttack, Rourkela and Paradip.

With all facilities like Power, Water-supply, drainage, roads, etc. Promotes Industrial Housing, undertakes construction on agency basis to suit your requirement. Helps you to locate suitable sites.

OUR SPECIALITY:

Quick service, result oriented advice, professional guidance on your Construction, Power and Water-supply problems.

Let IDCO feature in your industrial future.

**V. JHA**
*MANAGING DIRECTOR*
*Orissa Industrial Infrastructural Development Corporation, IDCO Towers, Janapath, - Bhubaneswar-7*


"ମୁଁ ଯାହା ଚାହେଁ, ତାହା ପାଇବାର ବାଟ ମତେ ଜଣା...
Rekha
ଅବଶ୍ୟ ମତେ ସେଥିପାଇଁ କଠିନ ପ୍ରୟତ୍ନ କରିବାକୁ ପଡ଼େ । ଭଲ ଭଲ ଭୂମିକା ଚୟନ କରି, ମନ-ପ୍ରାଣ ଦେଇ ତାକୁ ସଜୀବ କରିବାକୁ ଯତ୍ନ କରେ ।
ନିତିଦିନ ଯୋଗ ଓ ବ୍ୟାୟାମ ଯୋଗେ, ତନମନ ସକ୍ରିୟ ଓ ସତର୍କ ରଖେ ।
ଆଉ, ନିଜ ଲାବଣ୍ୟର ଯତ୍ନ ନିମନ୍ତେ ମୋର ପ୍ରିୟ ଲକ୍ସରେ ନିତି ଗାଧୋଏ ।"
LUX
ଶୁଦ୍ଧ, ସୌମ୍ୟ ଲକ୍ସ—ସିନେତାରକାଙ୍କ ସୌନ୍ଦର୍ଯ୍ୟ ସାବୁନ ।
HLL-8714
ହିନ୍ଦୁସ୍ଥାନ ଲିଭର ଲିମିଟେଡଙ୍କ ଏକ ଉତ୍କୃଷ୍ଟ

# ଆମ ରାଜ୍ୟର ଲୋକନୃତ୍ୟ

**ଶ୍ରୀ ନୃସିଂହ ପ୍ରସାଦ ଦେବ**

ଓଡ଼ିଶାର ସଂସ୍କୃତି ଓ ପରଂପରା ବିଶ୍ୱବିଦିତ । ଏହି ରାଜ୍ୟର କଳା ଓ କମନୀୟତା ଯୁଗ ଯୁଗ ଧରି ଦେଶ ତଥା ବିଦେଶର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିପାରିଛି । ତେଣୁ, ଓଡ଼ିଶାକୁ ନୃତ୍ୟ ଓ ସଂଗୀତର ଏକ ଅମୂଲ୍ୟ ରତ୍ନଭଣ୍ଡାରର ଆଖ୍ୟା ଦିଆଯାଇଛି । ଏହି ରାଜ୍ୟର ଗିରି, ବନ, ନଦନଦୀ ଓ ହ୍ରଦ ଝରଣାରେ ଭରିରହିଛି ସଙ୍ଗୀତର ସୁଲଳିତ ଝଙ୍କାର, ଅସଂଖ୍ୟ ହୃଦୟସ୍ପର୍ଶୀ କିମ୍ବଦନ୍ତୀ । ଏହି ରାଜ୍ୟର ଲୋକ ସଂସ୍କୃତି, ପୂର୍ବରୁ ଆଦିମ ଅଧିବାସୀ ଶବରମାନଙ୍କ ଦ୍ୱାରା ପୂଜିତ ହେଉଥିବା ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥଙ୍କଠାରୁ ସୃଷ୍ଟି । ଏହାର ଲୋକନୃତ୍ୟ ଓ ଲୋକ ସଙ୍ଗୀତଗୁଡ଼ିକ ସ୍ୱତଃ ଉଦ୍ଭବ ହୋଇଛି । ଯୁଗ ଯୁଗ ଧରି ଏହା ଲୋକ ସମାଜ ଓ ଲୋକ ପରଂପରାର ଅବିଚ୍ଛେଦ୍ୟ ଅଙ୍ଗ ରୂପେ ଉଦ୍‌ବର୍ତ୍ତିତ

ଦେବ ଦେବୀମାନଙ୍କ ଉଦ୍ଦେଶ୍ୟରେ ପରିବେଷଣ କରାଯାଉଥିବା ପାରଂପରିକ ଦେବଦାସୀ ନାଚରୁ ଓଡ଼ିଶୀ ନୃତ୍ୟର ଜନ୍ମ । ଏହା ଶାସ୍ତ୍ରୀୟ ପଦ୍ଧତିର ନୃତ୍ୟ । କଥିତ ଅଛି, ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ନୃତ୍ୟ କରିବା ପାଇଁ ହା–ହା ଓ ହୁ–ହୁ ନାମକ ଦୁଇଜଣ ଗନ୍ଧର୍ବ ସ୍ୱର୍ଗରୁ ଆସିଥିଲେ । ସ୍ୱର୍ଗର ଅପସରା ରମ୍ଭା ଶ୍ରୀ କ୍ଷେତ୍ରର କୁମାରୀମାନଙ୍କୁ ନୃତ୍ୟ ଶିକ୍ଷା ଦେଇଥିଲେ । ଏମାନଙ୍କୁ ଦେବଦାସୀ କୁହାଗଲା । ଦେବଦାସୀ ନାଚ କରୁଥିବା ଝିଅଙ୍କୁ ମାହାରୀ କହନ୍ତି । ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ନୃତ୍ୟ ପରିବେଷଣ କରିବା ଉଦ୍ଦେଶ୍ୟରେ ଦେବଦାସୀ ନାଚ ପ୍ରଥାର ଆରମ୍ଭ ହୋଇଥିଲା । ଓଡ଼ିଶୀ ନୃତ୍ୟ ସହ ଭକ୍ତି ପ୍ରାଧାନ୍ୟ ସଂଗୀତ ଗାନ କରାଯାଏ । ଓଡ଼ିଶୀ

ହୋଇଛି । ଜୀବନର ଅଭାବ ଅନାଟନ ଓ ଦାରିଦ୍ର୍ୟ ଏଇ ମହାର୍ଘ ପରଂପରାକୁ ପରାଭୂତ କରିପାରିନି । ଲୋକନୃତ୍ୟ ଓ ଲୋକ ସଙ୍ଗୀତ ଗୁଡ଼ିକ ବିଭିନ୍ନ ଧର୍ମ ଉତ୍ସବ କିମ୍ବା ସାମାଜିକ ପର୍ବପର୍ବାଣୀ ପାଳନ ସମୟରେ ଅନୁଷ୍ଠିତ ହୋଇଥାଏ । ବିଶେଷତଃ ଦେବଦେବୀମାନଙ୍କ ପୂଜା ଅର୍ଚ୍ଚନା କାଳରେ ଏହି ନୃତ୍ୟ ସଙ୍ଗୀତର ଆୟୋଜନ ହୁଏ । ଏଥିରେ ପୁରୁଣା କାଳିଆ ବାଦ୍ୟଯନ୍ତ୍ର ବ୍ୟବହାର କରାଯାଏ । ଲୋକନୃତ୍ୟ ଓ ଲୋକ ସଙ୍ଗୀତ ଆମୋଦ ପ୍ରମୋଦ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସରଳ ପଲ୍ଲୀ ଅଧିବାସୀମାନଙ୍କ ମଧ୍ୟରେ ଭ୍ରାତୃଭାବ ଘନିଷ୍ଠତର କରିଥାଏ । ମିଷ୍ଟର ଫାଉବିନ୍ ବୋୱେରସ ତାଙ୍କର "ଦି ଡାନ୍ସ ଇନ୍ ଇଣ୍ଡିଆ" ପୁସ୍ତକରେ ଓଡ଼ିଶାର ଲୋକନୃତ୍ୟ ଓ ସଙ୍ଗୀତକୁ ଉଚ୍ଚ ମର୍ଯ୍ୟାଦା ଦେଇଛନ୍ତି । ସେ ଲେଖିଛନ୍ତି ଯେ ଓଡ଼ିଶାରେ ବହୁ ପ୍ରକାର ଲୋକନୃତ୍ୟ ପ୍ରଚଳିତ ଏବଂ ଏସବୁ ସମର, ପୂଜାର୍ଚ୍ଚନା, ପ୍ରଣୟ ନିବେଦନ, ଶିକାର ତଥା ଦୈନନ୍ଦିନ ଜୀବନର ଉତ୍ସବାନୁଷ୍ଠାନ ସହିତ ସଂପର୍କିତ । ଓଡ଼ିଶାର ଲୋକ ସଂସ୍କୃତି ଅତୀବ ସମୃଦ୍ଧ ହୋଇଥିବାରୁ ଦେଶ ତଥା ବିଦେଶର ପର୍ଯ୍ୟଟକ ଓ ଗବେଷକମାନଙ୍କୁ ଏହା ବିଶେଷ ଆକର୍ଷିତ କରିଥାଏ । ଏଥିରେ ଚିରନ୍ତନ ମୂଲ୍ୟବୋଧ ସହିତ ଉଚ୍ଚକୋଟୀର କଳା ସନ୍ନିବେଶିତ । ଏହାକୁ ସହଜରେ ପେଶାଦାର ନୃତ୍ୟରେ ପରିଣତ କରାଯାଇପାରିବ । ଅଦ୍ୟାବଧି ଆମର ଜନଜୀବନ ଓ ସଂସ୍କୃତିରେ ଲୋକନୃତ୍ୟ ଓ ଲୋକ ସଙ୍ଗୀତ ଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

## ଓଡ଼ିଶୀ ନାଚ

ସଂସ୍କୃତି ଓଡ଼ିଶୀ ନୃତ୍ୟ ସାରା ବିଶ୍ୱରେ ବିଶେଷ ଖ୍ୟାତି ଅର୍ଜ୍ଜନ କରିଛି । ମନ୍ଦିର ତଥା ପବିତ୍ର ପୀଠସ୍ଥଳୀ ମାନଙ୍କରେ ଆଧ୍ୟାତ୍ମିକ ଭିତ୍ତିଭୂମି ଉପରେ ଉପରେ ଉଭୟ ନୃତ୍ୟ ଓ ସଂଗୀତ ପର୍ଯ୍ୟବସିତ । ଏହି ନୃତ୍ୟର ପ୍ରାରମ୍ଭରେ ଶ୍ରୀ ଗଣେଶ ଅଥବା ଶ୍ରୀ ଜଗନ୍ନାଥଙ୍କୁ ବନ୍ଦନା କରାଯାଏ । ଏହାକୁ ମଙ୍ଗଳାଚରଣ କହନ୍ତି । ରାଧାକୃଷ୍ଣ କିମ୍ବା ଭଗବାନ ବିଷ୍ଣୁଙ୍କର ଦଶାବତାର ଲୀଳାର ବିଷୟ ବସ୍ତୁକୁ କେନ୍ଦ୍ର କରି ନୃତ୍ୟ ପରିବେଷଣ ହୁଏ । ଏହାର ସଙ୍ଗୀତ ସହ ନୃତ୍ୟର ଶୈଳୀ, ଭାବ ପରିସ୍ଫୁଟନ, ଲାଳିତ୍ୟ ତଥା ଅଙ୍ଗଭଙ୍ଗୀ ଦର୍ଶକକୁ ଭାବ ବିହ୍ୱଳିତ କରିଥାଏ । ଓଡ଼ିଶାର ପ୍ରାଚୀନ ମନ୍ଦିର ଗାତ୍ରରେ ଖୋଦିତ ବିଭିନ୍ନ ମୂର୍ତ୍ତିର ନୃତ୍ୟଭଙ୍ଗୀ ଅନୁସରଣରେ ଓଡ଼ିଶୀ ନୃତ୍ୟ ପ୍ରବର୍ତ୍ତିତ ହୋଇଛି ।

## ଛଉ ନାଚ

ଓଡ଼ିଶାର ମୟୂରଭଞ୍ଜ ଓ ବିହାରର ସରାଇକଳାରୁ ଛଉ ନାଚର ଜନ୍ମ । ଚୈତ୍ର ମାସରେ ପାଳିତ ହେଉଥିବା ଚୈତ୍ରପର୍ବରେ ଏହି ନାଚ ଅନୁଷ୍ଠିତ ହୁଏ । ମୟୂରଭଞ୍ଜର ଛଉନାଚ ଓ ସରାଇକଳାର ଛଉନାଚ ମଧ୍ୟରେ କେତେକ ପାର୍ଥକ୍ୟ ରହିଛି । ମୟୂରଭଞ୍ଜର ନୃତ୍ୟଶିଳ୍ପୀମାନେ ମୁଖା ପିନ୍ଧନ୍ତି ନାହିଁ । କିନ୍ତୁ ସରାଇକଳାର ନୃତ୍ୟଶିଳ୍ପୀମାନେ ମୁଖା ବ୍ୟବହାର କରିଥାନ୍ତି । ନାଚରେ ନଟନଟୀମାନେ କୌଣସି ସଂଳାପ ଉଚ୍ଚାରଣ କିମ୍ବା ସଂଗୀତ ଗାନ କରନ୍ତି ନାହିଁ । ପଦସଞ୍ଚାଳନା ସହ ବିଭିନ୍ନ ଶୈଳୀରେ ଶରୀରର ଭଙ୍ଗୀ ପ୍ରଦର୍ଶନ ଦ୍ୱାରା ଭାବର ଆଦାନ ପ୍ରଦାନ ହୋଇଥାଏ । କିନ୍ତୁ ମୟୂରଭଞ୍ଜର ଛଉନୃତ୍ୟ ଗୀତିମୟ ଓ ଆବେଗ ପୂର୍ଣ୍ଣ ।

ଏହା ପ୍ରାୟ ଗୀତିନାଟିକା ସଦୃଶ । ବର୍ଣ୍ଣବହୁଳ ତଥା ବୀରୋଚିତ ଚରିତ୍ରଗୁଡ଼ିକ ଏହାକୁ ବିଶେଷ ଆକର୍ଷଣୀୟ କରିଥାନ୍ତି । ପୌରାଣିକ ଉପାଖ୍ୟାନ କିମ୍ବା ଲୋକକଥାକୁ ଭିତ୍ତିକରି ଏହି ନୃତ୍ୟ ପରିବେଷିତ ହୋଇଥାଏ । ଏଥିରେ ବ୍ୟବହୃତ ଧୁମ୍‌ସା, ନାଗରା, ଢୋଲ ଓ ଚଡ଼ାଚଡ଼ି ବାଦ୍ୟଯନ୍ତ୍ରଗୁଡ଼ିକର ଶବ୍ଦ ଦର୍ଶକମଣ୍ଡଳୀ ମଧ୍ୟରେ ଅନୁଭୂତିପୂର୍ଣ୍ଣ ଭାବାବେଶ ସୃଷ୍ଟିକରେ । ମୟୂରଭଞ୍ଜର ଛଉନୃତ୍ୟ ଦେଶ ବିଦେଶରେ ଖୁବ୍ ସୁନାମ ଅର୍ଜନ କରିଛି । ପ୍ରାୟ ପ୍ରତିବର୍ଷ ଓଡ଼ିଶାର ଏହି ନୃତ୍ୟ ଶିଳ୍ପୀମାନେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଲାଭ କରି ଦେଶ ବିଦେଶରେ ନୃତ୍ୟ ପରିବେଷଣ କରି ଆସୁଛନ୍ତି । ସାଂସ୍କୃତିକ ଭାବ ବିନିମୟ ପାଇଁ ଏହା ଏକାନ୍ତ ଅପରିହାର୍ଯ୍ୟ ।

## ଲଉଡ଼ି ନାଚ

ଗୋପାଳମାନେ ପବିତ୍ର ଦୋଳ ପୂର୍ଣ୍ଣିମା ପାଳନ ଅବସରରେ ଏବଂ କାର୍ତ୍ତିକ ମାସରେ ରାସଲୀଳାର ସ୍ମୃତିକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ ଲଉଡ଼ି ନାଚ କରିଥାନ୍ତି । ପୁରାଣରେ ବର୍ଣ୍ଣିତ ଶ୍ରୀକୃଷ୍ଣ ଲୀଳାର ବିଷୟବସ୍ତୁ ଅବଲମ୍ବନରେ ଗୀତ ରଚନା କରାଯାଇଥାଏ । ଶିଳ୍ପୀମାନେ ଧରିଥିବା ସୁସଜ୍ଜିତ ଛୋଟ ଛୋଟ ବାଡ଼ିରେ ଟିକି ଟିକି ଘୁଙ୍ଗୁର ଲାଗିଥାଏ । ନାଚ ଚାଲୁଥିବା ସମୟରେ ଜଣେ ଅନ୍ୟ ଜଣକ ବାଡ଼ିକୁ ତାଳରେ ବାଡ଼େଇ ଦେଉଥିବାରୁ ବାଡ଼ି ଶବ୍ଦ ସହ ଘୁଙ୍ଗୁର ଶବ୍ଦ ମିଶି ଏକ ପ୍ରକାର ସୁଲଳିତ ଧ୍ୱନି ସୃଷ୍ଟି ହୁଏ । ଗୀତର ଭଙ୍ଗୀ ଅନୁଯାୟୀ ଶିଳ୍ପୀମାନେ କେତେବେଳେ ଧାଡ଼ିଧାଡ଼ି ହୋଇ ନାଚନ୍ତି ଓ ଅନ୍ୟ କେତେବେଳେ ଗୋଲାକାରରେ ଅଥବା ବୋହଲି ବୋହଲି ନାଚନ୍ତି । ଲଉଡ଼ି ନାଚରେ ଢେଙ୍କାନାଳ ଜିଲ୍ଲା ବିଶେଷ ପ୍ରସିଦ୍ଧି ଲାଭ କରିଛି ।

## ଚଢ଼େୟା ନାଚ

ଚଢ଼େୟା ଶବ୍ଦର ଅର୍ଥ ପକ୍ଷୀ ଧରାଳି । ପକ୍ଷୀ ଧରିବା ସେମାନଙ୍କର ବେଉସା ଏବଂ ସେଥିରେ ସେମାନେ ନିଜର ଜୀବିକା ନିର୍ବାହ କରିଥାଆନ୍ତି । ଚଢ଼େୟା ନାଚର ପରିମାର୍ଜିତ ତଥା ଉନ୍ନତ ରୂପ ହେଉଛି ଦଣ୍ଡ ନାଚ । ପ୍ରଭେଦ ଏତିକି ଯେ ଦଣ୍ଡ ନାଚର ଚଢ଼େୟା ଏବଂ ତାର ସ୍ତ୍ରୀ ଚଢ଼େଆଣୀ ମଞ୍ଚ ଉପରକୁ ଆସି ମହାଦେବ ଓ ପାର୍ବତୀଙ୍କର ସ୍ତୁତିଗାନ କରନ୍ତି । କିନ୍ତୁ ଚଢ଼େଇୟା ନାଚ ନାରୀଚରିତ୍ର ବିହୀନ । କେବଳ ଛଅଜଣ କିମ୍ବା ତତୋଧିକ କଳାକାର ଗୋଟିଏ ଦଳ ହୋଇ ନାଚ କରନ୍ତି । ଚଢ଼େୟାମାନଙ୍କର ଶିକାର କରିବା ଅନୁ-ଭୂତିକୁ ନାଚ ମାଧ୍ୟମରେ ବର୍ଣ୍ଣନା କରାଯାଏ । ଶିଳ୍ପୀ-ମାନେ ବେଶଭୂଷା ହେବା ସଙ୍ଗେ ସଙ୍ଗେ ନାନା ରଙ୍ଗର ପୋଷାକ ପିନ୍ଧିଥାନ୍ତି । ଢୋଲକି ବାଦ୍ୟ ସହ ଲାଳିତ୍ୟପୂର୍ଣ୍ଣ ଅଙ୍ଗଭଙ୍ଗୀ ଦର୍ଶକମଣ୍ଡଳୀକୁ ସମ୍ମୋହିତ କରିଦିଏ । ପ୍ରଥମେ ନାଚ ଆସ୍ତେ ଆସ୍ତେ ହୁଏ । ଢୋଲକ ବାଦ୍ୟ କ୍ଷିପ୍ରତର ହେବା ସଙ୍ଗେ ସଙ୍ଗେ ନାଚ ମଧ୍ୟ କ୍ଷିପ୍ରତର ହୁଏ । ଏଥିରେ ଦର୍ଶକର ଦେହମନ ପୁଲକିତ ହୋଇଉଠେ । ଚଢ଼େୟା ନାଚରେ ଗଞ୍ଜାମ ଜିଲ୍ଲା ବିଶେଷ ପାରଦର୍ଶିତା ଲାଭ କରିଛି ।

## ଚଇତଘୋଡ଼ା ନାଚ

ଚୈତ୍ର ପୂର୍ଣ୍ଣିମାରେ କୈବର୍ତ୍ତମାନେ ଚଇତି ଘୋଡ଼ା ନାଚ କରନ୍ତି । ଅଯୋଧ୍ୟାର ରାଜା ଦଶରଥଙ୍କ ପୁତ୍ର ରଘୁବୀର ରାମଚନ୍ଦ୍ରଙ୍କୁ ବନବାସ କାଳରେ କୈବର୍ତ୍ତଗୋଷ୍ଠୀ ଗୋଟିଏ ଘୋଡ଼ାରେ ବସାଇ ସରଜୁନଦୀ ପାର କରାଇଥିଲେ । ସେହି ପୌରାଣିକ ଉପାଖ୍ୟାନକୁ ଭିତ୍ତିକରି ସେମାନେ ଘୋଡ଼ାକୁ ପୂଜା କରି ଆସୁଛନ୍ତି । ତିନୋଟି ଚରିତ୍ରର ସମାବେଶରେ ଏହି ନାଚ ଅନୁଷ୍ଠିତ ହୁଏ । ଜଣେ ଘୋଡ଼ା ନଚେଇଲାବାଲା, ଜଣେ ରାଉତ ଓ ଜଣେ ରାଉତାଣୀ । ବାଉଁଶ ପାତିଆରେ ବୁଣା ହୋଇଥିବା ଗୋଟିଏ ଘୋଡ଼ାର ପ୍ରତିକୃତିରେ ନାନା ରଙ୍ଗର କନା ସଜା ହୋଇଥାଏ । ଘୋଡ଼ା ନଚେଇବା ଏହି ବାଉଁଶ ପାତିଆରେ ତିଆରି ଘୋଡ଼ା ଭିତରେ ପଶି ଏପରି ନାଚ କରେ ଯେ ଜଣେ ଘୋଡ଼ା ଚଢ଼ିଥିବା ଭଳି ଦେଖାଯାଏ । ମୁଖ୍ୟତଃ ରାଉତ ଗୀତ ବୋଲେ ଓ ରାଉତାଣୀ ନାଚ କରେ ଏବଂ ଗୀତ ବୋଲେ । ସେମାନେ ଉନ୍ନତ ସଂଳାପ ସଙ୍ଗେ ସଙ୍ଗେ କୌତୁକିଆ ହସ କଥାମାନ କହିଥାନ୍ତି । ଢୋଲ ଓ ମହୁରୀର ଦ୍ରୁତ ତାନ ସହିତ ରାଉତାଣୀ ଓ ଘୋଡ଼ା ନଚେଇ ଦ୍ରୁତ ଛନ୍ଦରେ ନୃତ୍ୟ କରନ୍ତି । ପୁରୀ ଓ କଟକ ଜିଲ୍ଲାରେ ଚଇତି ଘୋଡ଼ାର ନାଚର ବହୁଳ ପ୍ରସାର ଘଟିଛି । ଏପରିକି, ବିଭିନ୍ନ ଯାନିଯାତ୍ରା ଓ ବିବାହ ଉତ୍ସବ ଆଦିର ସଇତଣରେ ଚଇତିଘୋଡ଼ା ନାଚ ଅଦ୍ୟାବଧି ଦେଖିବାକୁ ମିଳେ ।

## ଘୁମୁରା ନାଚ

ଭାଦ୍ରବ ମାସରେ ପାଳିତ ହେଉଥିବା ଗହ୍ମାପୂର୍ଣ୍ଣମୀ ଦିନ ମୁଖ୍ୟତଃ ସମ୍ବଲପୁର, ବଲାଙ୍ଗିର ଓ କଳାହାଣ୍ଡି ଜିଲ୍ଲାର ଆଦିବାସୀ ଭାଇଭଉଣୀମାନେ ଘୁମୁରା ନାଚ କରନ୍ତି । ସ୍ୱତନ୍ତ୍ରଭାବେ ମାଟିରେ ତିଆରି ହୋଇଥିବା ଏକ ପ୍ରକାର ବାଜା "ଘୁମୁରା" ଏହି ନାଚରେ ବଜାଯାଉଥିବାରୁ ଏହାକୁ ଘୁମୁରା ନାଚ କୁହାଯାଏ । ଘୁମୁରାର ଆକୃତି ସୁରେଇ ସଦୃଶ ଓ ଏହାର ମୁହଁ ଗୋଧି ଚମଡ଼ାରେ ଆବୃତ ହୋଇଥାଏ । ନୃତ୍ୟ ଶିଳ୍ପୀମାନେ ଘୁମୁରାକୁ କାନ୍ଧରେ ପକାଇ ଛାତିରେ ବାନ୍ଧି ଦିଅନ୍ତି । ଏହାକୁ ଦୁଇହାତରେ ବଜେଇବାକୁ ହୁଏ । ଜଣେ ଶିଳ୍ପୀ ଦୁଇଟି କାଠିରେ ଘୁଙ୍ଗୁ ବଜାଏ ଓ ଅନ୍ୟ ଜଣେ ପିତଳ ତିଆରି କାହାଳୀ ବଜାଏ । ରଙ୍ଗବେରଙ୍ଗୀ ପୋଷାକ ପିନ୍ଧି କେବଳ ପୁରୁଷମାନେ ନାଚ କରନ୍ତି । ନୃତ୍ୟ ଶିଳ୍ପୀମାନେ ରଙ୍ଗୀନ ଧୋତି ଓ ଜାକେଟ୍ ପିନ୍ଧନ୍ତି ଏବଂ ମୁଣ୍ଡରେ ପଗଡ଼ି ଭିଡ଼ି ମୟୂରପୁଚ୍ଛ ଖୋସି ଥାଆନ୍ତି । ଅଣ୍ଟାରେ ଘାଗୁଡ଼ି ଓ ପାଦରେ ନୂପୁର ପିନ୍ଧିଥାନ୍ତି । ନାଚିବା ସମୟରେ ଏଥିରୁ ଅତି ସୁନ୍ଦର ଶବ୍ଦ ସୃଷ୍ଟିହୁଏ । ଜଣେ ଶିଳ୍ପୀ କୌଣସି ବାଦ୍ୟଯନ୍ତ୍ର ନ ବଜାଇ ଦୁଇ ଗୋଛା ଲମ୍ବା ମୟୂରପୁଚ୍ଛ ଧରି ବିଭିନ୍ନ କୌତୁକ ଭଙ୍ଗୀରେ ପାଟି କରି ନାଚନ୍ତି । ନାଚର ଆରମ୍ଭରେ ଶିଳ୍ପୀମାନେ ଦୁଇ

ଧାଡ଼ିରେ ଠିଆ ହୋଇ ବାଜାର ତାଳେ ତାଳେ ପଦ ସଞ୍ଚାଳନା କରନ୍ତି । ବିଭିନ୍ନ ତାଳରେ ନାଚ କରି କିଛି ସମୟ ଠିଆ ହୋଇ ରହନ୍ତି । ସଙ୍ଗୀତ ଶିଳ୍ପୀ ଗୀତ ବୋଲିବା ଆରମ୍ଭ କରେ । ଗୀତ ସମୟରେ ଘୁମୁରା ତାଳରେ ପାଦ ପଡ଼େ । ଗୀତର ପ୍ରଥମ ପଦ ବୋଲ ସରିବା ପରେ ସେମାନେ ଖୁବ୍ ଜୋରରେ ବାଜା ବଜାଇ ଶ୍ରୁତି ମଧୁର ସଂଗୀତ ପରିବେଷଣ କରନ୍ତି । ବିଭିନ୍ନ ପ୍ରକାର ନୃତ୍ୟ ସହ ଘୁମୁରାବାଦ୍ୟ ଶୁଭିଥାଏ । ନୃତ୍ୟ ଶିଳ୍ପୀମାନେ ସଙ୍ଗୀତର ତାଳେ ତାଳେ ନାଚକରି 'ରାଧେ ରାଧେ' ସଂଳାପ ଉଚ୍ଚାରଣ କରନ୍ତି ।

## ରଣପା ନାଚ

ଏହା ଏକ ଅଦ୍ଭୁତ ଧରଣର ନାଚ । ଏହି ନାଚରେ ନୃତ୍ୟ ଶିଳ୍ପୀମାନେ ଦୁଇଟି ବାଉଁଶ ଠେଙ୍ଗା ଉପରେ ନାଚ କରନ୍ତି । ରଣପା ନାଚ ଦଣ୍ଡନାଚର ଏକ ରୂପାନ୍ତର ମାତ୍ର । ପ୍ରତ୍ୟେକ ଶିଳ୍ପୀ ଦୁଇଟି ଲେଖାଏଁ ଠେଙ୍ଗା ମଝିରେ ପାଦ ରଖି ନାଚନ୍ତି । ପାଦ ରଖିବା ପାଇଁ ଠେଙ୍ଗା ମଝିରେ କାଠ ଲାଗିଥାଏ । ଢୋଲକି ବାଜିବା ସଙ୍ଗେ ସଙ୍ଗେ ଆଠ ଦଶ ଜଣ ନୃତ୍ୟଶିଳ୍ପୀ ନାଚ କରନ୍ତି । ବାଜାର ତାଳ ଯେତେ ଦ୍ରୁତ ହୁଏ, ଶିଳ୍ପୀମାନେ ସେହିପରି ଦ୍ରୁତ ଛନ୍ଦରେ ନାଚି ଥାଆନ୍ତି ।

## କୋୟା ନାଚ


କୋୟା ଆଦିବାସୀମାନେ ବର୍ଷସାରା ବିଭିନ୍ନ ପର୍ବପର୍ବାଣୀ ପାଳନ କରି ଜୀବନ ଉପଭୋଗ କରିଥାଆନ୍ତି । କହିବା ବାହୁଲ୍ୟ ଯେ ନାଚ ସେମାନଙ୍କର ପର୍ବପର୍ବାଣୀର ମୁଖ୍ୟ ଅଙ୍ଗ । କୋୟାମାନେ ଚୈତ୍ରମାସରେ 'ବିଜାପାଣ୍ଡୁ' ଅର୍ଥାତ୍ ପବିତ୍ର ବିହନ ପର୍ବ ପାଳନ କରନ୍ତି । ଏହି ପର୍ବର ଉଦ୍ଦେଶ୍ୟ ହେଉଛି 'ଗୁଡ଼ି ମାତା' ବା ମାଟି ମାଆକୁ ପୂଜା କରିବା । ପର୍ବ ସମୟରେ ପୁରୁଷମାନେ ଶିକାର କରିବାକୁ ଯାଆନ୍ତି ଓ ସ୍ତ୍ରୀଲୋକମାନେ ନାଚ ଗୀତରେ ବିଭୋର ଥାଆନ୍ତି । ସେମାନଙ୍କର ପରମ୍ପରା ଅନୁଯାୟୀ, ଏହି ସମୟରେ କୌଣସି ପୁରୁଷ ଲୋକ ସ୍ତ୍ରୀଲୋକମାନଙ୍କ ସହ ନାଚ ଗୀତରେ ଯୋଗ ଦିଅନ୍ତି ନାହିଁ । ସ୍ତ୍ରୀଲୋକମାନେ ନିଜେ ନାଚନ୍ତି, ଗୀତ ବୋଲନ୍ତି ଓ ବାଜା ବଜାନ୍ତି । କୋୟା ପୁରୁଷମାନେ ଶିକାର ଅଭିଯାନରୁ ଫେରିବା କାଳରେ ସ୍ତ୍ରୀଲୋକମାନେ ନାଚ ଗୀତର ଆସରରେ ସେମାନଙ୍କୁ ଅଭିନନ୍ଦନ ଜଣାନ୍ତି । ଅନ୍ୟ କେତେକ ଅବସରରେ ଉଭୟ ବିବାହିତ ଓ ଅବିବାହିତ କୋୟାମାନେ ନୃତ୍ୟ ଓ ସଙ୍ଗୀତରେ ଅଂଶ ଗ୍ରହଣ କରନ୍ତି । ନାଚରେ ସ୍ତ୍ରୀଲୋକମାନେ ଛୋଟଛୋଟ ଘଣ୍ଟି 'ଗୁଜରୀ' ଲାଗିଥିବା ବାଡ଼ିକୁ ତଳେ ବାଡ଼େଇବା ଦ୍ୱାରା ମଧୁର ଧ୍ୱନି ଜାତ ହୁଏ । ଏହାର ତାଳେ ତାଳେ ଛନ୍ଦାୟିତ ଭଙ୍ଗୀରେ କୋୟାନାଚ ବେଶ୍ ମନମୁଗ୍ଧକର । ପୁରୁଷମାନେ ମୁଣ୍ଡରେ ବଣ ମଇଁଷି ଶିଙ୍ଗ ଲଗାଇ, ପଗଡ଼ି ଭିଡ଼ି ବେଶ ହୋଇଥାନ୍ତି । ସେମାନେ ବଡ଼ ବଡ଼ ଲମ୍ବା ଢୋଲ ବଜାଇ ନିଜେ ନାଚ କରନ୍ତି । ସ୍ତ୍ରୀଲୋକମାନେ ବାମ ହାତରେ ଅଣ୍ଟା ଧରାଧରି ହୋଇ ନାଚନ୍ତି । ଗୋଟିଏ ପଦ ଗୀତ ଗାଇବା ପରେ ବହୁ ସମୟ ଧରି ନାଚ ହୁଏ । ବାଜା ଦ୍ରୁତ ହେବା ସଙ୍ଗେ ସଙ୍ଗେ ଦ୍ରୁତ ତାଳରେ ନାଚନ୍ତି । କୋୟା ନୃତ୍ୟଶିଳ୍ପୀମାନେ ପ୍ରଥମେ ଡାହାଣ ଗୋଡ଼ ଆଗକୁ ବଢ଼ାଇ ଅର୍ଦ୍ଧବୃତ୍ତାକାରରେ, ତା'ପରେ ମୁହାଁମୁହିଁ ହୋଇ ଓ ଶେଷରେ ନଇଁ ନଇଁ ନାଚନ୍ତି । ନାଚ ସମୟରେ ଚତୁଃପାର୍ଶ୍ୱକୁ ତିନିପାଦ ଲେଖାଏଁ ପାଦ ପଡ଼େ । କୋୟାମାନେ ନାଚର ଆରମ୍ଭରେ ଓ ଶେଷରେ ବୁଢ଼ିଆଣୀ ଜାଲ ଆକୃତିରେ ନାଚନ୍ତି । ଏହା ବିଶେଷ ଚିତ୍ତାକର୍ଷକ ।

## ଗଦବା ନାଚ

ଦକ୍ଷିଣ ଭାରତର ଗୋଦାବରୀ ନଦୀ କୂଳରେ ପ୍ରଥମେ ଗଦବାମାନେ ବସତି ସ୍ଥାପନ କରିଥିଲେ । ପରବର୍ତ୍ତୀ କାଳରେ ସେମାନେ କୋରାପୁଟ ଜିଲ୍ଲାରେ ବସବାସ କରି ରହିଛନ୍ତି । ଗଦବାମାନଙ୍କର ବିଭିନ୍ନ ନାଚ ମଧ୍ୟରେ 'ଢେମସା' ନାଚ ପ୍ରଧାନ । ଏହି ନାଚ ସାଧାରଣତଃ ଦଶହରା, ପୌଷ ପୂର୍ଣ୍ଣିମା ଓ ଚୈତ୍ରପର୍ବ ପାଳନ ସମୟରେ ଅନୁଷ୍ଠିତ ହୁଏ । ଉଭୟ ପୁରୁଷ ଓ ସ୍ତ୍ରୀ ନାଚ କରନ୍ତି । ପ୍ରାୟ କୋଡ଼ିଏ ପଚିଶ ଜଣ ଗଦବା ସ୍ତ୍ରୀଲୋକ 'କେରଙ୍ଗ' ଶାଢ଼ୀ ପିନ୍ଧି, କାନରେ ଛଅ ଇଞ୍ଚ ଗୋଲେଇର ଏକ ପ୍ରକାର କାନମୁଦି ପିନ୍ଧି ନାଚନ୍ତି । ପୁରୁଷମାନେ ଢୋଲ, ତମକ, ଝିରିଡ଼ି ଓ ମହୁରୀ ବଜାନ୍ତି । ଗଦବା ସ୍ତ୍ରୀଲୋକମାନେ ପ୍ରଥମେ ପଛଆଡୁ ଅଣ୍ଟା ଧରାଧରି ହୋଇ, ଅର୍ଦ୍ଧ ବୃତ୍ତାକାରରେ ଠିଆ ହୋଇ ବାମ ଗୋଡ଼ ଆଗକୁ ଓ ଡାହାଣ ଗୋଡ଼ ପଛକୁ ରଖି ଧୀରେ ଧୀରେ ପାଦ ପକେଇ ନାଚ ଆରମ୍ଭ କରନ୍ତି । ତା'ପରେ ଦିପାଦ, ତିନିପାଦ ଓ ଆଠ ପାଦ ଲେଖାଏଁ ଆଗ ପଛକୁ ପାହୁଲ ପକାଇ ଓ ହାତଧରାଧରି ହୋଇ ନାଚନ୍ତି । ବର୍ଷର ବିଭିନ୍ନ ପର୍ବପର୍ବାଣୀ ଓ ବିବାହ ଆଦି ସାମାଜିକ ଉତ୍ସବ ପାଳନ ଅବସରରେ ନାଚର ଆସର ଜମିଥାଏ ।

ଏହିସବୁ ଲୋକନୃତ୍ୟଗୁଡ଼ିକ ବ୍ୟତୀତ, ଡାଲଖାଇ ନାଚ, କେଳାକେଳୁଣୀ ନାଚ, ଶବର ଶବରୁଣୀ ନାଚ, ଢୁଢୁକି ନାଚ, ବାଉଁଶରାଣୀ ନାଚ, କଣ୍ଡେଇ ନାଚ, ଓ ପତର ସଉରା ନାଚଗୁଡ଼ିକ ମଧ୍ୟ ଲୋକନୃତ୍ୟର ପରିସରଭୁକ୍ତ ଓ ଓଡ଼ିଶାର ଜନଜୀବନରେ ବିଶେଷ ଆଦୃତ । ଆମ ଓଡ଼ିଶାର ଲୋକନୃତ୍ୟଗୁଡ଼ିକ ଯୁଗ ଯୁଗ ଧରି ପ୍ରଚଳିତ ହେବା ସଙ୍ଗେ କଳା ଓ ସଂସ୍କୃତି କ୍ଷେତ୍ରରେ ଆମର ପରମ୍ପରାକୁ ଅଧିକ ପରିପୁଷ୍ଟ କରିଛି । ଲୋକ ସଂସ୍କୃତିର ବିକାଶ ପାଇଁ ସଂପ୍ରତି ସରକାର କଳାକାରମାନଙ୍କୁ ପେନସନ୍ ପ୍ରଦାନ କରି ଅଧିକ ପ୍ରେରଣା ଯୋଗାଇ ଦେଉଛନ୍ତି । ଲୋକନୃତ୍ୟ ଓ ସଂଗୀତର ଗବେଷଣା ସଙ୍ଗେ ସଙ୍ଗେ ଲୁକ୍କାୟିତ କଳାର ପୁନରୁଦ୍ଧାର ଦିଗରେ ଯେଉଁ ବଳିଷ୍ଠ ପଦକ୍ଷେପମାନ ଗ୍ରହଣ କରାଯାଉଛି ତାହା ବିଶେଷ ଉତ୍ସାହପ୍ରଦ ଓ ପ୍ରଶଂସନୀୟ ।


ଗ୍ରାମ:ପୁବାଗଡ଼
ଜିଲ୍ଲା: ପୁରୀ


ମାଗଣା ଭେଟି!
ଗ୍ଲୁକନ-ଡି ର ତାତ୍କ୍ଷଣିକ
ଶକ୍ତି ସାଥିରେ ଗୋଟିଏ
Glucon-D
ଆକର୍ଷକ ଷ୍ଟେନ୍‌ଲେସ ଷ୍ଟୀଲ ଚାମଚ
ମିଠିମିଠିଆ ତତ୍‌କ୍ଷଣାତ ଶକ୍ତି ଦେଇପାରିବା ଆପଣଙ୍କ ପ୍ରିୟ ପାନୀୟ ସମରସ କରିବା ପାଇଁ ଏହି ଚକଚକିଆ ଷ୍ଟେନ୍‌ଲେସ ଷ୍ଟୀଲ ଚାମଚଟି ୪୦୦ ଗ୍ରାମ୍ ଗ୍ଲୁକନ-ଡି ପ୍ୟାକ ସହିତ—ମାଗଣା ।
ସତେଜତା, ଶୀତଳତା ଆଉ ଶକ୍ତି ଯୋଗାଏ ଗ୍ଲୁକନ-ଡି—ଭିଟାମିନ ଡି, କ୍ୟାଲସିୟମ ଓ ଫସ୍‌ଫରସ୍ ଭଳି ଗୁଣରେ ଗୁଣଶାଳୀ । ଯେ କୌଣସି ପାନୀୟରେ ଗୋଳେଇ ପାରିବେ ଜଳଖିଆ—ଫଳରସ, ଦୁଧ, ସୁଧା, ଥଣ୍ଡା ପାଣି । କେବଳ ସାଧା କି ନେଇପାରିବେ—ହେଲେ ପ୍ରତ୍ୟେକଥର ବ୍ୟବହାର କରନ୍ତୁ ଗ୍ଲୁକନ-ଡି'ର ବିଶେଷ ଭେଟି ଚାମଚ!
FREE
Glucon-D
Glucose-D
INGREDIENTS
Glucon-D Instant Energy for the Family
୪୦୦ ଗ୍ରାମ୍'ର ପ୍ୟାକ ଉପରେ ଏହି ଭେଟି ବିବରଣ ଦେଖନ୍ତୁ
ତତ୍‌କ୍ଷଣାତ ଶକ୍ତି ଯୋଗାଏ—ଗ୍ଲୁକନ-ଡି
ସୀମିତ ଷ୍ଟକ କେବଳ ବଡ଼ ବଡ଼ ସହରରେ ।


ଶ୍ରୀଜୟଦେବ
ଶ୍ରୀଗୀତଗୋବିନ୍ଦ











SRI JAYADEVA
SRI GITAGOVINDA



କେଶବଧୃତ . . .
ଜୟ ଜଗଦୀଶ ହରେ






RI JAYADEVA





ଧୀରେ ସମୀରେ ଯମୁନାତୀରେ ବସତି ବନେ ବନମାଳୀ . . .












SHRI JAYADEV
&
SHRI GITAGOV


ଶ୍ରୀ ଜୟଦେବ
ଓ
ଶ୍ରୀ ଗୀତଗୋ











SHRI JAYADEVA
&
SHRI GITA GOVINDA

ଶ୍ରୀ ଜୟଦେବ
ଓ
ଶ୍ରୀ ଗୀତଗୋବିନ୍ଦ





ନୃତ୍ୟ
ଗବେଷଣା
ପ୍ରଦର୍ଶନୀରେ
ଶ୍ରୀ ଓ ଶ୍ରୀମତୀ
ପଟ୍ଟନାୟକ








C. M. OPENS
ODISSI
DANCE
RESEARCH
WING



MINISTER SHRI BISI
INAUGURATES
CASSATTE ON
DRINKING WATER






ପିଲାସାଲ୍କି

ଉଦ୍‌ଘାଟନ .

C.M OPENS
PILASALKI M.I
PROJECT




ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଦ୍ୱା
ଖଜୁରୀପଡ଼ା ପଲ୍ଲୀବସ୍ତ୍ର କେ
ଉଦ୍‌ଘାଟିତ , ୧୩.
C.M. OPENS PALLIBASTR
UNIT AT KHAJURIPADA

ନନ୍ଦନକାନନର ହାତୀ
ରାଜ୍ୟପାଳଙ୍କୁ ଅଭିନନ୍ଦନ
ଜଣାଉଛି..



RAIKIA OIL PROCESSING UNIT
INAUGURATED BY C.M
ରାଇକିଆ ତୈଳ ବିଶୋଧନାଗାର
ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ଉ



PHANT GREETS
GOVERNOR
SHRI PANDE
At Nandan Kanan

CUTTACK PATHAK SANSAD
FELICITATES WRITERS.
କଟକ ପାଠକ ସଂସଦ ତରଫରୁ
ଉପାୟନ ପ୍ରଦାନ...



# ଦୃଷ୍ଟିହୀନ ବିଦ୍ୟାଳୟ

ଶ୍ରୀ ମହେନ୍ଦ୍ର ନାଥ ମହାନ୍ତ

ଓଡ଼ିଶାର ପ୍ରଥମ ଦୃଷ୍ଟିହୀନ ବିଦ୍ୟାଳୟ ଭୁବନେଶ୍ୱରରେ ଓଡ଼ିଶା ରାଜ୍ୟ ବାଳବିକାଶ ସଂସ୍ଥା ଆନୁକୂଲ୍ୟରେ ତା ୨।୯। ୧୯୬୦ ମସିହାରେ ଖୋଲାଗଲା । ବିଦ୍ୟାଳୟ ଗୃହର ଶିଳାନ୍ୟାସ କରିଥିଲେ ତତ୍କାଳୀନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡକ୍ଟର କେ. ଏଲ. ଶ୍ରୀମାଳୀ । ୧୯୩୭ ମସିହାରୁ ଖୋଲା ଯାଇଥିବା ମୂକବଧିର ବିଦ୍ୟାଳୟଟିକୁ ୧୯୫୬ ମସିହାରେ ସରକାର ହାତକୁ ନେଲେ ଓ ୧୯୬୦ ମସିହାରେ ରାଜ୍ୟ ବାଳବିକାଶ ସଂସ୍ଥାକୁ ହସ୍ତାନ୍ତର କଲେ । ଏହି ଦିନଠାରୁ ଭୁବନେଶ୍ୱରସ୍ଥ ଦୃଷ୍ଟିହୀନ ଓ ମୂକବଧିର ବିଦ୍ୟାଳୟ ଦୁଇଟିକୁ ରାଜ୍ୟ ବାଳବିକାଶ ସଂସ୍ଥା ଚଳାଇ ଆସୁଥିଲେ ଓ ବୁର୍ଲାରେ ଏକ ଦୃଷ୍ଟିହୀନ ଓ ମୂକବଧିର ବିଦ୍ୟାଳୟ ଖୋଲିଥିଲୁ । ଜୁଲାଇ ୧୯୮୦ ମସିହାରେ ଏହି ୩ଟି ବିଦ୍ୟାଳୟକୁ ସରକାର ହାତକୁ ନେଲେ । ଏହା ବର୍ତ୍ତମାନ ରାଜ୍ୟସରକାରଙ୍କ ଶିକ୍ଷାବିଭାଗ ଦ୍ୱାରା ପରିଚାଳିତ ହେଉଛି ।

## ପଢାପଢି ସୁବିଧା

ଭୁବନେଶ୍ୱରସ୍ଥ ଦୃଷ୍ଟିହୀନ ବିଦ୍ୟାଳୟଟି ହାଇସ୍କୁଲ ସ୍ତର ପର୍ଯ୍ୟନ୍ତ ଖୋଲଯାଇଛି । ଶିଶୁଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୧ଟି ଶ୍ରେଣୀ ଅଛି । ଏଥିରେ ୮୫ଟି ଷ୍ଟାଇ-ପେଣ୍ଡାରୀ ସିଟ୍ ଅଛି ଓ ୮୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ସେଥିମଧ୍ୟରୁ ୭୨ ଜଣ ବାଳକ ଓ ୧୩ଜଣ ବାଳିକା । ବିଦ୍ୟାଳୟରେ ପଢାଯାଉଥିବା ପାଠ୍ୟ ଖସଡା (କୋର୍ସ) ଅନ୍ୟାନ୍ୟ ବିଦ୍ୟାଳୟ ସହ ସମାନ କିନ୍ତୁ ଲିପିରେ ପାର୍ଥକ୍ୟ ରହିଛି । ପିଲମାନେ ଶିଶୁ ଶ୍ରେଣୀରୁ ବ୍ରେଲ ପଦ୍ଧତି ଲିପି ଶିକ୍ଷା କରନ୍ତି । ଏହି ଲିପି ସେମାନଙ୍କର ଲେଖା-ପଢାର ମାଧ୍ୟମ । ବିଦ୍ୟାଳୟ ତରଫରୁ ବ୍ରେଲ ଲିପିରେ ବହି ଓ ଅନ୍ୟାନ୍ୟ ପାଠୋପକରଣ ଛାତ୍ରଛାତ୍ରୀମାନଙ୍କୁ ଯୋଗାଇ ଦିଆଯାଏ । ଏଥିପାଇଁ ଦୁଇଟି ଲାଇବ୍ରେରୀ ଅଛି । ଗୋଟିଏ ବ୍ରେଲ ଲାଇବ୍ରେରୀ ଓ ଅନ୍ୟଟି ସାଧାରଣ ପୁସ୍ତକ ଲାଇବ୍ରେରୀ । ବ୍ରେଲ ଲାଇବ୍ରେରୀରେ ୨୧୦୪ ଖଣ୍ଡ ପାଠ୍ୟ-ପୁସ୍ତକ, ୫୬୮ ଖଣ୍ଡ ପିଲମାନଙ୍କ ପଢିବା ପାଇଁ ଅନ୍ୟାନ୍ୟ ବହିଅଛି । ଏଥିସଙ୍ଗେ ପାଠ୍ୟୋପକରଣ ପାଇଁ ସିଲଟ, ଷ୍ଟାଇଲସ୍, ବ୍ରେଲ ଲେଖିବା ଯନ୍ତ୍ର, ଅଙ୍କବୋର୍ଡ ଏବଂ ଏଥିରେ ବ୍ୟବହୃତ କଣ୍ଟା ଓ ଅନ୍ୟାନ୍ୟ ଉପକରଣ ପିଲଙ୍କୁ ଯୋଗାଇ ଦିଆଯାଏ । ସାଧାରଣ ପୁସ୍ତକଗୁଡ଼ିକୁ ଶିକ୍ଷକ ଓ ଛାତ୍ର-ମାନେ ବ୍ରେଲ ଲିପିକୁ ପ୍ରତିଲିପିକରଣ କରିଥାନ୍ତି । ଏଥିପାଇଁ ସେମାନଙ୍କୁ ବିଦ୍ୟାଳୟ ତରଫରୁ ପାରିଶ୍ରମିକ ମିଳିଥାଏ ଓ ସ୍ୱତନ୍ତ୍ର କାଗଜ ଯୋଗାଇ ଦିଆଯାଇଥାଏ । ସମୟେ ସମୟେ କଲିକତାରେ ଥିବା ଆଞ୍ଚଳିକ ବ୍ରେଲ ପ୍ରେସରୁ ବହି ଛପାହୋଇ ଆସେ । ବହି ଯୋଗାଇ ଦେବାର ସମସ୍ତ ଉଦ୍ୟମ ସତ୍ତ୍ୱେ ଛାତ୍ରଛାତ୍ରୀମାନେ ଅନେକ ସମୟରେ ବହି ନପାଇ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ତେଣୁ ଏହାର ଦୂରୀକରଣ ନିମନ୍ତେ ବ୍ରହ୍ମପୁର ଦୃଷ୍ଟିହୀନ ବିଦ୍ୟାଳୟରେ ଥିବା ବ୍ରେଲ ପ୍ରେସ୍‌ଟିକୁ ତୁରନ୍ତ କାର୍ଯ୍ୟକାରୀ କରାଯିବା ଉଚିତ୍ ।

ସାଧାରଣ ପୁସ୍ତକ ଲାଇବ୍ରେରୀରେ ପାଠ୍ୟପୁସ୍ତକ ସହିତ ଅନ୍ୟାନ୍ୟ ବହି ୧୪୦୬ ଖଣ୍ଡ ଅଛି । ଏଥିସଙ୍ଗେ ଏକ ବୁକ୍‌ବ୍ୟାଙ୍କ ମଧ୍ୟ ଅଛି । ଛାତ୍ରଛାତ୍ରୀମାନେ ବ୍ରେଲ ବହି ପଢିବା ସଙ୍ଗେ ସଙ୍ଗେ ରିଡ଼ର ରଖି (ଯେ ପଢି ଶୁଣାଇ ଦେବ) ସାଧାରଣ ବହି ଲାଇବ୍ରେରୀରୁ ନେଇ ପଢିଥାନ୍ତି । ରିଡ଼ର ଖର୍ଚ୍ଚ ବାବଦକୁ ଗ୍ରାମ ଗୋଷ୍ଠୀ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କୁ ଷ୍ଟାଇପେଣ୍ଡ ଦିଆଯାଏ । କୌଣସି କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କରୁ ସଭ୍ୟମାନେ ଆସି ପଢି ପିଲମାନଙ୍କୁ ଶୁଣାଇଥାଆନ୍ତି ।

ଶାରୀରିକ ଅକ୍ଷମ ପିଲମାନଙ୍କ ସୃଜନୀଶକ୍ତି ବହୁମୁଖୀ । ବିଦ୍ୟାଳୟରେ ପାଠପଢାକୁ ଛାଡ଼ିଦେଲେ ସେମାନଙ୍କୁ ସଙ୍ଗୀତ ଓ ଧନ୍ଦାମୂଳକ କାମ ଶିକ୍ଷା ଦିଆଯାଏ । ସଙ୍ଗୀତରେ ପିଲମାନଙ୍କୁ କଣ୍ଠ ଓ ଯନ୍ତ୍ର ଉଭୟରେ ଶିକ୍ଷା ଦିଆଯାଏ । ଧନ୍ଦାମୂଳକ ଶିକ୍ଷାଭାବେ ବେତ ଓ ପ୍ଲାଷ୍ଟିକ ବୁଣା ଶିକ୍ଷା ଦିଆଯାଇଥାଏ । ବେତକାମ ଏସ୍. ଭି.ପି. ଡବ୍ଲ୍ୟୁ ପାଇଁ ମାଧ୍ୟମିକ ଶିକ୍ଷାବୋର୍ଡ ଦ୍ୱାରା ଅନୁମୋଦନ ଲାଭ କରିଛି । ସଙ୍ଗୀତ ଓ ବେତକାମ ଏହି ବିଦ୍ୟାଳୟ ପାଇଁ ଅତ୍ୟନ୍ତ ପ୍ରୟୋଜନ ।

## ବିଦ୍ୟାଳୟରେ ନାମଲେଖା ଓ ସୁବିଧା

ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ବୟସସୀମା ୬ବର୍ଷରୁ ୧୧ ବର୍ଷ ମଧ୍ୟରେ ରଖାଯାଇଛି । ଉକ୍ତ ପିଲ-ମାନଙ୍କ ଅଭିଭାବକମାନଙ୍କଠାରୁ ଜୁନ୍ ମାସ ମଧ୍ୟରେ ଦରଖାସ୍ତ ଗ୍ରହଣ କରାଯାଇଥାଏ ଓ ଜୁଲାଇ ମାସରେ ଇଣ୍ଟରଭିୟୁ କରି ନାମ ଲେଖାଯାଏ । ନାମଲେଖା ସମୟରେ ପ୍ରତ୍ୟେକ ପିଲାଙ୍କଠାରୁ କଶନମନି ବାବଦକୁ ଟ୫୦ଙ୍କା ରଖାଯାଏ । ଏହା ଏକ ଆବାସିକ ବିଦ୍ୟାଳୟ ହୋଇଥିବାରୁ ସମସ୍ତପିଲ ହଷ୍ଟେଲରେ ରହିଥାନ୍ତି । ପ୍ରତିପିଲଙ୍କୁ ଖାଦ୍ୟ ବାବଦକୁ ଟ୧୦୦ଙ୍କା ଦିଆଯାଏ । ଯେଉଁ ପିଲ-ମାନଙ୍କ ଅଭିଭାବକମାନଙ୍କର ବାର୍ଷିକ ଆୟ ଟ୬୦୦ଙ୍କାରୁ କମ୍ ସେମାନେ ଏହି ସୁବିଧା ପାଇଥାନ୍ତି । ପିଲମାନଙ୍କୁ ଦରମା ଓ ତତ୍‌ସଂପର୍କୀୟ ଅନ୍ୟାନ୍ୟ ସମସ୍ତ ଛାଡ଼ କରାଯାଇଥାଏ ।

୧୯୭୨-୭୩ ମସିହାରେ ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଥମ ବ୍ୟାଚ୍‌ରେ ୭ଜଣ ପିଲା ମାଟ୍ରିକ୍ୟୁଲେସନ ପରୀକ୍ଷା ଦେଇଥିଲେ ଏବଂ ସମସ୍ତପିଲା ଉତ୍ତୀର୍ଣ୍ଣ ହୋଇଥିଲେ । ସେହିଦିନଠାରୁ ବିଦ୍ୟାଳୟର ମାଟ୍ରିକ୍ୟୁଲେସନ ଫଳ ପ୍ରତି-ବର୍ଷ ଶତକଡ଼ା ୧୦୦ ଭାଗ ହୋଇ ଆସୁଛି । ସାଧାରଣ ଶିକ୍ଷାଛଡ଼ା ସଙ୍ଗୀତରେ ଉଚ୍ଚଶିକ୍ଷା ପାଇଁ ପିଲାମାନେ ଭୁବନେ-ଶ୍ୱରର ସଙ୍ଗୀତ ମହାବିଦ୍ୟାଳୟକୁ ଯାଆନ୍ତି । ବହୁପିଲା ସଙ୍ଗୀତ ମହାବିଦ୍ୟାଳୟରୁ ପାସ୍‌କରି ସରକାରୀ ଓ ବେସର-କାରୀ ଅନୁଷ୍ଠାନମାନଙ୍କରେ ନିଯୁକ୍ତି ପାଇଲେଣି ।

## ଶିକ୍ଷକ ଓ ଅନ୍ୟାନ୍ୟ ବ୍ୟବସ୍ଥା

ବିଦ୍ୟାଳୟରେ ଶିକ୍ଷକମାନେ ସ୍ୱତନ୍ତ୍ର ତାଲିମ ପାଇଥାନ୍ତି । ଏହି ତାଲିମ କେନ୍ଦ୍ର କଲିକତା, ଦିଲ୍ଲୀ, ବମ୍ବେ ଓ ମାଡ୍ରାସରେ ଅଛି । ବର୍ତ୍ତମାନ ବିଦ୍ୟାଳୟର ସମସ୍ତ ଶିକ୍ଷକ ବିଶେଷ ତାଲିମ ପ୍ରାପ୍ତ ଯୋଗ୍ୟତା ସମ୍ପନ୍ନ । ବିଦ୍ୟାଳୟର ଶିକ୍ଷାଦାନ ପ୍ରଣାଳୀ ସାଧାରଣ ଶିକ୍ଷାଦାନ ପ୍ରଣାଳୀଠାରୁ ଭିନ୍ନ । ଶ୍ରେଣୀରେ ଶିକ୍ଷାଦାନ ସମୟରେ ପ୍ରତ୍ୟେକ ଛାତ୍ରର ବ୍ୟକ୍ତିଗତ ସୁବିଧା ଓ ଅସୁବିଧା ପ୍ରତି ଦୃଷ୍ଟି ଦେବାକୁ ହୁଏ । ତେଣୁ ଶ୍ରେଣୀରେ ଅତି ବେଶୀରେ ୧୦ ଜଣ ପିଲା ଅଧ୍ୟୟନ କରିପାରିବା ବ୍ୟବସ୍ଥା ଅଛି । ସାଧାରଣ ବିଦ୍ୟାଳୟରେ ଛାତ୍ରମାନଙ୍କର ନିର୍ଦ୍ଦିଷ୍ଟ ଶ୍ରେଣୀଗୃହ ଥାଏ । କିନ୍ତୁ ଏଠାରେ ଶିକ୍ଷକମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରକୋଷ୍ଠକୁ ଛାତ୍ରଛାତ୍ରୀମାନେ ରୁଟିନ୍ ଅନୁଯାୟୀ ପ୍ରତି ପିରିଅଡରେ ଆସିଥାନ୍ତି । ଏହାଦ୍ୱାରା ସେମାନଙ୍କର ଚଳପ୍ରଚଳ ଅଭ୍ୟାସ ବୃଦ୍ଧିପାଏ ।

## ଓଡ଼ିଶାରେ ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥା

ବର୍ତ୍ତମାନ ଓଡ଼ିଶାରେ ଦୃଷ୍ଟିହୀନମାନଙ୍କ ପାଇଁ ଦୁଇଟି ସରକାରୀ ବିଦ୍ୟାଳୟ ଗୋଟିଏ ଭୁବନେଶ୍ୱରରେ ଓ ଅନ୍ୟଟି ବୁର୍ଲାରେ ଅଛି । ଏହି ଦୁଇଟି ଅନୁଷ୍ଠାନ ଶିକ୍ଷାବିଭାଗର ଶିକ୍ଷାନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ବିଭାଗ ଦ୍ୱାରା ପରିଚାଳିତ ହେଉଛି ।

ବେସରକାରୀ ମାଧ୍ୟମରେ ବ୍ରହ୍ମପୁର, ପୁରୀର ବାଣପୁର, କଟକସହର, କଟକର ମାହାଙ୍ଗା, କୋରାପୁଟ ଓ ଫୁଲବାଣୀରେ ଏହି ଉଦ୍ଦେଶ୍ୟରେ ବିଦ୍ୟାଳୟ ଖୋଲାଯାଇଛି । ଏହି ବିଦ୍ୟାଳୟଗୁଡ଼ିକୁ ଗ୍ରାମଗୋଷ୍ଠୀ ଉନ୍ନୟନ ବିଭାଗ ଅନୁଦାନ ଦେଇଥାନ୍ତି ।

ଏହାଛଡ଼ା ସାଧାରଣ ସ୍କୁଲରେ ଦୃଷ୍ଟିହୀନ ପିଲାମାନଙ୍କର ପଢିବା ବ୍ୟବସ୍ଥା କରାଯାଉଛି । ଏହାକୁ **Integrated Education** କୁହାଯାଏ । ଏହାଦ୍ୱାରା ସରକାର କମ୍ ଖର୍ଚ୍ଚରେ ବାଧିତ ପିଲାମାନଙ୍କୁ ଶିକ୍ଷାଦାନ ଯୋଗାଇ ଦେଇପାରିବେ । ଏହାର ଦାୟିତ୍ୱ ଶିକ୍ଷା ବିଭାଗର ଶିକ୍ଷା ନିର୍ଦ୍ଦେଶାଳୟର ଶାରୀରିକ ଶିକ୍ଷା ବିଭାଗ ନେଇଛନ୍ତି ।

ଉପରୋକ୍ତ ସମସ୍ତ ବିଦ୍ୟାଳୟରେ ସମଗ୍ର ରାଜ୍ୟରେ ପ୍ରାୟ ୨୩୦ ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀ ପଢିବାର ସୁବିଧା ସୁଯୋଗ ପାଉଛନ୍ତି । ଏହା କିନ୍ତୁ ଯଥେଷ୍ଟ ନୁହେଁ । ଏଥିପାଇଁ ପ୍ରତି ଜିଲ୍ଲାରେ ଅନ୍ୟୂନ ଗୋଟିଏ କରି ବିଦ୍ୟାଳୟ ଖୋଲଯିବା ଉଚିତ୍ ଓ ବାଧିତ ଶିକ୍ଷାର ଦାୟିତ୍ୱ ସରକାରଙ୍କର ଗୋଟିଏ ବିଭାଗ ବୁଝିଲେ ଏହାର ଉନ୍ନତି ହୋଇପାରିବ—ଏଥିରେ ସନ୍ଦେହ ନାହିଁ । ଜନ୍ମରୁ ହେଉ ବା ପରବର୍ତ୍ତୀ କାଳରେ ବିଭିନ୍ନ ଦୁର୍ବିପାକରୁ ହେଉ ଯେଉଁମାନେ ବିଭିନ୍ନ ଅକ୍ଷମତାର ଶିକାର ହୁଅନ୍ତି, ସେମାନଙ୍କ ଦୁଃଖ ଲାଘବର ଦାୟିତ୍ୱ ସାରା ସମାଜ ବହନ କରିବା କଥା । ଆମେ କେବଳ ସାମାଜିକ ସହାନୁଭୂତି ପ୍ରକାଶ କରି ସନ୍ତୁଷ୍ଟ ହେଉ । ଏହାଠାରୁ ବଳି ସାମାଜିକ ଉଦ୍ୟମ ହେଲେ ଦୁର୍ବିପାକଗ୍ରସ୍ତ ନିରୀହ ପିଲାମାନଙ୍କ ପ୍ରକୃତ କଲ୍ୟାଣ ସାଧିତ ହୋଇପାରିବ ।

ଦୃଷ୍ଟିହୀନ ବିଦ୍ୟାଳୟ,
ଭୁବନେଶ୍ୱର



# ଘୋଡ଼ ସବାର ବାହିନୀ

ମେଜର (ଡକ୍ଟର) ବି. ବି. ରଥ

ଘୋଡ଼ା, ହାତୀ, ଓଟ, ବଳଦଆଦି ପଶୁ ରାଜ୍ୟ ଜୟ ବା ରାଜ୍ୟ ରକ୍ଷା ସହ କାଳେ କାଳେ ଓତଃପ୍ରୋତଃ ଭାବରେ ଜଡ଼ିତ ହୋଇ ଆସିଛନ୍ତି । ପୂର୍ବେ ରାଜ୍ୟର ସୈନ୍ୟବଳ ଏ ସବୁ ପଶୁ ସଂପଦ ଓ ଏହାକୁ ଚଳାଇବାରେ ପଟୁତା ହାସଲ କରିଥିବା ସୈନ୍ୟଙ୍କ ସଂଖ୍ୟାରୁ ଜଣା ପଡୁଥିଲା । ସୈନ୍ୟମାନେ ହାତୀ ଓ ଘୋଡ଼ାରେ ଚଢ଼ି ଯୁଦ୍ଧ କରୁଥିଲେ, ଓଟ ଓ ବଳଦମାନେ ଯୁଦ୍ଧରେ ବ୍ୟବହୃତ ଅସ୍ତ୍ର ଶସ୍ତ୍ର, ତୋପ କମାଣ ତଥା ସୈନ୍ୟମାନଙ୍କର ଖାଦ୍ୟ ଓ ସାଜ ସରଞ୍ଜାମ ବୋହି ନେଉଥିଲେ । ଆଜିକାଲି ଭାରତର ପଶ୍ଚିମ ମରୁଭୂମୀ ଅଞ୍ଚଳରେ ଆମର ସୀମା ସୁରକ୍ଷା ବାହିନୀ ଓଟ ବ୍ୟବହାର କରୁଛନ୍ତି । ପାର୍ବତ୍ୟ ଅଞ୍ଚଳରେ ଯେଉଁଠି ଟ୍ରକ୍, ଜିପ୍ ଆଦି ବାହନ ଚଳି ପାରିବେ ନାହିଁ, ସେଠାରେ ଖଚର ଓ ଘୋଡ଼ାମାନଙ୍କ ଦ୍ୱାରା ତୋପ କମାଣ ଓ ଯୁଦ୍ଧ ସରଞ୍ଜାମମାନ ବୁହା ଯାଉଛି । ଏମାନଙ୍କ ତଦାରଖ କରିବା ପାଇଁ ଘୋଡ଼ ସଓ୍ୟାର ଆବଶ୍ୟକ ହେଉଛି ।

ସୈନ୍ୟବାହିନୀର ଆବଶ୍ୟକତା ପାଇଁ ୧୭୭୯ ମସିହାରୁ ଭାରତରେ ଘୋଡ଼ ସଓ୍ୟାର ବାହିନୀ ପଦ ସୃଷ୍ଟି କରାଯାଇଛି । ୧୯୧୮ ବେଳକୁ ୧ମ ମହାସମରର ଆବଶ୍ୟକତା ଦୃଷ୍ଟିରୁ ଏ ବାହିନୀ ବହୁ ପ୍ରସାର ଲାଭ କରିଥିଲା । ଏପରିକି ସାମରିକ ପଶୁ ଚିକିତ୍ସକମାନଙ୍କର ଅଭାବ ପଡ଼ିବାରୁ ବେସାମରିକ ପଶୁ ଡାକ୍ତରମାନଙ୍କୁ ସାମୟିକ କାର୍ଯ୍ୟରେ ଲଗାଇବା ପାଇଁ ରିଜର୍ଭ ଅଫିସର ଭାବେ ନିଯୁକ୍ତି ଦିଆଗଲା । ପୂର୍ବରୁ କେବଳ ଗୋରା ଲୋକମାନେ ଏ ବିଭାଗରେ ଅଫିସର ହେଉଥିଲେ । ୧୯୨୦ ବେଳକୁ ପ୍ରଥମ କରି ବିଲାତର ଭେଟେରୀନାରୀ କଲେଜରେ ଶିକ୍ଷାଲାଭ କରିଥିବା ୩ଜଣ ଭାରତୀୟ ଅଫିସରଙ୍କୁ ଏ ବିଭାଗରେ ନିଯୁକ୍ତି ଦିଆଗଲା ଏବଂ ଏ ବାହିନୀକୁ ଭାରତୀୟ ଘୋଡ଼ସବାର ବାହିନୀ ଆଖ୍ୟା ଦିଆଗଲା ।

୧୯୪୭ ମସିହା ଦେଶ ବିଭାଜନ ପରେ ସାମରିକ ବାହିନୀମାନେ ମଧ୍ୟ ବିଭକ୍ତ ହେଲେ । ଅବିଭକ୍ତ ଘୋଡ଼ସବାର ବାହିନୀର ମୁଖ୍ୟ ଅଶ୍ୱ ଉତ୍ପାଦନ କେନ୍ଦ୍ରମାନ ପଶ୍ଚିମ ପାକିସ୍ଥାନ ଅଞ୍ଚଳରେ ରହିଗଲା । ତେଣୁ ବହୁ ପରିଶ୍ରମ ଓ ଅର୍ଥ ବ୍ୟୟ କରି ଭାରତ ତାର ସ୍ୱତନ୍ତ୍ର ଓ ନୂଆ ଅଶ୍ୱ ପ୍ରଜନନ କେନ୍ଦ୍ରମାନ ପ୍ରତିଷ୍ଠା କଲା । ବର୍ତ୍ତମାନ ହରିଆଣା ରାଜ୍ୟର ହିସାର ଓ ଉତ୍ତର ପ୍ରଦେଶର ବାବୁଗଡ଼ଠାରେ ପ୍ରତିଷ୍ଠିତ ଦୁଇଟି ବଡ଼ ବଡ଼ ଅଶ୍ୱ ଓ ଖଚର ପ୍ରଜନନ ଫାର୍ମ କେବଳ ସୈନ୍ୟ ବାହିନୀ କାହିଁକି ଆନ୍ତର୍ଜାତିକ ସ୍ତରରେ ମଧ୍ୟ ସ୍ୱୀକୃତି ଲାଭ କଲେଣି । ଏଠାରେ ଉତ୍ପନ୍ନ ହେଉଥିବା ଘୋଡ଼ା ଓ ଖଚର ଛୁଆମାନଙ୍କୁ ସୈନ୍ୟବାହିନୀର ଆବଶ୍ୟକ ପଡୁଥିବା କାମରେ ମଣ କରିବା ପାଇଁ ହେମପୁର ଓ ସାହାରାନ୍‌ପୁରଠାରେ ଦୁଇଟି ବଡ଼ ବଡ଼ ଅଶ୍ୱ ତାଲିମ କେନ୍ଦ୍ରରେ ତାଲିମ ଦିଆଯାଏ ।

ଗଠିତ ହୋଇଛି । ଉଚ୍ଚ କୋଟୀର ଘୋଡ଼ ଓ ଖଚର ଉତ୍ପାଦନ କରିବା ପାଇଁ ପୂର୍ବେ ଅବିଭକ୍ତ ଭାରତର ବହୁ ସ୍ଥାନରେ ସରକାରୀ ଅଶ୍ୱ ଫାର୍ମମାନ ଥିଲା । ଊନବିଂଶ ଶତାବ୍ଦୀର ପ୍ରଥମ ୨୫ ବର୍ଷ ମଧ୍ୟରେ ପୁନା, ହାପୁର, ହିସାର, ହୋସୁର ସହିତ ଗଞ୍ଜାମରେ ମଧ୍ୟ ଏକ ଅଶ୍ୱ ପ୍ରଜନନ କେନ୍ଦ୍ର ଥିଲା । ଏ ସବୁ ସ୍ଥାନରେ ଇଂଲଣ୍ଡ, ଆରବ ଓ ଅଷ୍ଟ୍ରେଲିଆ ଆଦି ଦେଶରୁ ଉଚ୍ଚ କୋଟୀର ଅଣ୍ଡିରା ଘୋଡ଼ା ଅଣା ଯାଇ ଆମ ଦେଶୀୟ ଘୋଡ଼ୀଙ୍କ ଠାରୁ ଉନ୍ନତ ଘୋଡ଼ା ଛୁଆ ଉତ୍ପନ୍ନ କରାଯାଉଥିଲା । ସେହିପରି ଇଟାଲୀ, ଆର୍ଜେଣ୍ଟାଇନା, ଫ୍ରାନ୍ସ, ଆମେରିକା ଆଦି ଦେଶରୁ ଉଚ୍ଚ କୋଟୀର ଅଣ୍ଡିରା ଗଧ ଅଣାଯାଇ ଆମ ଦେଶର ଘୋଡ଼ୀଙ୍କଠାରୁ ଖଚର ଉତ୍ପାଦନ କରାଗଲା । ଘୋଡ଼ା ଓ ଖଚର ଉତ୍ପାଦନ ଉଭୟ ସରକାରୀ ଓ ଘରୋଇ ଫାର୍ମମାନଙ୍କରେ ହେଉଥିଲା ।

ସୈନ୍ୟ ବାହିନୀରେ ବ୍ୟବହୃତ ହେଉଥିବା ଏହି ଘୋଡ଼ା ଓ ଖଚରମାନଙ୍କର ଉତ୍ପାଦନ, ପାଳନ, ରୋଗ ପ୍ରତିଷେଧ ଓ ଚିକିତ୍ସା ବ୍ୟବସ୍ଥା ସକାଶେ ୧୮୨୬ ମସିହା ବେଳଠାରୁ ସାମରିକ ପଶୁ ଚିକିତ୍ସା ବାହିନୀ ଗଠିତ ହୋଇଛି ଏବଂ ୧୮୬୬ ମସିହାରୁ ଏ ବିଭାଗର ପରିଚାଳନା ସକାଶେ ଗୋଟିଏ ମୁଖ୍ୟ ପଶୁ ଚିକିତ୍ସକ

ସାମରିକ ବାହିନୀର ପଶୁମାନଙ୍କର ରୋଗ ଓ ସେ ସବୁର ପ୍ରତିଷେଧ ଓ ଚିକିତ୍ସା ସଂପର୍କୀୟ ଗବେଷଣା ପାଇଁ ସ୍ୱତନ୍ତ୍ର ଗବେଷଣାଗାରମାନ ରହିଛି । ଦେଶ ବିଭାଜନ ପରେ ମୁଖ୍ୟ ଗବେଷଣାଗାରଟି ଲହୋରରୁ ଉଠିଆସି ପୁନେ, ଲକ୍ଷ୍ନୌ ଓ ପରେ ଉତ୍ତର ପ୍ରଦେଶର ମିରଟ୍‌ଠାରେ ଏକ ପୂର୍ଣାଙ୍ଗ ଗବେଷଣାଗାର ରୂପେ ପ୍ରତିଷ୍ଠିତ ହୋଇଛି । ସେହିପରି ସାମରିକ ପଶୁଚିକିତ୍ସା ବିଭାଗର ଅଫିସରମାନଙ୍କୁ ତାଲିମ୍ ଦେବା ପାଇଁ ମିରଟ୍‌ଠାରେ ଏକ ତାଲିମ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ।

ଅଶ୍ୱ ଓ ଖଚରମାନଙ୍କ ପରି ସାମରିକ ପଶୁଚିକିତ୍ସା ବାହିନୀରେ ଶ୍ୱାନ ପ୍ରଜନନ ଓ ତାଲିମ ଅନ୍ୟ ଏକ ମୁଖ୍ୟ

ଶାଖା । ସାମରିକ ଘାଟୀମାନ ଜଗିବା, ସୀମା ସରହଦ୍‌ରେ ଶତ୍ରୁର ଗତିବିଧିର ଖବର ଆଣିବା, ସାମରିକ ଅଭିଯାନ ପୂର୍ବରୁ ସେ ଅଞ୍ଚଳରେ ଶତ୍ରୁପକ୍ଷର ମାଇନ୍ ବା ଗୋଳା ବାରୁଦ ଲୁଚା ଯାଇଛି କି ନାହିଁ ଦେଖି ଆସିବା, ଯୁଦ୍ଧ କ୍ଷେତ୍ରରେ ନିଜ ପକ୍ଷର ଲୋକ କେଉଁଠି ଆହତ ହୋଇ ପଡ଼ିଛନ୍ତି ଖୋଜିବା ଆଦି କାର୍ଯ୍ୟ ତାଲିମପ୍ରାପ୍ତ କୁକୁରମାନେ କରୁଛନ୍ତି ।

ଏହାଛଡ଼ା ସାମରିକ ବାହିନୀର ଆବଶ୍ୟକ ଦୁଧ ଉତ୍ପାଦନ ପାଇଁ ପ୍ରତିଷ୍ଠିତ ହୋଇଥିବା ଗୋପାଳନ ଓ ଦୁଗ୍ଧ ଉତ୍ପାଦନ ଫାର୍ମମାନଙ୍କରେ ପଶୁ ଚିକିତ୍ସକ ହିସାବରେ ଘୋଡ଼ ସବାର ବାହିନୀର ଅଫିସରମାନେ ନିଯୁକ୍ତ ହେଉଛନ୍ତି । ସେହିପରି ସାମରିକ ବାହିନୀ ପାଇଁ ଆବଶ୍ୟକ ମାଂସ ପରୀକ୍ଷା ନିରୀକ୍ଷା କରିବା ମଧ୍ୟ ଏହି ଘୋଡ଼ ସବାର ବାହିନୀ ଅଫିସରମାନଙ୍କର ଦାୟିତ୍ୱ ।

ସାମରିକ ବାହିନୀରେ ଅଶ୍ୱ, ଖଚର, ଶ୍ୱାନ, ଦୁଗ୍ଧ ଓ ମାଂସ ଉତ୍ପାଦନ ସଂପର୍କୀୟ ବିଭିନ୍ନ କାର୍ଯ୍ୟ ପାଇଁ ପ୍ରତିଷ୍ଠିତ ଘୋଡ଼ ସବାର ବାହିନୀ କ୍ରମଶଃ ବିକାଶ ଲାଭ କରି ଗତ ଦୁଇବର୍ଷ ହେଲା ଏ ବିଭାଗର ମୁଖ୍ୟଙ୍କୁ ମେଜର ଜେନେରାଲ ପଦବୀ ଦିଆଗଲାଣି । ଭେଟେରୀନାରୀ କଲେଜରୁ ପାଶ୍ କରିଥିବା ଯୁବ ପଶୁ ଡାକ୍ତରମାନଙ୍କୁ ଭାରତୀୟ ଘୋଡ଼ ସବାର ବାହିନୀରେ ପ୍ରଥମରୁ ଲେଫ୍‌ଟନାଣ୍ଟ ଓ ଅଳ୍ପ ଦିନ ପରେ କ୍ୟାପ୍‌ଟେନ ପଦବୀରେ ନିଯୁକ୍ତି ଦିଆଯାଏ ।

ସାମରିକ ବାହିନୀର ସ୍ଥଳ ସେନା, ନୌସେନା ଓ ବାୟୁସେନାର ବିଭିନ୍ନ ଶାଖା ପାଇଁ ଉପଯୁକ୍ତ ଅଫିସର ପ୍ରସ୍ତୁତିକରଣ ପାଇଁ ସ୍କୁଲ କଲେଜରେ ଏନ. ସି. ସି. ଶିକ୍ଷା କରିଥାରେ ଛାତ୍ର ଛାତ୍ରୀମାନଙ୍କୁ ତାଲିମ୍ ଦିଆଯାଉଛି । ମେଡିକାଲ, ଇଞ୍ଜିନିୟରିଂ ଓ ଭେଟେରିନାରୀ କଲେଜମାନଙ୍କରେ ଥିବା ଏନ. ସି. ସି. ଶିକ୍ଷା ପାଇଁ ନିଯୁକ୍ତ ଅଫିସରମାନଙ୍କ ଛଡ଼ା ସାମରିକ ବାହିନୀର ଉଚ୍ଚ ପଦସ୍ଥ କର୍ମଚାରୀମାନେ ନିଯୁକ୍ତ ଅଛନ୍ତି ।

ଆମ ଭାରତବର୍ଷରେ ଗୌହାଟି, ଜବଲପୁର, ମହୋ, ହାଇଦ୍ରାବାଦ ଓ ଭୁବନେଶ୍ୱରସ୍ଥ ଭେଟେରୀନାରୀ କଲେଜରେ ଘୋଡ଼ସବାର ବାହିନୀ ଏନ. ସି. ସି. ଶିକ୍ଷା ଦିଆଯାଉଛି । ପଶୁପାଳନ ଓ ପଶୁ ଚିକିତ୍ସା କ୍ଷେତ୍ରରେ ବ୍ୟୁତ୍ପତ୍ତି ଲାଭ କରିବା ଛଡ଼ା ଛାତ୍ର ଛାତ୍ରୀମାନଙ୍କ ପାଇଁ ଘୋଡ଼ସବାରୀ ଶିକ୍ଷାର ବିଭିନ୍ନ ବ୍ୟବସ୍ଥା ଅଛି । ଭୁବନେଶ୍ୱରସ୍ଥ ଭେଟେରୀନାରୀ କଲେଜରେ ସାମରିକ ବାହିନୀର ଉଚ୍ଚପଦସ୍ଥ ଅଫିସରଙ୍କ ଦାୟିତ୍ୱରେ ୧୧ଟି ଘୋଡ଼ା ଓ ଆବଶ୍ୟକ ସଂଖ୍ୟକ ଶିକ୍ଷକଙ୍କ ସହ ଗତ ୧୯୬୮ ମସିହାରୁ ଘୋଡ଼ସବାର ବାହିନୀ ଏନ. ସି. ସି. ତାଲିମ୍ ଦିଆଯାଉଛି । ଏ ଶିକ୍ଷାରେ ଉଦ୍‌ବୁଦ୍ଧ ହୋଇ ଭେଟେରୀନାରୀ କଲେଜରେ ୨୮ ଜଣ ସ୍ନାତକ ସାମରିକ ଘୋଡ଼ସବାର ବାହିନୀର ଉଚ୍ଚ ପଦବୀରେ ଅଛନ୍ତି । ଆନନ୍ଦର କଥା ଏଇ କଲେଜର ଜଣେ ପୂର୍ବତନ ଛାତ୍ର ମେଜର ନାରାୟଣ ମହାନ୍ତି ସାମରିକ ଘୋଡ଼ସବାର ବାହିନୀ ତରଫରୁ ଏଇ କଲେଜରେ ଥିବା ଘୋଡ଼ସବାର ବାହିନୀ ଏନ. ସି. ସି.ର କମାଣ୍ଡିଂ ଅଫିସର ଭାବରେ ଯୋଗ ଦେଇଛନ୍ତି ।

ଗତ କେତେ ବର୍ଷ ଧରି ଏଇ କଲେଜର ଘୋଡ଼ ସବାର ବାହିନୀ ଏନ. ସି. ସି. ଛାତ୍ରମାନେ ସର୍ବଭାରତୀୟ ସ୍ତରରେ ଘୋଡ଼ସବାରୀ କୌଶଳରେ ଖୁବ୍ ପ୍ରଶଂସା ଅର୍ଜନ କଲେଣି । ଗତ କେତେ ବର୍ଷ ହେଲଣି ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍ ଉପଲକ୍ଷେ ଦିଲ୍ଲୀଠାରେ ଏକ ସର୍ବଭାରତୀୟ ଏନ. ସି. ସି. ତାଲିମ ଶିବିର ଅନୁଷ୍ଠିତ ହେଉଛି । ସେଥିରେ ଘୋଡ଼ସବାର ଏନ. ସି. ସି. ଛାତ୍ର ଛାତ୍ରୀମାନେ ନିଜ ନିଜର ଘୋଡ଼ାମାନଙ୍କ ସହ ଯୋଗଦାନ କରନ୍ତି । ଏହି ଶିବିରରେ ଘୋଡ଼ସୱାରୀର ବିଭିନ୍ନ କୌଶଳ ପ୍ରଦର୍ଶନ ସହ ଏନ. ସି. ସି. ଛାତ୍ର ଛାତ୍ରୀମାନଙ୍କର ଏକ ନିଖିଳ ଭାରତ ସ୍ତରୀୟ ଘୋଡ଼ସୱାରୀ ପ୍ରତିଯୋଗୀତା ହୁଏ । ଏପରି ସର୍ବ ଭାରତୀୟ ସ୍ତରରେ ଘୋଡ଼ସବାରୀର ବିଭିନ୍ନ ବିଭବରେ ଓଡ଼ିଶାର ଘୋଡ଼ସବାର ଏନ ସି. ସି. ଛାତ୍ର ଛାତ୍ରୀମାନେ କ୍ରମାନ୍ୱୟରେ ବହୁ ଏକକ ପୁରସ୍କାର ଲାଭ କରି ଶ୍ରେଷ୍ଠ ଘୋଡ଼ସବାର ସ୍ୱର୍ଣ୍ଣପଦକ ଓ ସିଲଡ୍‌ମାନ ପାଇ ଆସିଛନ୍ତି ।

ଗତ ୧୯୭୯ ମସିହାରେ ଭେଟେରୀନାରୀ କଲେଜର ଛାତ୍ର ଶ୍ରୀ ଜ୍ଞାନଗ୍ରନ୍ଥ ଦାସ ପଟ୍ଟନାୟକ ସୋ ଜମ୍ପିଙ୍ଗରେ ପ୍ରଥମ ଓ ଶ୍ରୀ ସୌମ୍ୟରଞ୍ଜନ ପରିଜା ଟେଣ୍ଟପେଗିଂରେ ପ୍ରଥମ ପୁରସ୍କାର ପାଇଥିଲେ । ୧୯୮୦ ମସିହାରେ ଶ୍ରୀ ସୌମ୍ୟରଞ୍ଜନ ପରିଜା ଦେଶର ଶ୍ରେଷ୍ଠ ଘୋଡ଼ ସବାର ଏନ: ସି. ସି. ଛାତ୍ର ଭାବେ ବେଷ୍ଟ ରାଇଡ଼ର ଟ୍ରଫି ପାଇଥିଲେ । ୧୯୮୧ ମସିହାରେ ଛାତ୍ରମାନଙ୍କ ମଧ୍ୟରେ ଶ୍ରୀ ଗିରିଜା ପ୍ରସାଦ ରାୟ ଓ ଛାତ୍ରୀମାନଙ୍କ ମଧ୍ୟରେ ରମାଦେବୀ ମହିଳା କଲେଜର କୁମାରୀ ଜୟଶ୍ରୀ ରଥ ବେଷ୍ଟ ରାଇଡ଼ର ହୋଇ ଟ୍ରଫି ଓ ସ୍ୱର୍ଣ୍ଣପଦକ ପାଇଥିଲେ । ଗତ ୧୯୮୨ ମସିହାରେ ଜୁନିୟର ଗ୍ରୁପରେ ଭେଟେରୀନାରୀ କଲେଜର ଶ୍ରୀ ପରେଶ୍ କୁମାର ପୁଷ୍ଟି ବେଷ୍ଟ ରାଇଡ଼ର ହୋଇଥିଲେ । ପୁନଶ୍ଚ ୧୯୮୩ ମସିହାରେ ସିନିୟର ଗ୍ରୁପ୍‌ରେ ଶ୍ରୀ ପରେଶ୍ କୁମାର ପୁଷ୍ଟି ଓ ଜୁନିୟର ଗ୍ରୁପ୍‌ରେ କୃଷି କଲେଜର ଶ୍ରୀ ଅଶୋକ କୁମାର ପ୍ରଧାନ ବେଷ୍ଟ ରାଇଡ଼ର ହୋଇ ଚତୁର୍ଥ ଥର ପାଇଁ ଓଡ଼ିଶାର ସମ୍ମାନ ରକ୍ଷା କରିଥିଲେ ।

ଚଳିତ ୧୯୮୪ ମସିହାରେ ମଧ୍ୟ ପ୍ରତିଯୋଗିତାର ଫଳାଫଳ ଉତ୍ସାହପ୍ରଦ ହୋଇଛି ଓ ଓଡ଼ିଶାର ଛାତ୍ର ଛାତ୍ରୀମାନେ ଅପୂର୍ବ କୃତିତ୍ୱ ଦେଖାଇ ଦିଲ୍ଲୀ ସ୍ତରରେ ଓଡ଼ିଶାର ସୁନାମ ବଜାୟ ରଖିଛନ୍ତି । ହୋମ୍ ସାଇନସ୍ କଲେଜର ଛାତ୍ରୀ କୁମାରୀ ମାନସୀ ମହାନ୍ତି

ଏ ବର୍ଷ ଦେଶର ଶ୍ରେଷ୍ଠ ଘୋଡ଼ ସବାର ଏନ. ସି. ସି. ଛାତ୍ରୀଭାବେ ବେଷ୍ଟ ରାଇଡ଼ର ଟ୍ରଫି ଓ ସ୍ୱର୍ଣ୍ଣପଦକ ଲାଭ କରି ଓଡ଼ିଆ ଝିଅଙ୍କର ସାହସର ପରାକାଷ୍ଠା ଦେଖାଇଛନ୍ତି । ସେହି କଲେଜର କୁମାରୀ ଶକୁନ୍ତଳା ସାମନ୍ତରାୟ ଦେଶର ଦ୍ୱିତୀୟ ଶ୍ରେଷ୍ଠ ଘୋଡ଼ସବାର ବାଛିଥା ହୋଇଛନ୍ତି । ଭେଟେରୀନାରୀ କଲେଜର ଶ୍ରୀ ଶୁଭେନ୍ଦୁ କୁମାର ଦେ ଟେଣ୍ଟ ପେଗିଂରେ ପ୍ରଥମ ହୋଇ ଡ଼ଃ ରୂପଜ୍ୟୋତି ଶର୍ମା ମେମୋରିଆଲ ଟ୍ରଫି ହାସଲ କରିବା ସଙ୍ଗେ ସଙ୍ଗେ ସୋ ଜମ୍ପିଙ୍ଗ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି କୃଷି କଲେଜର ଶ୍ରୀ ଅଶୋକ ପ୍ରଧାନ ଦ୍ୱିତୀୟ ଶ୍ରେଷ୍ଠ ଘୋଡ଼ ସବାର ହେବା ସଙ୍ଗେ ସଙ୍ଗେ ସିନିୟର ଗ୍ରୁପ୍‌ରେ ଟେଣ୍ଟ ପେଗିଂରେ ପ୍ରଥମ ଓ ସୋ ଜମ୍ପିଙ୍ଗରେ ତୃତୀୟ ପୁରସ୍କାର ଲାଭ କରିଛନ୍ତି । ଜୁନିୟର ଗ୍ରୁପରେ କୃଷି କଲେଜର ଶ୍ରୀ ଅକ୍ଷୟ କୁମାର ସାହୁ ସୋ ଜମ୍ପିଙ୍ଗରେ ତୃତୀୟ ପୁରସ୍କାର ଲାଭ କରିଛନ୍ତି ।

ସାମରିକ ଘୋଡ଼ସବାର ବାହିନୀର ମେଜର ନାରାୟଣ ମହାନ୍ତି ଓ ଡ଼ଃ ସୌର୍ଯ୍ୟରଞ୍ଜନ ପରିଡ଼ାଙ୍କ ନେତୃତ୍ୱରେ ଭେଟେରୀନାରୀ କୃଷି କଲେଜର ୮ଜଣ ଛାତ୍ର ଓ ହୋମ ସାଇନସ୍ ଏବଂ ରମାଦେବୀ ମହିଳା କଲେଜରୁ ଯାଇଥିବା ୪ଜଣ ଛାତ୍ରୀ ତଥା ଛ'ଟି ଘୋଡ଼ା ଦିଲ୍ଲୀ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଓଡ଼ିଶା ଛାତ୍ର ଛାତ୍ରୀ ଏବଂ ଘୋଡ଼ସବାରୀରେ ଅପୂର୍ବ କୃତିତ୍ୱ ଯୋଗୁଁ ସବୁ ମହଲରେ ଆନନ୍ଦ ପ୍ରକାଶ ପାଉଛି । ଓଡ଼ିଶା ଘୋଡ଼ସବାର ବାହିନୀ ଏନ. ସି. ସି.କୁ ପ୍ରସାର କରାଯାଇ ଏକ ରେଜିମେଣ୍ଟରେ ପରିଣତ କରାଗଲେ ସାମରିକ ବାହିନୀରୁ ଅଧିକ ସଂଖ୍ୟକ ଘୋଡ଼ା ଓ ତାଲିମ୍ ଦେବା ପାଇଁ ଅଧିକ ସଂଖ୍ୟାରେ ଅଫିସରମାନେ ଆସିବେ । ଫଳରେ ଓଡ଼ିଶାରେ ଅଧିକ ସଂଖ୍ୟାରେ ଛାତ୍ର ଛାତ୍ରୀ ଘୋଡ଼ସବାରୀ କୌଶଳ ଶିକ୍ଷା କରି ପାରିବେ ।

୧ମ ଓଡ଼ିଶା ଘୋଡ଼ ସବାର ବାହିନୀ, ଏନ୍. ସି, ସି,, ଭୁବନେଶ୍ୱର



୧୯୮୧ ରେ ଶ୍ରେଷ୍ଠ ଘୋଡ଼ାସଓ୍ବାର-- କୁମାରୀ ଜୟନ୍ତୀ ରଥଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ

ଶ୍ରେଷ୍ଠ ଘୋଡ଼ସଓ୍ବାର-୧୯୮୪
କୁମାରୀ ମାନସୀ ମହାନ୍ତ





୧୯୮୪ ଦଲୀ ଘୋଡ଼. ସଓ୍ବାର ପ୍ରତି-
ଯୋଗିତାରେ ଇନ୍: [illegible]
ଓ ଅଫିସର

# ଓଡ଼ିଶାରେ ଲୁଣି ଚିଙ୍ଗୁଡ଼ି ଚାଷ

ଶ୍ରୀ ସୂର୍ଯ୍ୟ କୁମାର ମହାନ୍ତ

ସଂପ୍ରତି ଆନ୍ତର୍ଜାତିକ ରପ୍ତାନୀ ବଜାରରେ ସାମୁଦ୍ରିକ ପଦାର୍ଥମାନଙ୍କ ମଧ୍ୟରେ ଲୁଣି ଚିଙ୍ଗୁଡ଼ିର ସ୍ପୃହିଦା ସର୍ବାପେକ୍ଷା ଅଧିକ ହୋଇ ଥିବାରୁ ଓ ସମୁଦ୍ର ଏବଂ ଲୁଣି ହ୍ରଦମାନଙ୍କରୁ ଚିଙ୍ଗୁଡ଼ି ଉତ୍ପାଦନ କ୍ରମଶଃ ଏକ ସୀମିତ ସ୍ତରକୁ ଗତି କରୁଥିବାରୁ ବୈଜ୍ଞାନିକ ପ୍ରଣାଳୀରେ ଲୁଣି ପାଣି ପୋଖରୀରୁ ଏହାର ଉତ୍ପାଦନ ବୃଦ୍ଧି କରିବାକୁ ଆମ ଦେଶରେ ତଥା ଆନ୍ତର୍ଜାତିକ ସ୍ତରରେ ବିଶେଷ ତତ୍ପରତା ପ୍ରକାଶ ପାଉଛି । ଜାପାନ, ଆମେରିକା, ଚୀନ, ଫିଲିପାଇନ, କୋରିଆ ଆଦି ଦେଶ ଏ କ୍ଷେତ୍ରରେ ଅଗ୍ରଗାମୀ ଭୂମିକା ଗ୍ରହଣ କରିଛନ୍ତି । ଲୁଣିପାଣି ପୋଖରୀରେ ରପ୍ତାନୀ ଯୋଗ୍ୟ ଚିଙ୍ଗୁଡ଼ି ଚାଷ ଏକ ନୂତନ ଓ ଉନ୍ନତବୈଷୟିକ ପଦ୍ଧତି . ଏବଂ ଅପେକ୍ଷାକୃତ ଅଧିକ ବ୍ୟୟ ସାପେକ୍ଷ ହୋଇଥିବାରୁ ଆମ ଦେଶରେ ଏହାର ଉଲ୍ଲେଖନୀୟ ଅଗ୍ରଗତି ହୋଇ ପାରି ନାହିଁ । ଏହି ଚିଙ୍ଗୁଡ଼ି ଚାଷ ମୁଖ୍ୟତଃ ଖାଦ୍ୟ ପାଇଁ ନୁହେଁ, ବିଦେଶକୁ ରପ୍ତାନୀ କରି ଅଧିକ ବୈଦେଶିକ ମୁଦ୍ରା ଅର୍ଜନ କରିବା ପାଇଁ ଉଦ୍ଦିଷ୍ଟ । ସେଥିପାଇଁ ବର୍ତ୍ତମାନ ଓଡ଼ିଶାରେ ବାଗଦା ଚିଙ୍ଗୁଡ଼ିର ଦର କିଲୋପ୍ରତି ୫୦ରୁ ୮୦ ଟଙ୍କା ପର୍ଯ୍ୟନ୍ତ ହୋଇଛି । ଯଦିବା ମଧୁର ମାଛ ତୁଳନାରେ ଏହାର ହେକ୍ଟର ପିଛା ଉତ୍ପାଦନ ପରିମାଣ କମ, ତଥାପି ମୂଲ୍ୟ ଦୃଷ୍ଟିରୁ ଚିଙ୍ଗୁଡ଼ି ଚାଷରୁ ଆର୍ଥିକ ଆୟ ଅଧିକ ମିଳିବା ସମ୍ଭବ ହୋଇ ପାରିଛି ।

ଓଡ଼ିଶାର ଚାରିଗୋଟି ଉପକୂଳବର୍ତ୍ତୀ ଜିଲ୍ଲାରେ ସମୁଦ୍ର କୂଳ ଓ ନଦୀ ମୁହାଁଣ ସଂଲଗ୍ନ ବିସ୍ତୃତ ଜୁଆର ମାଡୁଥିବା ଜମି, ଖାଲୁଆ ଏବଂ ଲୁଣି ଜଙ୍ଗଲ ଅଞ୍ଚଳ ରହିଛି ଯାହାକି କୃଷି ପାଇଁ ଅନୁପଯୁକ୍ତ । ସେହି ସବୁ ଅଞ୍ଚଳରେ ପ୍ରାୟ ଶତକଡ଼ା ୮୫ ଭାଗ ଜମି ରପ୍ତାନୀ ଯୋଗ୍ୟ ଲୁଣି ଚିଙ୍ଗୁଡ଼ି ଚାଷ ପାଇଁ ଉପଯୁକ୍ତ ବୋଲି ମତ୍ସ୍ୟ ବିଭାଗ ଦ୍ୱାରା କରାଯାଇଥିବା ଗତ ଚାରିବର୍ଷର ସର୍ଭେରୁ ଜଣାଯାଇଛି । ଏହିସବୁ ଲୁଣି/କ୍ଷାରି ପାଣି ଅଞ୍ଚଳ ମୁଖ୍ୟତଃ ସରକାରୀ ଜମି ଏବଂ ବ୍ୟକ୍ତିଗତ ଘରୋଇ ଜମିର ପରିମାଣ ଶତକଡ଼ା ପ୍ରାୟ ୬ ଭାଗ । ଆମ ରାଜ୍ୟରେ ଚିଲିକା ହ୍ରଦକୁ ମିଶାଇ ସମୁଦ୍ର ଉପକୂଳ ଓ ନଦୀ ମୁହାଁଣ ସଂଲଗ୍ନ ଜୁଆରିଆ ସମତଳ, ଖାଲୁଆ ଏବଂ ଲୁଣି ଜଙ୍ଗଲ ଅଞ୍ଚଳର ମୋଟ ଆୟତନ କୋଡ଼ିଏ ହଜାର ହେକ୍ଟର ହେବାର ହିସାବ କରାଯାଇଛି । ଗତ ଚାରି ବର୍ଷରେ ମତ୍ସ୍ୟ ବିଭାଗ ଦ୍ୱାରା କରାଯାଇଥିବା ସର୍ଭେରୁ ଜଣାଯାଇଛି ଯେ ଅଦ୍ୟାବଧି ଚିହ୍ନଟ କରାଯାଇଥିବା ଅଞ୍ଚଳ ମଧ୍ୟରୁ ୧୪,୦୦୬ ହେକ୍ଟର ଜମି ଉପକୂଳବର୍ତ୍ତୀ ଅଞ୍ଚଳରେ ଲୁଣି ମାଡୁଥିବା ସମତଳ ଏବଂ ଖାଲୁଆ ଜମି; ପୁରୀ ଜିଲ୍ଲାର ଅସ୍ତରଙ୍ଗ ଓ ଚିଲିକା ହ୍ରଦ ଏବଂ ଗଞ୍ଜାମ ଜିଲ୍ଲାର ଦକ୍ଷିଣ ଚିଲିକା ଓ ଋଷିକୁଲ୍ୟା–ବାହୁଦା ନଦୀ ମୁହାଁଣ ମଧ୍ୟବର୍ତ୍ତୀ ଲୁଣି ଖାଲୁଆ ଓ ଜୁଆର ମାଡୁଥିବା ଅଞ୍ଚଳରେ ଉପରୋକ୍ତ ଲୁଣି ଚିଙ୍ଗୁଡ଼ି ଚାଷୋପଯୋଗୀ ଜମି ରହିଛି । ଏହି ଅଞ୍ଚଳରେ ପାଣି ଧାରଣ କରି ପାରୁଥିବା ମଟାଳ ପଟୁଆ ଯୁକ୍ତ ମାଟି, ନିମ୍ନତମ ଓ ଉଚ୍ଚତମ ସମୁଦ୍ର ଜୁଆରର ମଧ୍ୟମ ଧରଣର ଉଚ୍ଚତା ବ୍ୟବଧାନ, ଅପେକ୍ଷାକୃତ ସମତଳ ଓ ଅନୁଚ୍ଚ ଲୁଣା ଜମି ଏବଂ ଉପକୂଳବର୍ତ୍ତୀ ଜୁଆର ଯାତାୟତ କରୁଥିବା ଛୋଟ ବଡ଼ ନାଳ ଓ ଖାଲୁଆ ଜୁଆର ମାଡୁଥିବା ସ୍ଥାନ ଏବଂ ଚିଲିକା ହ୍ରଦ ଇତ୍ୟାଦିରୁ ପର୍ଯ୍ୟାପ୍ତ ପରିମାଣରେ ମିଳୁଥିବା ଚାଷୋପଯୋଗୀ ଲୁଣି ଚିଙ୍ଗୁଡ଼ି ଜାଆଁଳ ଏବଂ ସର୍ବୋପରି ମତ୍ସ୍ୟ ବିଭାଗ ଦ୍ୱାରା ବାହାର କରାଯାଇ ଥିବା ଅଳ୍ପ ଖର୍ଚ୍ଚରେ ଆବଦ୍ଧ ଲୁଣି ପାଣି ପୋଖରୀରେ ଚିଙ୍ଗୁଡ଼ି ଚାଷର ପ୍ରଣାଳୀ ଓଡ଼ିଶାରେ ବ୍ୟାପକ ଲୁଣି ଚିଙ୍ଗୁଡ଼ି ଚାଷର ଉଜ୍ଜ୍ୱଳ ସମ୍ଭାବନା ସୃଷ୍ଟି କରିଛି । ଓଡ଼ିଶାରେ ଥିବା ମୋଟ ୨୦ ହଜାର ହେକ୍ଟର ଲୁଣା ଜମି ଅଞ୍ଚଳ ମଧ୍ୟରୁ ପ୍ରାୟ ୧୬ ହଜାର ହେକ୍ଟର ଜମି ଚିଙ୍ଗୁଡ଼ି ଚାଷ ପାଇଁ ଉପଯୁକ୍ତ ହୋଇପାରେ । ଏହାର ସଠିକ ପରିମାଣ ବର୍ତ୍ତମାନ ଚାଲୁରହିଥିବା ସର୍ଭେ ପରେ ଜଣାଯିବ । ୧୬ ହଜାର ହେକ୍ଟର ଚିଙ୍ଗୁଡ଼ି ଚାଷୋପଯୋଗୀ ଜମି ମଧ୍ୟରୁ କେବଳ ଚିଙ୍ଗୁଡ଼ି ଚାଷ ପାଇଁ ଉପଯୁକ୍ତ । ବିଭିନ୍ନ ଉପକୂଳବର୍ତ୍ତୀ ଜିଲ୍ଲାରେ ଚିହ୍ନଟ କରାଯାଇଥିବା ଚିଙ୍ଗୁଡ଼ି ଚାଷପୋଯୋଗୀ ଜମିର ପରିମାଣ ନିମ୍ନରେ ଦିଆଗଲା ।

| | | |
|---|---|---|
| ବାଲେଶ୍ୱର | ... | ୨,୫୭୫ ହେକ୍ଟର |
| କଟକ | .. | ୫,୨୫୭ " |
| ପୁରୀ | .. | ୪,୧୫୦ " |
| ଗଞ୍ଜାମ | .. | ୨,୦୨୪ " |
| ମୋଟ | .. | ୧୪,୦୦୬ ହେକ୍ଟର |

ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ମୁହାଁଣ, ପାଞ୍ଚପଡ଼ା–ବୁଢ଼ାବଳଙ୍ଗ ମୁହାଁଣ, ଚାନ୍ଦିପୁର–ଇରମ ଉପକୂଳବର୍ତ୍ତୀ ଅଞ୍ଚଳ ଓ ଧାମରା ମୁହାଁଣ ଅଞ୍ଚଳ; କଟକ ଜିଲ୍ଲାରେ ବ୍ରାହ୍ମଣୀ–ବୈତରଣୀ ମୁହାଁଣ ସଂଲଗ୍ନ ଜୁଆରିଆ ଓ ଲୁଣା ଅଞ୍ଚଳ, ମହାନଦୀ ତ୍ରିକୋଣ ଭୂମିରେ ଜୁଆର

ଚିଲିକା ହ୍ରଦରେ ୬ ହଜାର ହେକ୍ଟର ଜମି ରହିଥିବାର ଜଣାଯାଇଛି ।

ଜାପାନ, ଆମେରିକା, ଫିଲିପାଇନ, ଚୀନ, କୋରିଆ ଆଦି ଦେଶ ତଥା ଭାରତର ଅନ୍ୟାନ୍ୟ ଉପକୂଳବର୍ତ୍ତି ରାଜ୍ୟମାନଙ୍କରେ ଲୁଣି ଚିଙ୍ଗୁଡ଼ି ଚାଷ ପାଇଁ ସମୁଦ୍ର ଜୁଆର ପାଣି ଯାତାୟାତର ସୁବିଧା ଏକ ବଡ଼ ଆବଶ୍ୟକତା ହୋଇଥିବା ସ୍ଥଳେ ଓଡ଼ିଶାରେ ଗଞ୍ଜାମ ଜିଲ୍ଲାର ପାଲୁର ଅଞ୍ଚଳରେ ୧୯୮୨–୮୩ ମସିହାରେ ଆବଦ୍ଧ ଲୁଣି ପାଣି ପୋଖରୀରେ କରାଯାଇଥିବା ବାଗଦା ଚିଙ୍ଗୁଡ଼ି ଚାଷ ଏକ କ୍ରାନ୍ତିକାରୀ ସଫଳତା ହାସଲ କରିପାରିଛି । ଏହି ପରୀକ୍ଷାମୂଳକ ଚିଙ୍ଗୁଡ଼ି ଚାଷର ସଫଳତାକୁ ଆଖି ଆଗରେ ରଖି ୧୯୮୩-୮୪ ବର୍ଷରେ ରାଜ୍ୟ ସରକାରଙ୍କ ତରଫରୁ ଗଞ୍ଜାମ, ପୁରୀ ଓ ବାଲେଶ୍ୱର ଜିଲ୍ଲାର ଉପକୂଳ ଏବଂ ଚିଲିକା କୂଳବର୍ତ୍ତୀ ଅଞ୍ଚଳରେ ଉନ୍ନତ ଲୁଣି ଚିଙ୍ଗୁଡ଼ି ଚାଷର ପ୍ରାରମ୍ଭିକ ପର୍ଯ୍ୟାୟ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି । ପୁରୀ ଓ ଗଞ୍ଜାମ ଜିଲ୍ଲାରେ ୩ ହଜାର ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ ଚିଙ୍ଗୁଡ଼ି ଚାଷ ମାଧ୍ୟମରେ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରା ଯାଇଛି । ବାଲେଶ୍ୱର ଜିଲ୍ଲାରେ ୧୦୦ ଜଣ ଦୁର୍ବଳ ଶ୍ରେଣୀର ବ୍ୟକ୍ତିଙ୍କୁ ଅର୍ଥନୈତିକ ସହାୟତା ଯୋଗାଇ ଦେବାକୁ ମଧ୍ୟ ଏହି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ସଂପୃକ୍ତ ଜିଲ୍ଲାମାନଙ୍କର ଗ୍ରାମ୍ୟ-ଉନ୍ନୟନ ସଂସ୍ଥା ଆନୁଷଙ୍ଗିକ ସୁବିଧା ସୁଯୋଗ ସୃଷ୍ଟି ଓ ରିହାତି ଅର୍ଥ ଏବଂ ବ୍ୟାଙ୍କମାନେ ଆବଶ୍ୟକୀୟ ଋଣ ଯୋଗାଇ ଦେଉଥିବା ସ୍ଥଳେ ନୂତନ ଭାବରେ ଗ୍ରତେଟି ଉପକୂଳବର୍ତ୍ତୀ ଜିଲ୍ଲା ପାଇଁ ଗଠନ କରାଯାଇଥିବା ଦୁଇଗୋଟି ଲୁଣି ଚିଙ୍ଗୁଡ଼ି ଓ ମାଛ ଚାଷ ଉନ୍ନୟନ ସଂସ୍ଥା ଏ ଦିଗରେ ଆବଶ୍ୟକୀୟ ବୈଷୟିକ, ସଂପ୍ରସାରଣ ଓ ତାଲିମ ସହାୟତା ଯୋଗାଇ ଦେଉଛନ୍ତି । ଭାରତ ସରକାରଙ୍କ ସାମୁଦ୍ରିକ ପଦାର୍ଥ ରପ୍ତାନୀ ଓ ଉନ୍ନୟନ ସଂସ୍ଥା, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟରେ ଚିଙ୍ଗୁଡ଼ି ଚାଷୀମାନଙ୍କ ପାଇଁ ତାଲିମ ବ୍ୟବସ୍ଥାରେ ମଧ୍ୟ ସାହାଯ୍ୟ କରୁଛନ୍ତି ।

ପୁରୀ ଏବଂ ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ଲୁଣି ଚିଙ୍ଗୁଡ଼ି ଚାଷ ମୁଖ୍ୟତଃ ଚିଲିକା କୂଳବର୍ତ୍ତୀ ଅଞ୍ଚଳ ଓ ବାହୁଦା ନଦୀ ମୁହାଁଣ ସଂଲଗ୍ନ ଅଞ୍ଚଳରେ ଗ୍ରାମ୍ୟ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ ଯୋଜନା (ଇ. ଆର. ଆର. ପି.) ରେ କାର୍ଯ୍ୟକାରୀ କରାଯାଇଛି । ବାଲେଶ୍ୱର ଜିଲ୍ଲାର ଜୟଦେବ କସବା (ସଦର ବ୍ଲକ) ଠାରେ ସମୁଦ୍ର-କୂଳବର୍ତ୍ତୀ ଜୁଆର ମାଡୁଥିବା ଅଞ୍ଚଳରେ ଦୁର୍ବଳଶ୍ରେଣୀ ଲୋକମାନଙ୍କ ପାଇଁ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ ଚଳିତ ବର୍ଷ ଏହି ଚିଙ୍ଗୁଡ଼ି ଚାଷ କରା-ଯାଇଛି ।

ଚଳିତ ବର୍ଷ ପୁରୀ ଏବଂ ଗଞ୍ଜାମ ଜିଲ୍ଲାର ଚିଲିକା ସଂଲଗ୍ନ ବ୍ରହ୍ମଗିରି, କୃଷ୍ଣପ୍ରସାଦ, ଖଲିକୋଟ, ଗଞ୍ଜାମ ଓ ଚିକିଟି ବ୍ଲକରେ ୬୯୮ ଟି ଅଧଏକର ଆୟତନ ବିଶିଷ୍ଟ ଆବଦ୍ଧ ଲୁଣାପାଣି ପୋଖରୀ ଖୋଳାଇବା କାର୍ଯ୍ୟ ଆରମ୍ଭ କରାଯାଇଛି । ସେଥି ମଧ୍ୟରୁ ଗତ ବର୍ଷାଋତୁରେ ୧୩୪ ଟି ପୋଖରୀରେ ଲୁଣି ବାଗଦା ଚିଙ୍ଗୁଡ଼ି ଚାଷ ପ୍ରଥମ ପର୍ଯ୍ୟାୟରେ ଆରମ୍ଭ କରାଯାଇଥିଲା । ପ୍ରତ୍ୟେକ ଦରିଦ୍ରତମ ପରିବାରକୁ ଗୋଟିଏ ଲେଖାଏଁ ପୋଖରୀ ୧୫ ବର୍ଷିଆ ଦୀର୍ଘ ମିଆଦି ପଟ୍ଟା ସୂତ୍ରରେ ଯୋଗାଇ ଦିଆଯାଇଛି । ସେମାନଙ୍କୁ ଗତ ଅଗଷ୍ଟ ମାସରେ ଚିଙ୍ଗୁଡ଼ି ଚାଷର ବୈଷୟିକ ପ୍ରଣାଳୀ ସଂପର୍କରେ ତାଲିମ ଦିଆଯିବା ପରେ ସେପ୍ଟେମ୍ବର ମାସଠାରୁ ନୂଆ ଖୋଳା-ଯାଇଥିବା ପୋଖରୀଗୁଡ଼ିକରେ ଚିଙ୍ଗୁଡ଼ି ଚାଷ ଆରମ୍ଭ କରାଯାଇ ବର୍ତ୍ତମାନ ରପ୍ତାନୀ ଯୋଗ୍ୟ ଚିଙ୍ଗୁଡ଼ି ଅମଳ କରିବା କାର୍ଯ୍ୟ ପ୍ରାୟ ଶେଷ ହୋଇ ଆସିଲାଣି । ଏହି ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ଉନ୍ନତ ବାଗଦା ଚିଙ୍ଗୁଡ଼ି ଛୁଆଁଙ୍କ ମୁଖ୍ୟତଃ ଚିଲିକା ହ୍ରଦ ଓ ବାହୁଦା ନଦୀ ମୁହାଁଣ ଅଞ୍ଚଳରୁ ସଂଗୃହୀତ କରାଯାଇଥିଲା । ଖତ ଓ ରାସାୟନିକ ସାର ପ୍ରୟୋଗ ଦ୍ୱାରା ମାଟି ଓ ପାଣିର ଉର୍ବରତା ବୃଦ୍ଧି କରିବା ଓ କୃତ୍ରିମ ଖାଦ୍ୟ ଯୋଗାଇବା ସଙ୍ଗେ ସଙ୍ଗେ ପାଣିର ଲୁଣି ଅଂଶ ଓ ଅମ୍ଳଜାନର ପରିମାଣକୁ ଆବଶ୍ୟକୀୟ ସୀମା ମଧ୍ୟରେ ନିୟନ୍ତ୍ରିତ କରାଯାଇ ପ୍ରଥମ ପର୍ଯ୍ୟାୟରେ କରାଯାଇ ଥିବା ଚିଙ୍ଗୁଡ଼ି ଚାଷରୁ ଆଶାନୁରୂପ ସଫଳତା ହାସଲ କରାଯାଇ ପାରିଛି । ଯଦିବା ବର୍ତ୍ତମାନ ସୁଦ୍ଧା ପୋଖରୀଗୁଡ଼ିକରୁ ରପ୍ତାନୀ ଯୋଗ୍ୟ ଚିଙ୍ଗୁଡ଼ି ଅମଳ କାର୍ଯ୍ୟ ଶେଷ ହୋଇନାହିଁ, ତଥାପି ବର୍ତ୍ତମାନ ସୁଦ୍ଧା ଧରାଯାଇଥିବା ଚିଙ୍ଗୁଡ଼ିର ପରିମାଣ ଓ ବିକ୍ରିଲବ୍ଧ ଆୟ ଯଥାକ୍ରମେ ୩,୫୦୦ କିଲୋଗ୍ରାମ ଓ ୨ ଲକ୍ଷ ୫୦ ହଜାର ଟଙ୍କା ହୋଇ ପାରିଛି । ହେକ୍ଟର ପିଛା ମିଳିଥିବା ଉତ୍ପାଦନ ୧୮୨ କିଲୋଗ୍ରାମରୁ ଅଧିକ ହେବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ଦରିଦ୍ରତମ ପରିବାରର ଉପକୃତ ବ୍ୟକ୍ତିଙ୍କୁ ୧୨୦ରୁ ୧୩୦ ଦିନ ମଧ୍ୟରେ ହାରାହାରି ୨,୩୫୦ ଟଙ୍କା ମିଳିପାରିଛି । ପୋଖରୀରେ ଆବଶ୍ୟକୀୟ ପାଣି ରହୁଥିଲେ ବର୍ଷକୁ ଦୁଇଗୋଟି ଚିଙ୍ଗୁଡ଼ି ଫସଲ ଆଦାୟ କରି ହେବ । ତେଣୁ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ଦୁର୍ବଳଶ୍ରେଣୀର ବ୍ୟକ୍ତିଙ୍କୁ ବାର୍ଷିକ ପ୍ରାୟ ୪,୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ଆୟ ମିଳିବାର ସମ୍ଭାବନା ସୁସ୍ପଷ୍ଟ । ପୁରୀ ଓ ଗଞ୍ଜାମ ଜିଲ୍ଲାରେ କରାଯାଇଥିବା ଚିଙ୍ଗୁଡ଼ି ଚାଷ ପାଇଁ ହେକ୍ଟର ପିଛା ୨,୭୬୭ ଟଙ୍କା ଖର୍ଚ୍ଚ କରାଯାଇଥିବା ସ୍ଥଳେ ଆୟ ହେକ୍ଟର ପିଛା ୧୩,୫୫୦ ଟଙ୍କା ହୋଇ ପାରିଛି । ପ୍ରଥମ ପର୍ଯ୍ୟାୟ ଲୁଣି ଚିଙ୍ଗୁଡ଼ି ଚାଷର ସଫଳତା ବର୍ତ୍ତମାନ ଚିଲିକା ଓ ଗଞ୍ଜାମ ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଏକ ଅଭୂତପୂର୍ବ ଆଗ୍ରହ ସୃଷ୍ଟି କରିଛି । ଗଞ୍ଜାମ ଓ ପୁରୀ ଜିଲ୍ଲାରେ ୪୨ ଜଣ ଘରୋଇ ବ୍ୟକ୍ତି ବ୍ୟାଙ୍କ ଋଣ ସହାୟତାରେ ଏହି ଚିଙ୍ଗୁଡ଼ି ଚାଷ କରି ପ୍ରଥମ ଫସଲରୁ ଆକର୍ଷଣୀୟ ଆୟ ପାଇ ପାରିଛନ୍ତି ।

ରାଜ୍ୟ ସରକାର ୧୯୮୧-୮୨ ବର୍ଷରେ ଉପକୂଳ-ବର୍ତ୍ତୀ ଜିଲ୍ଲାମାନଙ୍କର ଲୁଣି ଚିଙ୍ଗୁଡ଼ି ଓ ମାଛ ଚାଷୋପଯୋଗୀ ସରକାରୀ ଜମିକୁ ୧୫ ବର୍ଷିଆ ଦୀର୍ଘ ମିଆଦି ପଟ୍ଟା ସୂତ୍ରରେ ଆଗ୍ରହୀ ଚିଙ୍ଗୁଡ଼ି ଓ ମାଛ ଚାଷୀଙ୍କୁ ଯୋଗାଇ ଦେବା ପାଇଁ ଆଇନଗତ ବ୍ୟବସ୍ଥା କରିବା ଦ୍ୱାରା

ଓଡ଼ିଶାରେ ଏହି ଲାଭଦାୟକ ଲୁଣି ଚିଙ୍ଗୁଡ଼ି ଚାଷର ସମ୍ଭାବନା ଯଥେଷ୍ଟ ଉଜ୍ଜ୍ୱଳ ହୋଇ ପାରିଛି । ଏହାବ୍ୟତୀତ ଚିଙ୍ଗୁଡ଼ି ଚାଷ ଉନ୍ନୟନ ପାଇଁ ୧୯୮୩-୮୪ ବର୍ଷରେ ଓଡ଼ିଶାରେ ୪ ଗୋଟି ଉପକୂଳବର୍ତ୍ତୀ ଜିଲ୍ଲାପାଇଁ ୨ ଗୋଟି ଲୁଣି ଚିଙ୍ଗୁଡ଼ି ଓ ମାଛ ଚାଷ ଉନ୍ନୟନ ସଂସ୍ଥା ଗଠନ କରାଯାଇଛି ଓ ସେମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ପୁରୀ ଏବଂ ବାଲେଶ୍ୱରଠାରେ ଖୋଲା ଯାଇଛି ।

ଆବଦ୍ଧ ଲୁଣି ପାଣି ପୋଖରୀରେ ସଫଳତାର ସହିତ କରାଯାଇଥିବା ଚିଙ୍ଗୁଡ଼ି ଚାଷର ଫଳାଫଳରୁ ଜଣାଯାଇଛି ଯେ, ସମତଳ ଲୁଣା ଜମିରେ ପୋଖରୀ ଖୋଳାଇ ଯାଇଛି ଯେ, ସମତଳ ଲୁଣା ଜମିରେ ପୋଖରୀ ଖୋଳାଇ ବର୍ଷାପାଣି ଏବଂ ଅଗଭୀର ନଳକୂପ ଦ୍ୱାରା ମୃତ୍ତିକା ତଳ ଲୁଣିପାଣିକୁ ବ୍ୟବହାର କରି ମଧ୍ୟ ବାଗଦା ଚିଙ୍ଗୁଡ଼ି ଚାଷ ସଫଳତାର ସହିତ କରିବା ସମ୍ଭବ । ଏଥିପାଇଁ ସମୁଦ୍ରର ଲୁଣି ଜୁଆର ପାଣିର ଆବଶ୍ୟକତା ପଡ଼ିବ ନାହିଁ । ପାଣିର ଲୁଣି ଅଂଶ ପ୍ରତି ଏକ ହଜାର ଭାଗରେ ୧୦ ରୁ ୧୫ ଭାଗ ଥିଲେ ବାଗଦା ଚିଙ୍ଗୁଡ଼ି ଭଲ ବଢ଼ି ଥାନ୍ତି ମାତ୍ର ୧୫ ରୁ ୨୫ ଭାଗ ଥିଲେ କଣ୍ଟାଳ ଓ ଚାପଡ଼ା ଚିଙ୍ଗୁଡ଼ି ଭଲ ବଢ଼ି ଥାନ୍ତି । ପାଣିର ଲୁଣି ଅଂଶ, ଅମ୍ଳକ୍ଷାର ଓ ଉତ୍ତାପରେ ହଠାତ୍ ପରିବର୍ତ୍ତନ ଘଟିଲେ ତାହା ଚିଙ୍ଗୁଡ଼ି ଚାଷ ପାଇଁ ବିପଦଜନକ ଅବସ୍ଥା ସୃଷ୍ଟି କରିଥାଏ । ବିଶେଷ କରି ଖୋଳପା ଛାଡ଼ିବା ସମୟରେ ପାଣିର ଗୁଣାତ୍ମକ ଅବସ୍ଥାରେ ହଠାତ୍ ପରିବର୍ତ୍ତନ ହେଲେ ପୋଖରୀରେ ବହୁ ସଂଖ୍ୟାରେ ଚିଙ୍ଗୁଡ଼ି ମରିଯିବାର ସମ୍ଭାବନା ଥାଏ ।

ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଓ ଚିଲିକା ହ୍ରଦରେ ମୃତ୍ତିକା, ଜୁଆର ପାଣି ମାଡ଼ିବା, ପାଣି ଓ ମାଟିର ଲୁଣି ଅଂଶ, ଲୁଣି ଜଙ୍ଗଲ ଓ ପ୍ରାକୃତିକ ପରିବେଶରେ ତାରତମ୍ୟ ରହିଥିବାରୁ ଲୁଣି ଚିଙ୍ଗୁଡ଼ି ଚାଷର ବୈଷୟିକ ପ୍ରଣାଳୀରେ ମଧ୍ୟ ସ୍ଥାନ ଅନୁଯାୟୀ ପରିବର୍ତ୍ତନ ଆବଶ୍ୟକ । ଯେଉଁଠି ଲୁଣି ପାଣି ଜୁଆର ଓ ଭଟ୍ଟାର ପ୍ରଭାବ ରହିଥାଏ ଓ ଜମି ଅପେକ୍ଷାକୃତ ସମତଳ ଥାଏ ସେଠାରେ ଜୁଆର ଓ ଭଟ୍ଟା ଦ୍ୱାରା ପ୍ରଭାବିତ ବୈଷୟିକ ପଦ୍ଧତିରେ ଉପଯୋଗ କରାଯାଇ ପାରେ । ମାତ୍ର ଚିଲିକାର କୂଳବର୍ତ୍ତୀ ଅଞ୍ଚଳରେ ଜୁଆର ଆସିବାର ସୁବିଧା ନଥିବା ସମତଳ ଲୁଣା ଜମିରେ ଆବଦ୍ଧ ପୋଖରୀରେ ଅନୁସୃତ ବୈଷୟିକ ପଦ୍ଧତିର ବ୍ୟବହାର ଆବଶ୍ୟକ । ସମୁଦ୍ର କୂଳବର୍ତ୍ତୀ ଜୁଆର ମାଡ଼ୁଥିବା ଅଞ୍ଚଳ ଓ ଲୁଣି ଜଙ୍ଗଲ ଜମିରେ ଚିଙ୍ଗୁଡ଼ି ଚାଷ ଫାର୍ମ ଗଠନ କରିବା ବ୍ୟୟସାପେକ୍ଷ । ଏହି ସବୁ ଅଞ୍ଚଳରେ ବଡ଼ ବଡ଼ କଂପାନୀ, ଶିଳ୍ପ ସଂସ୍ଥା, ବ୍ୟବସାୟୀ ସଂସ୍ଥା ଇତ୍ୟାଦି ଅଧିକ ମୂଳଧନ ବିନିଯୋଗରେ ୨୫ ରୁ ୫୦ ହେକ୍ଟର ଆୟତନ ବିଶିଷ୍ଟ ଚିଙ୍ଗୁଡ଼ି ଫାର୍ମ କରି ପାରିବେ । ଏଥିପାଇଁ ହେକ୍ଟର ପିଛା ପ୍ରାୟ ୫୦ ରୁ ୬୦ ହଜାର ଟଙ୍କା ଆବଶ୍ୟକ ହୋଇ ପାରେ । ମାତ୍ର ରପ୍ତାନୀ-ଯୋଗ୍ୟ ଚିଙ୍ଗୁଡ଼ି ଚାଷରୁ ବାର୍ଷିକ ୪୦ ରୁ ୫୦ ହଜାର ଟଙ୍କା ଆୟ ହୋଇ ପାରିବ ।

ଚିଲିକା କୂଳରେ ଚିଙ୍ଗୁଡ଼ି ଚାଷ ପୋଖରୀ ଖୋଳିବା ପାଇଁ ହେକ୍ଟର ପିଛା ୧୨,୫୦୦ ଟଙ୍କା ଆବଶ୍ୟକ ହେଉଥିଲେ ସୁଦ୍ଧା ବର୍ଷା ଦିନରେ ଚିଲିକାର ଲହଡି ଆଘାତରୁ ପୋଖରୀଗୁଡ଼ିକୁ ରକ୍ଷା କରିବା ପାଇଁ ଶକ୍ତ ଘେରିବନ୍ଧର ଆବଶ୍ୟକତା ରହିଛି । ଏହି ଘେରିବନ୍ଧ ତିଆରି ଅଧିକ ବ୍ୟୟସାପେକ୍ଷ ହୋଇଥିବାରୁ ଓ ସରକାରଙ୍କର ନୀତି ଅନୁଯାୟୀ ଚିଙ୍ଗୁଡ଼ି ଚାଷୋପଯୋଗୀ ଚିଲିକା କୂଳବର୍ତ୍ତୀ ଜମିର ଶତକଡ଼ା ୭୫ ଭାଗ କେବଳ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ୧୫ ବର୍ଷିଆ ପଟ୍ଟା ଦେବା ପାଇଁ ବ୍ୟବସ୍ଥା ରହି-ଥିବାରୁ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା କିମ୍ବା ସରକାରୀ ଅନୁଦାନ ସାହାଯ୍ୟରେ ସେହି ଘେରିବନ୍ଧ ଗୁଡ଼ିକୁ ତିଆରି କରାଯାଇ ପାରେ । ଏହାଦ୍ୱାରା ଦୁର୍ବଳ-ଶ୍ରେଣୀର ବ୍ୟକ୍ତିମାନେ ଚିଙ୍ଗୁଡ଼ି ଚାଷ ପାଇଁ ଏହି ସରକାରୀ ଜମି ପଟ୍ଟା ପାଇବା ପରେ ଅଳ୍ପ ବ୍ୟାଙ୍କ ଋଣ ଓ ସରକାରୀ ଅନୁଦାନ ସାହାଯ୍ୟରେ ପୋଖରୀ ଖୋଳାଇ ଅର୍ଥକରୀ ଲୁଣି ଚିଙ୍ଗୁଡ଼ି ଚାଷ କରି ପାରିବେ ।

ଚିଲିକାରେ ବ୍ୟାପକ ଚିଙ୍ଗୁଡ଼ି ଚାଷ ଯୋଜନା କାର୍ଯ୍ୟକାରୀ କରିବା ସମୟରେ ଏ ଦେଶର ସର୍ବ ବୃହତ୍ ଲୁଣିପାଣି ହ୍ରଦ ଯାହାକି, ବିଶେଷ ପ୍ରାକୃତିକ ସୌନ୍ଦର୍ଯ୍ୟ, ଆକର୍ଷଣୀୟ ନୀଳ ତରଙ୍ଗାୟିତ ଜଳରାଶି, ପାହାଡ଼, ସମୁଦ୍ର ଭୂ-ଭାଗ ଓ ଛୋଟ ବଡ଼ ଦ୍ୱୀପ ପୁଞ୍ଜର ପରିବେଶ ଓ ଅସଂଖ୍ୟ ଦେଶ ବିଦେଶର ହଂସ ଜାତୀୟ ପକ୍ଷୀମାନଙ୍କର ବିହାର ସ୍ଥଳୀ ପାଇଁ ବିଖ୍ୟାତ, ତାହାର ସେହି ମନୋରମ ପ୍ରାକୃତିକ ପରିବେଶର ଯଥାଯଥ ସୁରକ୍ଷା ପାଇଁ ବିଶେଷ ଦୃଷ୍ଟି ଦେବା ଉଚିତ ।

ଓଡ଼ିଶାରେ ପୁଣି ଚିଙ୍ଗୁଡ଼ି ଚାଷର ବ୍ୟାପକ ପ୍ରସାର କରିବାକୁ ହେଲେ ସର୍ବପ୍ରଥମ ପଦକ୍ଷେପ ସ୍ୱରୂପ ଆଧୁନିକ ପ୍ରଣାଳୀରେ ଚିଙ୍ଗୁଡ଼ି ଜାଆଁଳ ଉତ୍ପାଦନ ବ୍ୟବସ୍ଥା ବା "ହେଚ୍ଚରୀ" ପ୍ରତିଷ୍ଠା କରି ସମୟ ଓ ଆବଶ୍ୟକତା ଅନୁଯାୟୀ ବିଶୁଦ୍ଧ ଲୁଣି ବାଗଦା ଓ କଣ୍ଟାଳ ଚିଙ୍ଗୁଡ଼ିର ସମାକୃତି ଜାଆଁଳ ଉତ୍ପାଦନ ଓ ଯୋଗାଣ ଆବଶ୍ୟକ । ଉଭୟ ଚିଙ୍ଗୁଡ଼ି ଚାଷ ପାଇଁ ପୋଖରୀ ସଂଖ୍ୟା ବୃଦ୍ଧି କରିବା ଓ ଉନ୍ନତ ଚିଙ୍ଗୁଡ଼ି ଜାଆଁଳ ଉତ୍ପାଦନ ଏକ ସଙ୍ଗେ ଗତି କରିବା ଆବଶ୍ୟକ ।

ଓଡ଼ିଶାରେ ଥିବା ୧୭ ହଜାର ହେକ୍ଟର ଉପଯୁକ୍ତ ଅଞ୍ଚଳରେ ଯଦି ଭବିଷ୍ୟତରେ ଲୁଣି ଚିଙ୍ଗୁଡ଼ି ଚାଷକୁ ସଫଳ-ତାର ସହିତ ନିର୍ଦ୍ଦିଷ୍ଟ ଯୋଜନା, ଅଗ୍ରଗାମୀ ପ୍ରୟୋଗାତ୍ମକ ଗବେଷଣା ପ୍ରକଳ୍ପ, ସଂପ୍ରସାରଣ ସେବା ଓ ପର୍ଯ୍ୟାପ୍ତ ଭିତ୍ତି କାର୍ଯ୍ୟକ୍ରମ ଜରିଆରେ କରାଯାଇ ପାରିବ, ତେବେ ଏଥିପାଇଁ ପ୍ରାୟ ୮୫ରୁ ୯୦ କୋଟି ଟଙ୍କାର ଆର୍ଥିକ ବିନିଯୋଗ ଅଟକଳ କରାଯାଇଥିବା ସ୍ଥଳେ ଉତ୍ପାଦିତ ଚିଙ୍ଗୁଡ଼ି ରପ୍ତାନୀରୁ ବାର୍ଷିକ ଆୟ ପ୍ରାୟ ୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବାର ସମ୍ଭାବନା ସୁସ୍ପଷ୍ଟ ।

ମୁଖ୍ୟ ନିର୍ବାହୀ ଅଧିକାରୀ,
ଲୁଣି ଚିଙ୍ଗୁଡ଼ି ଓ ମାଛ ଚାଷ ଉନ୍ନୟନ ସଂସ୍ଥା (ପୁରୀ ଗଞ୍ଜାମ),
ପୁରୀ ।

# ପ୍ରଗତି ପ୍ରସଙ୍ଗ

## ନଳକୂପ ଖନନରେ ଉଲ୍ଲେଖନୀୟ ସାଫଲ୍ୟ

ରାଜ୍ୟର ଜଳକ୍ଲିଷ୍ଟ ସମୁଦାୟ ୨୭ ହଜାର ୭୭ଟି ଗ୍ରାମକୁ ପାନୀୟଜଳ ଯୋଗାଇ ଦେବାଲାଗି ସରକାର ଯେଉଁ ବ୍ୟାପକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି, ତଦନୁଯାୟୀ ଚଳିତମାସ ଶେଷ ସୁଦ୍ଧା ୨୫ ହଜାର ୫୫୬ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯାଇ ପାରିବବୋଲି ଆଶାକରାଯାଉଛି । ଏତଦ୍ୱାରା ୧ କୋଟି ୧୦ ଲକ୍ଷ ୬୬ହଜାର ଗ୍ରାମବାସୀ ଉପକୃତ ହୋଇ ପାରିବେ । ସେହିସବୁ ଗ୍ରାମ ମଧ୍ୟରୁ ୧୬ ହଜାର ୩୩୯ ଗ୍ରାମକୁ ସଂପୂର୍ଣ୍ଣ ଭାବରେ ଏବଂ ୯ ହଜାର ୨୧୭ ଗ୍ରାମକୁ ଆଂଶିକ ଭାବରେ ଜଳ ଯୋଗାଇ ଦିଆଯିବ ।

ସ୍ୱାଧୀନତା ପ୍ରାପ୍ତି ପରଠାରୁ ୫ମ ପଂଚବାର୍ଷିକ ଯୋଜନାକାଳ ଶେଷ ସୁଦ୍ଧା ରାଜ୍ୟରେ ମାତ୍ର ୧୧ ହଜାର ୮୪୬ଟି ନଳକୂପ ବସାଯାଇଥିବାସ୍ଥଳେ ୧୯୮୦-୮୧ ମସିହାଠାରୁ ଆଜିସୁଦ୍ଧା ସମୁଦାୟ ୩୯ ହଜାର ୬୬୪ଟି ନଳକୂପ ବସାଯାଇପାରିଛି । ବିଗତ ୫ଟି ଯୋଜନା କାଳମଧ୍ୟରେ ବସାଯାଇଥିବା ସେହିସବୁ ନଳକୂପ ତୁଳନାରେ ଗତ ୪ ବର୍ଷରେ ବସାଯାଇଥିବା ନଳକୂପର ଆନୁପାତିକ ହାର ଶତକଡ଼ା ୩୦୦ହେବ ।

## କଳାହାଣ୍ଡିରେ ଗୋବର ଗ୍ୟାସ ପ୍ଲାଣ୍ଟ

କଳାହାଣ୍ଡି ଜିଲ୍ଲାରେ ଗୋବରଗ୍ୟାସ ପ୍ଲାଣ୍ଟର ଲୋକପ୍ରିୟ କରାଇବା ତଥା ଗ୍ରାମାଂଚଳରେ ଏହାର ବହୁଳ ପ୍ରସାର ନିମନ୍ତେ ବିଭିନ୍ନ ପଦକ୍ଷେପ ନେବା ସଂପର୍କରେ ଗତ ମାର୍ଚ୍ଚ ୮ ତାରିଖ ଦିନ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଓ ସବ୍‌ଡିଭିଜନ ସ୍ତରୀୟ ଅଫିସର-ମାନଙ୍କର ଏକ ବୈଠକରେ ଆଲୋଚନା କରାଯାଇଥିଲା । ଗୋବରଗ୍ୟାସ ପ୍ଲାଣ୍ଟ ସ୍ଥାପନ ପାଇଁ ଋଣ ନେବାକୁ ଆବେଦନ କରୁଥିବା ଲୋକମାନଙ୍କୁ ଅବିଳମ୍ବେ ତାହା ମଂଜୁର କରିବା ଓ ସହଜରେ ଗୋବର ପାଇପାରୁଥିବା ଗ୍ରାମାଂଚଳର ଲୋକମାନଙ୍କୁ ଗୋବରଗ୍ୟାସ ପ୍ଲାଣ୍ଟ ସ୍ଥାପନ ପାଇଁ ଉତ୍ସାହିତ କରିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । କଳାହାଣ୍ଡି ଜିଲ୍ଲାରେ ଏପର୍ଯ୍ୟନ୍ତ ବିଭିନ୍ନ ମଡେଲରେ ୧୩୮ଟି ଗୋବରଗ୍ୟାସ ପ୍ଲାଣ୍ଟ ତିଆରି ହୋଇସାରିଥିବା ଓ ଆହୁରି ୨୧ଟି ପ୍ଲାଣ୍ଟର କାର୍ଯ୍ୟ ଚାଲିଥିବାର ବୈଠକରେ ସମୀକ୍ଷା କରାଯାଇଥିଲା । ଚଳିତମାସ ଶେଷ ସୁଦ୍ଧା ୩୦ଟି ଗୋବରଗ୍ୟାସ ପ୍ଲାଣ୍ଟର କାର୍ଯ୍ୟ ସମାପ୍ତ ହେବବୋଲି ସଂପୃକ୍ତ ବିଭାଗୀୟ କର୍ମଚାରୀଂକଠାରୁ ବୈଠକରେ ପ୍ରକାଶ କରାଯାଇଥିଲା । ସଂପ୍ରତି କଲ୍ୟାଣପୁର ବ୍ଲକର ବଲାଙ୍ଗୀ ଓ ମଣ୍ଡଳ ଗ୍ରାମରେ ସରକାରଂକ ତରଫରୁ ୨୦ ଜଣ ରାଜମିସ୍ତ୍ରୀଂକୁ ଗୋବର ଗ୍ୟାସ ପ୍ଲାଣ୍ଟ ନିର୍ମାଣ ସଂକ୍ରାନ୍ତୀୟ ବୈଷୟିକ ତାଲିମ ଦିଆଯାଉଛି ।

## ବିଦ୍ୟୁତ୍‌ଶକ୍ତିର ସୁସମ ବଣ୍ଟନ

ରାଜ୍ୟରେ ଉତ୍ପାଦିତ ହେଉଥିବା ବିଦ୍ୟୁତ୍‌ଶକ୍ତିର ସୁଷମ ବଣ୍ଟନ ନିମନ୍ତେ କେତେଗୁଡ଼ିଏ ଉଚ୍ଚ ଶକ୍ତି ସଂପନ୍ନ ବିଦ୍ୟୁତ୍ ସରବରାହ ଲାଇନ୍ ଓ ସବ୍-ଷ୍ଟେସନ୍ ପ୍ରତିଷ୍ଠା ପାଇଁ ରାଜ୍ୟ ବିଦ୍ୟୁତ୍ ବୋର୍ଡ ଯୋଜନା କରିଛନ୍ତି । ୧୯୮୪-୮୫ ଆର୍ଥିକ ବର୍ଷରେ ଏଥିପାଇଁ ୨୬ କୋଟି ଟଙ୍କା ବ୍ୟୟ କରାଯିବାର ଆଟକଳ କରାଯାଇଛି । ଜୟପୁର-ଅପର କୋଲାବ, ଭଞ୍ଜନଗର-ଆସ୍କା-ଛତ୍ରପୁର, ଭୁବନେଶ୍ୱର-କଟକ, ବାଲେଶ୍ୱର-ବାରିପଦା, ଖୋର୍ଦ୍ଧା-ପୁରୀ, ସୁନାବେଡ଼ା-ଦାମନଯୋଡ଼ି, ଭଞ୍ଜନଗର-ଭୁବନେଶ୍ୱର ମଧ୍ୟରେ ଉଚ୍ଚ ଶକ୍ତି ସଂପନ୍ନ ଲାଇନ୍ ଟଣା କାର୍ଯ୍ୟକୁ ପ୍ରାଧାନ୍ୟ ଦିଆଯାଉଛି ।

## ସେତୁ ନିର୍ମାଣ କାର୍ଯ୍ୟକ୍ରମ

ଆସନ୍ତା ଆର୍ଥିକ ବର୍ଷରେ ରାଜ୍ୟ ସରକାର ବିଭିନ୍ନ ନଦୀ-ନାଳ ଉପରେ ୨୧ଟି ସେତୁ ନିର୍ମାଣ କରିବା ପାଇଁ ପଦକ୍ଷେପ ନେଇଛନ୍ତି । ସେ ବାବଦରେ ସମୁଦାୟ ୩ କୋଟି ୯୮ ଲକ୍ଷ ୩୪ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି । ପ୍ରସ୍ତାବିତ ଏହି ସେତୁ ଗୁଡ଼ିକ ହେଲା :— କଳାହାଣ୍ଡି ଜିଲ୍ଲାର ଦେଲଙ୍ଗା-ଭବାନୀପାଟଣା ରାସ୍ତାର ତେଲନଦୀ ଉପରେ ସେତୁ, ଭବାନୀପାଟଣା-ଖଡ଼ିଆଳ

ରାସ୍ତାରେ ଏକ ଛୋଟ ଧରଣର ସେତୁ, ସମ୍ବଲପୁର ଜିଲ୍ଲାରେ ସେତୁ, ପାଇକମାଳ–ଝେରୋବନ୍ଧ ରାସ୍ତାର ଅଙ୍ଗ ନଦୀରେ ସେତୁ, ଦେଓଗଡ଼-ମାଳତି ଦେଉଳି ରାସ୍ତାର ତଂପାଳୀ ସେତୁ । ବଲାଙ୍ଗୀର ଜିଲ୍ଲାରେ ସୁକତେଲ ନଦୀ ଉପରେ ସେତୁ ଏବଂ ବାଲେଶ୍ୱର ଜିଲ୍ଲାରେ ଓଭରବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ମଧ୍ୟ ଆସନ୍ତା ବର୍ଷ କାର୍ଯ୍ୟକାରୀ ହେବ । ଗଞ୍ଜାମ ଜିଲ୍ଲାରେ ଯେଉଁ ୩ଟି ସେତୁର ନିର୍ମାଣ ପ୍ରସ୍ତାବ ରହିଛି, ସେଗୁଡ଼ିକ ହେଲ :—ବି : ଏନ୍ : ପାତ୍ରପୁର ରାସ୍ତାରେ ଖରଖରୀ ସେତୁ, ବାଘି ଓ ବାହୁଦା ସେତୁ । ପୁରୀ ଜିଲାର ସେତୁଗୁଡ଼ିକ ହେଲ :— ସାତଶଂଖ-ବନ୍ଧଙ୍ଗା ରାସ୍ତାରେ ଭାର୍ଗବୀ ସେତୁ ଏବଂ କାକଟପୁର-କୋଣାର୍କ ରାସ୍ତାରେ କାଦୁଆ ସେତୁ । ସେହିପରି କୋରାପୁଟ ଜିଲ୍ଲାର ଗୋବିନ୍ଦପୁର-ସାଳିମି ରାସ୍ତାରେ କୋଲାବ ସେତୁ ଓ ଝଞ୍ଜାବତୀ ସେତୁ ଏବଂ ମୟୂରଭଞ୍ଜ ଜିଲ୍ଲାର ମହାନ୍ତି ନାଳ ସେତୁ । କଟକ ଜିଲ୍ଲାରେ ଯେଉଁସବୁ ସେତୁ କାର୍ଯ୍ୟକାରୀ ହେବ, ସେଗୁଡ଼ିକ ହେଲ—ବ୍ରାହ୍ମଣୀ ସେତୁ, କଟକ ରେଲୱେ ଫ୍ଲାଇ ଓଭର, କଟକ-ଗୁନ୍ଦବାଲି ରାସ୍ତାରେ ଗୋବରୀ ସେତୁ, ସାପୁଆ ନଦୀ ସେତୁ ଏବଂ ମହାନଦୀ ସେତୁ ଢେଙ୍କାନାଳ ଜିଲ୍ଲାର ଢେଙ୍କାନାଳ-କାମାକ୍ଷାନଗର ରାସ୍ତାରେ ରାମିଆଳ ସେତୁର ନିର୍ମାଣ ପ୍ରସ୍ତାବ ରହିଛି ।

ଏହା ବ୍ୟତୀତ ଆସନ୍ତା ଆର୍ଥିକ ବର୍ଷରେ କଳାହାଣ୍ଡି ଜିଲ୍ଲାରେ ଧରମଗଡ଼-ଗୋଲମୁଣ୍ଡା-ସିନାପାଲ୍ଲୀ, ରାସ୍ତା, ସୁନ୍ଦରଗଡ଼ ଜିଲ୍ଲାରେ ସୁନ୍ଦରଗଡ଼-ଲେଫ୍ରିପଡ଼ା ରାସ୍ତା ଓ କୁଜୁରଲଷା-କଥାପୁର ରାସ୍ତା ଏବଂ ସମ୍ବଲପୁର ଜିଲ୍ଲାରେ ଭୋଜପୁର-ଲଇସୁରା ରାସ୍ତା ଗୁଡ଼ିକର ମଧ୍ୟ ନିର୍ମାଣ କାର୍ଯ୍ୟ ହାତକୁ ନେବାର କାର୍ଯ୍ୟକ୍ରମ ରହିଛି । ଏ ବାବଦରେ ୪୯ ଲକ୍ଷ ୩୬ ହଜାର ଟଙ୍କା ବ୍ୟୟ ବରାଦ ହୋଇଛି ।

## ଷଷ୍ଠ ଯୋଜନାରେ ସେତୁ ନିର୍ମାଣ

ରାଜ୍ୟ ସରକାର ଚଳିତ ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ବିଭିନ୍ନ ଅଞ୍ଚଳରେ ସେତୁ ନିର୍ମାଣ କରିବା ଉପରେ ବିଶେଷ ଗୁରୁତ୍ୱ ଆରୋପ କରି ସମୁଦାୟ ୬୦ଟି ସେତୁର କାର୍ଯ୍ୟ ହାତକୁ ନେଇଥିଲେ । ତନ୍ମଧ୍ୟରୁ ୨୮ଟି ସେତୁର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ଯାଇଛି ଏବଂ ଏଗୁଡ଼ିକ ମଧ୍ୟରେ ଷଷ୍ଠ ଯୋଜନା ପୂର୍ବରୁ ଅସଂପୂର୍ଣ୍ଣ ରହିଥିବା ୧୭ଟି ନଦୀ ସେତୁ ମଧ୍ୟରୁ ୧୧ଟି ସେତୁ ଓ ଚଳିତ ଯୋଜନା କାଳ ମଧ୍ୟରେ ଆରମ୍ଭ ହୋଇଥିବା ୪୩ଟି ସେତୁ ମଧ୍ୟରୁ ୧୭ଟି ସେତୁ ଅନ୍ତର୍ଭୁକ୍ତ ।

ବର୍ତ୍ତମାନ ଅବଶିଷ୍ଟ ୩୨ଟି ସେତୁର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି । ତନ୍ମଧ୍ୟରେ ପୂର୍ବର ଅସଂପୂର୍ଣ୍ଣ ରହି ଆସିଥିବା ୬ଟି ସେତୁ ଏବଂ ଚଳିତ ଯୋଜନା କାଳର ଅସଂପୂର୍ଣ୍ଣ ଥିବା ୨୬ଟି ସେତୁ ଅନ୍ତର୍ଭୁକ୍ତ ।

ଷଷ୍ଠ ଯୋଜନାର ପ୍ରାରମ୍ଭରେ ଅସଂପୂର୍ଣ୍ଣ ଥାଇ ବର୍ତ୍ତମାନ ସରକାରଙ୍କ ଦ୍ୱାରା ପୂର୍ଣ୍ଣାଙ୍ଗ ହୋଇଥିବା ୧୧ଟି ସେତୁ ହେଲ :—ପୁରୀ ଜିଲ୍ଲାର କୁସୁମୀ ଓ କହିମା, ବାଲେଶ୍ୱରର ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା, ଗଞ୍ଜାମର ବାଘି, କଟକର ଗୋବରୀ, କୋରାପୁଟର ନାଗାବଳୀ ଓ 'ଝଞ୍ଜାବତୀ, କେନ୍ଦୁଝରର କାଳିଞ୍ଜର ଓ ସୋଣ ଏବଂ ବାଲେଶ୍ୱରର ଜଣ୍ଡିଆଡିରା । ସେହିପରି ପୂର୍ବରୁ ଅସଂପୂର୍ଣ୍ଣ ଥାଇ ବର୍ତ୍ତମାନ ଯେଉଁ ୬ଟି ସେତୁର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି, ସେଗୁଡ଼ିକ ହେଲ :— ସମ୍ବଲପୁରର ବ୍ରାହ୍ମଣୀ, କେନ୍ଦୁଝରର ବୈତରଣୀ, କଟକର ବ୍ରାହ୍ମଣୀ, କଳାହାଣ୍ଡିର ଜକ୍ ଏବଂ କୋରାପୁଟ ଜିଲ୍ଲାର ସାନ ନଇ ଓ ତେଲଗୁରୀ ସେତୁ ।

## ଜଳସେଚନ କାର୍ଯ୍ୟକ୍ରମ

ରାଜ୍ୟରେ ଜଳସେଚନ କାର୍ଯ୍ୟକ୍ରମକୁ ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ପ୍ରାଧାନ୍ୟ ଦିଆଯାଇଛି ଏବଂ ଏହି ଅଭିମୁଖ୍ୟକୁ ସଫଳ କରିବା ପାଇଁ ଯେଉଁସବୁ ପଦକ୍ଷେପ ନିଆଯାଇଛି, ତାହା ହେଲ—ଅସଂପୂର୍ଣ୍ଣ ଅବସ୍ଥାରେ ଥିବା ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକୁ ସଂପୂର୍ଣ୍ଣ କରିବା ଏବଂ କେତେକ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ କରିବା । ଏହି କାର୍ଯ୍ୟକ୍ରମରେ ମରୁଡ଼ି ପ୍ରପୀଡ଼ିତ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଆରୋପ କରାଯାଇଛି । ଯୋଜନା ଅନ୍ତର୍ଗତ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଜରିଆରେ ୧୯୮୨-୮୩ ମସିହା ଶେଷ ସୁଦ୍ଧା ରାଜ୍ୟରେ ମୋଟ ୮ ଲକ୍ଷ ୩ ହଜାର ୪୪୦ ହେକ୍ଟର ଖରିଫ୍ ଓ ୩ ଲକ୍ଷ ୬୪ ହଜାର ୪୫୦ ହେକ୍ଟର ରବି ଫସଲ ପାଇଁ ଜଳସେଚନ କାର୍ଯ୍ୟ ସାମର୍ଥ୍ୟ ସୃଷ୍ଟି କରାଯାଇପାରିଛି । ୧୯୮୩-୮୪ ବର୍ଷରେ ଏଥିପାଇଁ ୭୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ଅତିରିକ୍ତ ୧୮ ହଜାର ୮୦ ହେକ୍ଟର ଖରିଫ୍ ଓ ୧୪ ହଜାର ୫୦ ହେକ୍ଟର ରବି ଫସଲ ପାଇଁ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରାଯିବାର ପରିକଳ୍ପନା କରାଯାଇଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ କାଲୋ ଓ ଡୁମରବାହାଲ ଯୋଜନାର କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ।

## ଭୁବନେଶ୍ୱର-କଟକ ଜାତୀୟ ରାଜପଥ ଯୋଜନା

କଟକ ଓ ଭୁବନେଶ୍ୱର ସହର ଦୁଇଟିର କ୍ରମଶଃ ଅଭିବୃଦ୍ଧି ହେଉଥିବାରୁ ଏବଂ ସହର ଉପକଣ୍ଠ ଅଞ୍ଚଳମାନଙ୍କରେ ବିଭିନ୍ନ ଶିଳ୍ପ କାରଖାନା ନିର୍ମିତ ହେଉଥିବା ଦୃଷ୍ଟିରୁ ଏହି ସହର ଦୁଇଟିକୁ ସଂଯୋଗ କରୁଥିବା ୫ ନମ୍ବର ଜାତୀୟ ରାଜପଥକୁ ଅଧିକ ପ୍ରଶସ୍ତ କରିବା

କରି ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି । ଏହି ରାଜପଥର ଖଣ୍ଡଗିରି ଛକଠାରୁ ମହାନଦୀ ସେତୁ ପର୍ଯ୍ୟନ୍ତ ୩୧ ଦଶମିକ ୬୫ କି: ମି: ରାସ୍ତାକୁ ୪ଟି ଲେନ୍‌ରେ ପରିବର୍ଦ୍ଧିତ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି । ତଦନୁଯାୟୀ ଏହି ରାସ୍ତାରେ ୪ ଟି ଛୋଟ ସେତୁ ଏବଂ କୁଆଖାଇ ଓ କାଠଯୋଡ଼ି ନଦୀ ଉପରେ ୨ଟି ବଡ଼ ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି । ଏ ବାବଦରେ ପ୍ରାୟ ୨୯ କୋଟି ୮୫ଲକ୍ଷ ୪୬ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇ କେନ୍ଦ୍ର ଜାହାଜ ଚଳାଚଳ ଓ ପରିବହନ ମନ୍ତ୍ରଣାଳୟଙ୍କ ନିକଟକୁ ପଠାଯାଇଛି ।

କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କର ଏ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । କେନ୍ଦ୍ର ସରକାରଙ୍କଠାରୁ ବୈଷୟିକ ଅନୁମୋଦନ ଓ ଆର୍ଥିକ ମଞ୍ଜୁରୀ ପାଇବା ପରେ ଏହି କାର୍ଯ୍ୟ ତୁରନ୍ତ ହାତକୁ ନିଆଯିବ ।

ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଏହି ଜାତୀୟ ରାଜପଥରେ ଦୈନିକ ୩ ହଜାର ମାଲବାହୀ ଗାଡ଼ି ଏବଂ ୨୦ ହଜାର ଯାତ୍ରୀବାହୀ ଗାଡ଼ି ସମେତ ବହୁ ସଂଖ୍ୟକ କାର, ଜିପ୍, ସାଇକେଲ୍, ରିକ୍ସା, ଶଗଡ଼ ଇତ୍ୟାଦି ଯାନବାହାନ ଚଳାଚଳ କରୁଥିବାରୁ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଛି । ସେହି ଦୃଷ୍ଟିରୁ ଏହାକୁ ପ୍ରଶସ୍ତ କରିବା ଆବଶ୍ୟକ ହେଉଛି ।

## ଉଚ୍ଚସ୍ତରୀୟ ପରିବହନ ସମନ୍ୱୟ କମିଟି ବୈଠକରେ ପରିବହନ ଓ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍‌ବୋଧନ

ରାଜ୍ୟ ସଚିବାଳୟଠାରେ ଉଚ୍ଚସ୍ତରୀୟ ପରିବହନ କମିଟିର ବୈଠକ ପରିବହନ ଓ ରାଜସ୍ୱମନ୍ତ୍ରୀ ଶ୍ରୀ ବାସୁଦେବ ମହାପାତ୍ରଙ୍କର ଅଧ୍ୟକ୍ଷତାରେ ଗତ ମାର୍ଚ୍ଚ ମାସ ୨୪ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । ବୈଠକ ଆରମ୍ଭରେ ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ମହାପାତ୍ର କହିଲେ ଯେ, ଚଳିତ ଆର୍ଥିକ ବର୍ଷ କେନ୍ଦ୍ର ବଜେଟରେ ଏକ କୋଟି ଟଙ୍କା ତାଳଚେର ଓ ସମ୍ବଲପୁର ରେଳରାସ୍ତା ପାଇଁ ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଓ ରେଳବାଇ ମନ୍ତ୍ରଣାଳୟଠାରେ ଆମେ କୃତଜ୍ଞତା ଜ୍ଞାପନ କରୁଛୁ । ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ପ୍ରଶଂସନୀୟ । ଏ ଦିଗରେ ରାଜ୍ୟ ସରକାର ମଧ୍ୟ ଆବଶ୍ୟକୀୟ ଜମି ନେବା କାର୍ଯ୍ୟ ଆରମ୍ଭ କରିଛନ୍ତି ।

କୋରାପୁଟ-ରାୟଗଡ଼ା ରେଳରାସ୍ତା ନିର୍ମାଣ ଦିଗରେ ମଧ୍ୟ କେନ୍ଦ୍ର ସରକାର ରେଳବାଇ ବଜେଟରେ ଚଳିତବର୍ଷ ପାଇଁ ୧୨ କୋଟି ୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏ ଦିଗରେ ମଧ୍ୟ କାର୍ଯ୍ୟ ଆଗେଇଛି । ତୃତୀୟ ପ୍ରକଳ୍ପଟି ହେଲା ଦଇତାରୀ-କେନ୍ଦୁଝର ରେଳରାସ୍ତାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ । ଏହା ଜଖପୁରା-ବାଂଶପାଣି ରେଳବାଇ ପ୍ରକଳ୍ପର ଅଂଶ ବିଶେଷ । ଏହା ମଞ୍ଜୁରୀ ପାଇଥିଲେ ମଧ୍ୟ ଆବଶ୍ୟକୀୟ ପାଣ୍ଠି ଅଭାବରୁ କାମ ବିଶେଷ ଆଗେଇ ପାରିନାହିଁ । ଏହି ରେଳରାସ୍ତା ଦ୍ୱାରା ବଡ଼ବିଲ, କେନ୍ଦୁଝର ଓ ଦଇତାରୀ ଅଞ୍ଚଳରେ ଅନେକ ନୂତନ ଶିଳ୍ପ ଗଢି ଉଠିବ । ଏହିସବୁ ଅଞ୍ଚଳର ଆର୍ଥିକ ଉନ୍ନତି ପାଇଁ ରେଳରାସ୍ତା କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଅର୍ଥ ମଞ୍ଜୁର କରିବା ପାଇଁ ରେଳବାଇ ମନ୍ତ୍ରଣାଳୟକୁ ଆବେଦନ କରାଯାଇଛି । ରାଉରକେଲା-ବରସୁଆଁ ମଧ୍ୟରେ ଥିବା ଡୁମିତରା ଓ ବିମଳଗଡ଼ ରେଳଲାଇନ୍ ସହ ଅନ୍ୟ ଗୋଟିଏ ରେଳଲାଇନ୍ କରିବା ପାଇଁ ସରକାର ୭ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏହାଦ୍ୱାରା କିରିବୁରୁ ଓ ବରସୁଆଁ ଅଞ୍ଚଳରୁ ସ୍ଥିଲ ପ୍ଲାଣ୍ଟକୁ ଲୁହାପଥର ସୁବିଧାରେ ଯାଇପାରିବ ।

ଖୋର୍ଦ୍ଧା ରୋଡରୁ ବଲାଙ୍ଗୀର ପର୍ଯ୍ୟନ୍ତ ଗୋଟିଏ ରେଳରାସ୍ତା ନିର୍ମାଣ କରିବାକୁ ସର୍ଭେ କାର୍ଯ୍ୟ ଚାଲିଛି । ରାଜ୍ୟରେ ରେଳ ଚଳାଚଳର ଉନ୍ନତି ପାଇଁ କେନ୍ଦ୍ର ସରକାର ଓ ରେଳବାଇ ମନ୍ତ୍ରଣାଳୟ ଅନେକଗୁଡ଼ିଏ ଉନ୍ନୟନ କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି । ଗତ ଚାରିବର୍ଷ ମଧ୍ୟରେ ୩ ଶହ କୋଟି ଟଙ୍କା ବିଭିନ୍ନ ପ୍ରକଳ୍ପ ବାବଦକୁ ମଞ୍ଜୁର କରାଯାଇଛି । ବ୍ରିଟିଶ ସରକାର ସ୍ୱାଧୀନତା ପୂର୍ବରୁ ରାଜ୍ୟରେ ମାତ୍ର ୧,୩୦୦ କିଲୋମିଟର ରେଳରାସ୍ତା ନିର୍ମାଣ କରିଥିଲେ । ୧୯୪୭–୭୯ ମସିହା ମଧ୍ୟରେ ୬୦୦ କିଲୋମିଟର ରେଳରାସ୍ତା ଏବଂ ଗତ ଚାରିବର୍ଷ ମଧ୍ୟରେ ଆହୁରି ୫୦୦ କିଲୋମିଟର ରେଳରାସ୍ତା ନିର୍ମାଣ କରିବାକୁ ମଞ୍ଜୁର ମିଳିଛି ।

ରାଜ୍ୟରେ ରେଳଯାତ୍ରୀମାନଙ୍କ ଯିବା ଆସିବାର ସୁବିଧା ସୁଯୋଗ ବୃଦ୍ଧି କରିବା ବିଷୟ ମଧ୍ୟ ବୈଠକରେ ଆଲୋଚିତ ହୋଇଥିଲା । ଅଧିକ ରେଳଗାଡ଼ି ଯୋଗାଇ ପଶ୍ଚିମାଞ୍ଚଳ ଯାତ୍ରୀମାନଙ୍କ ପାଇଁ ସୁବିଧା ଯୋଗାଇବାକୁ, ଟିଟିଲାଗଡ଼ ଓ ସମ୍ବଲପୁର ମଧ୍ୟରେ ଅଧିକ ଯାତ୍ରୀଗାଡ଼ି ଚଳାଚଳ ବ୍ୟବସ୍ଥା ଗ୍ରହଣ କରିବାକୁ, କୋରାପୁଟ ଓ ଭୁବନେଶ୍ୱର ଯାତ୍ରୀଙ୍କ ପାଇଁ ଗୋଟିଏ କୋଚ୍ ଦେବାକୁ ହାବଡ଼ା-ଝାରସୁଗୁଡ଼ା ମଧ୍ୟରେ ଏକ୍ସପ୍ରେସ୍ ଗାଡ଼ିକୁ ସମ୍ବଲପୁର ରେଳଷ୍ଟେସନ ପର୍ଯ୍ୟନ୍ତ ନେବା ବ୍ୟବସ୍ଥା କରିବା ବିଷୟରେ ରେଳବାଇ କର୍ତ୍ତୃପକ୍ଷଙ୍କୁ ନିବେଦନ କରାଯାଇଛି । ଶେଷରେ ଶ୍ରୀ ମହାପାତ୍ର କଟକ ପାରାଦ୍ୱୀପ ରେଳରାସ୍ତା ମଧ୍ୟରେ ଝଙ୍କଡ଼, କୁଜଙ୍ଗ, ନୈରାଜ ରଘୁନାଥପୁରଠାରେ ରେଳଷ୍ଟେସନ ଖୋଲିବା, ଗୁରୁଡିଝାଟିଆ ଓ ଛଅଗାଁ ଓ ଘଣ୍ଟିଖାଲ ରେଳରାସ୍ତାରେ ମଧ୍ୟରେ ଷ୍ଟେସନ ଖୋଲିବାକୁ ଅନୁରୋଧ କରିଥିଲେ । ନୀଳାଚଳ ଏକ୍ସପ୍ରେସ ପ୍ରତିଦିନ ଯିବା ଆସିବା କରିବା

ପାଇଁ ମଧ୍ୟ ଶ୍ରୀ ମହାପାତ୍ର କହିଥିଲେ । ବୈଠକରେ ଦକ୍ଷିଣ ପୂର୍ବ ରେଳବାଇର କର୍ମକର୍ତ୍ତାଗଣ, ରାଜ୍ୟର ବିଭିନ୍ନ ନିଗମର ଚେୟାରମ୍ୟାନ, ବଣିକ ସଂଘର ପ୍ରତିନିଧି, ଶିଳ୍ପାନୁଷ୍ଠାନଗୁଡ଼ିକର ପ୍ରତିନିଧି, ବିଭିନ୍ନ କମ୍ପାନୀର ପ୍ରତିନିଧି ରେଳ ଚଳାଚଳ ଓ ମାଲବାହୀ ଗାଡ଼ି ସହ ସମ୍ପୃକ୍ତ ପ୍ରତିନିଧି, ସମ୍ପୃକ୍ତ ବିଭାଗୀୟ କର୍ମକର୍ତ୍ତା, ରାଜ୍ୟ ପରିବହନ ନିଗମର ଚେୟାରମ୍ୟାନ ତଥା ଶାସନ ସଚିବ, ପରିବହନ ବିଭାଗରେ ରେଳବାଇ ସମନ୍ୱୟ କମିଶନର ଓ ସ୍ୱତନ୍ତ୍ର ଶାସନ ସଚିବ ପ୍ରମୁଖ ଯୋଗଦେଇ ରାଜ୍ୟରେ ରେଳ ଚଳାଚଳ, ମାଲ ପରିବହନ ଯାତ୍ରୀଙ୍କ ସୁବିଧା, ଶିଳ୍ପ ଉନ୍ନତି ଓ ରାଜ୍ୟର ଆର୍ଥିକ ଉନ୍ନତି ଦିଗରେ ସମନ୍ୱୟ କମିଟିର ସଦସ୍ୟମାନେ ବିଶଦ ଭାବେ ଆଲୋଚନା କରି ଏସବୁ ଦିଗରେ ଯାବତୀୟ ଉନ୍ନତି ଓ ପ୍ରଗତି କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ ।

## ପାନୀୟ ଜଳଯୋଗାଣ

ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ଅନୁଯାୟୀ ଫେବୃୟାରୀ ମାସରେ ୭୦୦ଟି ଗ୍ରାମରେ ସମ୍ପୂର୍ଣ୍ଣ ଭାବରେ ଓ ୧୯୮ଟି ଗ୍ରାମରେ ଆଂଶିକ ଭାବେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା । ୧୯୮୩-୮୪ରେ ଉଭୟ ସମ୍ପୂର୍ଣ୍ଣ ଓ ଆଂଶିକ ଜଳ ଯୋଗାଣର ଧାର୍ଯ୍ୟ ଲକ୍ଷ୍ୟ ୫,୦୬୦ଟି ଗ୍ରାମ ମଧ୍ୟରୁ ଫେବୃୟାରୀ ଶେଷ ସୁଦ୍ଧା ମୋଟ ୬,୪୯୭ ଟି ଗ୍ରାମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଗଲାଣି । ତନ୍ମଧ୍ୟରୁ ୩,୫୬୬ଟି ଗ୍ରାମରେ ସମ୍ପୂର୍ଣ୍ଣ ଭାବରେ ଓ ୨,୯୩୧ଟି ଗ୍ରାମରେ ଆଂଶିକ ଭାବେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି ।

## ରାଜ୍ୟରୁ ରାଜ୍ୟକୁ

ଓଡ଼ିଶାରୁ ପଡ଼ୋଶୀ ରାଜ୍ୟ ତଥା ପଶ୍ଚିମବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ଆନ୍ଧ୍ର ପ୍ରଦେଶକୁ ମାଲବାହୀ ଗାଡ଼ି ସଡ଼କ ପଥରେ ଯିବାଆସିବା କରିବାପାଇଁ ଉକ୍ତ ରାଜ୍ୟଗୁଡ଼ିକ ସହିତ ରାଜିନାମା ଗ୍ରହଣ କରାଯାଇଛି । ସେଥିପାଇଁ ପଡ଼ୋଶୀ ରାଜ୍ୟକୁ ମାଲବାହୀ ଗାଡ଼ି ଯିବା ଆସିବା କରିବାରେ ପରିବହନ ବିଭାଗ ତରଫରୁ ପଶ୍ଚିମବଂଗ ପାଇଁ ୨୨୦ଟି, ବିହାର ପାଇଁ ୧୮୦, ଆନ୍ଧ୍ରପ୍ରଦେଶ ପାଇଁ ୫୮୦ ଓ ମଧ୍ୟପ୍ରଦେଶ ପାଇଁ ୧୪୭ଟି ଗାଡ଼ିକୁ ପରମିଟ୍ ଦିଆଯାଇଛି । ଏହାଫଳରେ ରାଜ୍ୟର ଅର୍ଥନୈତିକ ଉନ୍ନତି ଘଟିବା ସଂଗେ ସଂଗେ ମାଲବାହୀ ଗାଡ଼ିଗୁଡ଼ିକ ସୁବିଧାରେ ଯିବାଆସିବା କରୁଛନ୍ତି । ଯାତ୍ରୀବାହୀ ଗାଡ଼ିଗୁଡ଼ିକ ମଧ୍ୟ ଏହିପରି ଯିବାଆସିବା କରିବାରେ ନୂତନ ରାସ୍ତା ପରିମିଟ୍ ଦେବା ପାଇଁ ରାଜ୍ୟ ପରିବହନ କମିଶନର ବିହାର ଓ ପଶ୍ଚିମବଂଗ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି । ଏହା ଫଳରେ ବିହାରକୁ ୬ଟି ନୂତନ ଯାତ୍ରୀବାହୀ ଗାଡ଼ି ଓ ପଶ୍ଚିମବଂଗକୁ ୫ଟି ନୂତନ ଯାତ୍ରୀବାହୀ ଗାଡ଼ି ଯିବାଆସିବା କରି ପାରିବ ।

ଫେବୃୟାରୀ ମାସ ଶେଷ ସୁଦ୍ଧା ୪୨,୨୩୦ ଜଣ ଲୋକଙ୍କୁ ଘରଡିହ ଯୋଗାଇ ଦିଆଯାଇଛି । ଏ କ୍ଷେତ୍ରରେ ଓଡ଼ିଶା ଧାର୍ଯ୍ୟ ଲକ୍ଷ୍ୟ ୨୦ ହଜାରରୁ ଟପି ସାରିଛି । ଫେବୃୟାରୀ ମାସ ଶେଷସୁଦ୍ଧା ୩,୫୧୬ ଜଣ ବ୍ୟକ୍ତିଙ୍କୁ ଗୃହ ନିର୍ମାଣ ବାବଦକୁ ସାହାଯ୍ୟ ଦିଆଯାଇଛି । ଏହି ସମୟ ମଧ୍ୟରେ ୯,୫୯୨ ଟି ଘର ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକଙ୍କୁ ଯୋଗାଇ ଦିଆଯାଇଛି ଓ ଏହି ସମୟ ମଧ୍ୟରେ ୩୫,୪୦୦ ଜଣ ସହର ତଳି କଣ୍ଟି ଚାହିଦା ଉପକୃତ ହୋଇଛନ୍ତି ।

## ୭ଟି ନଦୀ ଉପରେ ସେତୁ ନିର୍ମାଣ

ନବ ଗଠିତ ଓଡ଼ିଶା ସେତୁ ନିର୍ମାଣ ନିଗମର ଉଦ୍ୟମରେ ରାଜ୍ୟର ୭ଟି ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି । ସେଗୁଡ଼ିକ ହେଲା:— ବଲାଙ୍ଗୀର-ଭବାନୀପାଟଣା ରାସ୍ତାର ତେଲ ନଦୀ ଉପରେ ସେତୁ, ଗୋବିନ୍ଦପୁର-ସାଲିମ୍ ରାସ୍ତାର ସାବେରୀ (କୋଲାବ) ନଦୀ ଉପରେ ସେତୁ, ମୟୁରଭଞ୍ଜ ଜିଲ୍ଲାରେ ବୁଢ଼ାବଳଙ୍ଗ ନଦୀ ଉପରେ ସେତୁ, ଢେଙ୍କାନାଳ-କାମାକ୍ଷାନଗର ରାସ୍ତାର ରାମିଆଲ ନଦୀ ଉପରେ ସେତୁ, ବଲାଙ୍ଗୀର-ଛନ୍ଦାରାଟି ରାସ୍ତାର ସୁକତେଲ ନଦୀ ଉପରେ ସେତୁ, ବ୍ରହ୍ମଗିରି-ଡେଲଙ୍ଗ ରାସ୍ତାର ଭାର୍ଗବୀ ନଦୀ ଉପରେ ସେତୁ ଏବଂ ରେମୁଣା-ଦୁର୍ଗାଦେବୀ ରାସ୍ତାର ସୋନୋ ନଦୀ ଉପରେ ସେତୁ ।

ଏହି ନିଗମ ଗତବର୍ଷ ଜାନୁୟାରୀ ମାସଠାରୁ ବିଭିନ୍ନ ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି । ବିଭିନ୍ନ ଅର୍ଥ ଲଗାଣ ସଂସ୍ଥାଠାରୁ ଅର୍ଥ ସଂଗ୍ରହ କରି ବିନିଯୋଗ କରିବା ସଙ୍ଗେ ସଙ୍ଗେ ଏହି ନିଗମ ଉକ୍ତ ସେତୁଗୁଡ଼ିକରେ ମଧ୍ୟ ଟୋଲ ଆଦାୟ କରିବେ ।

## ପଲ୍ଲୀ ପ୍ରଗତି ପ୍ରକଳ୍ପ

ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ଚଳିତ ଆର୍ଥିକ ବର୍ଷର ଫେବୃୟାରୀ ଶେଷ ପର୍ଯ୍ୟନ୍ତ ରାଜ୍ୟର ମୋଟ ୧ଲକ୍ଷ ୫୪ ହଜାର ୪୯୭ଟି ପରିବାର ଉପକୃତ ହୋଇଛନ୍ତି । ଏ ମଧ୍ୟରେ ୩୧ ହଜାର ୭୨୩ଟି ଅନୁସୂଚିତ ଜନଜାତି ଓ ୩୮ ହଜାର ୫୪୧ଟି ଅନୁସୂଚିତ ସଂପ୍ରଦାୟ ପରିବାର ଅନ୍ତର୍ଭୁକ୍ତ । ଏହି ସମୟ ମଧ୍ୟରେ ଜାତୀୟ କର୍ମଯୋଗାଣ ଯୋଜନା ଦ୍ୱାରା ୧ କୋଟି ୨୭ ଲକ୍ଷ ୯୮ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇ ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକଙ୍କୁ ଉପାର୍ଜନ ସୁବିଧା ଯୋଗାଇ ଦିଆଯାଇଥିଲା ।

ଫେବୃୟାରୀ ମାସ ଶେଷ ସୁଦ୍ଧା ୪,୨୫୩ଜଣ ଗୋଡି ଶ୍ରମିକଂକୁ ଥଇଥାନ କରାଯାଇଥିଲା ଓ ଏହି ସମୟ ମଧ୍ୟରେ ୮୩,୦୦୧ଟି ଅନୁସୂଚିତ ଜାତି ଓ ୭୬,୨୬୪ଟି ଅନୁସୂଚିତ ସଂପ୍ରଦାୟ ପରିବାରଂକୁ ଆର୍ଥିକ ସହାୟତା ଦିଆଯାଇଥିଲା ।

OGP—MP-VI (I. & P. R.) 3—15,000—5-5-1984






P.M RECEIVES 'ASIAN PERSONALITY OF THE YEAR' AWARD FROM NETHERLANDS ENVOY



'ଓଡ଼ିଶା-୮୪'ରୁ ପ୍ରେସ୍ ପ୍ରଦର୍ଶନୀ ମଣ୍ଡପ

'SOYUZ T-11'




Vol. XL No. 10

UTKAL PRASANGA

Regd. No. O-05/84

Licence No. C. R. N. P. 5

Licensed to post without Pre-Payment






PRINTED AT ORISSA GOVERNMENT PRESS, CUTTACK-753010


ଉତ୍କଳ ପ୍ରସଙ୍ଗ
୧୫ ଅଗଷ୍ଟ ୧୯୮୪